

ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-72 ◆FRIDAY ◆5 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୨ ◆ଶୁକ୍ରବାର ◆୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇପିଏଲ୍ ଟିକଟ ଉପରେ ୪୦% ଜିଏସ୍‌ଟି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ଭାରତରେ କ୍ରିକେଟ୍‌ର ସବୁଠାରୁ ବଡ଼ ଉତ୍ସବ ଭାବରେ ବିବେଚନା କରାଯାଉଥିବା ଆଇପିଏଲ୍ ଦେଖିବା ଏବେ ପ୍ରଶଂସକଙ୍କ ପାଇଁ ମହଙ୍ଗା ହୋଇଯାଇଛି। ସରକାର ଲାଗୁ କରିଥିବା ନୂତନ ଜିଏସ୍‌ଟି ହାରର ସିଧାସଳଖ ପ୍ରଭାବ ଏବେ ଆଇପିଏଲ୍ ଟିକଟ ଉପରେ ପଡ଼ିବ। ଅର୍ଥାତ୍, ଯଦି ଆପଣ ଷ୍ଟାଡିୟମରେ ବସି ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଚାହାନ୍ତି, ତେବେ ଏବେ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ପକେଟ ଢିଲା କରିବାକୁ ପଡିବ। କାରଣ ଏହା ଉପରେ ସରକାର ଜିଏସ୍‌ଟି ହାର ୨୮%ରୁ ୪୦% ବୃଦ୍ଧି କରିଛନ୍ତି। ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଏକ ବିଳାସପୂର୍ଣ୍ଣ ବିଷୟ ବୋଲି ବିବେଚନା କରି ତାହା ଉପରେ ୪୦% ଟିକସ ଲାଗୁ କରିଛନ୍ତି। ନୂତନ ଟିକସ ବ୍ୟବସ୍ଥାରେ ଆଇପିଏଲ୍ ମ୍ୟାଚ୍‌କୁ ତମାଖୁ ଉତ୍ପାଦ ଏବଂ କ୍ୟାସିନୋ ଭଳି ସେବା ସହିତ ସମାନ ବର୍ଗରେ ରଖାଯାଇଛି। ଏହି ମୂଲ୍ୟ ବୃଦ୍ଧି ପରେ ୧୦୦୦ ଟଙ୍କା ମୂଳ ମୂଲ୍ୟ ଥିବା ଆଇପିଏଲ୍ ମ୍ୟାଚ୍ ଟିକଟର ଚୂଡ଼ାନ୍ତ ମୂଲ୍ୟ ଏବେ ୧୨୮୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇବ। ଏହି ବୃଦ୍ଧି ସହିତ ଭାରତରେ କ୍ୟାସିନୋ ଏବଂ ରେସ୍ କ୍ଲବ ସହିତ ଆଇପିଏଲ୍ ଜିଏସ୍‌ଟି ଶୀର୍ଷ ସ୍ଲାବରେ ସାମିଲ ହୋଇଛି। ତଥାପି, ସାଧାରଣ କ୍ରିକେଟ୍ ମ୍ୟାଚ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେବ। ଜିଏସ୍‌ଟି ହାରରେ ଏହି ପରିବର୍ତ୍ତନ କେବଳ ଆଇପିଏଲ୍ ଭଳି ପ୍ରିମିୟମ୍ ମ୍ୟାଚ୍ କ୍ଷେତ୍ରରେ ଲାଗୁ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ, ଅନ୍ୟ ସ୍ୱୀକୃତିପ୍ରାପ୍ତ ▶ପୃଷ୍ଠା-୭

### ଶ୍ରୀନଅରରେ ସୁନିଆଁ



## ଚାଲିଲା ୬୯ ଅଙ୍କ, ୧୪୩୩ ସାଲ

■ **ପୁରୀ, ୪।୯ (ସମିସ):** ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି। ଗୁରୁବାର ସୁନିଆଁ ଅବସରରେ ୬୯ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି। ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ▶ପୃଷ୍ଠା-୭

### ପ୍ରାକୃତିକ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମ୍‌କୋର୍ଟ

# ପ୍ରତିଶୋଧ ନେଉଛି ପ୍ରକୃତି





■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ସମଗ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିପର୍ଯ୍ୟୟ ଜାରି ରହିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ହେଉଛି ଏବଂ ଶହ ଶହ ଘର ମାଟିରେ ମିଶିଯାଉଛି। ପାହାଡ଼ ଉପରେ ବେଆଇନ୍ ଭାବେ ବ୍ୟାପକ ଗଛ କଟାଯିବା ଏହି ପ୍ରାକୃତିକ ବିପର୍ଯ୍ୟୟର ସବୁଠାରୁ ବଡ଼ କାରଣ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମ କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାହାଡ଼ ଉପରେ ବ୍ୟାପକ ସଂଖ୍ୟାରେ ଗଛ କଟାଯାଉଥିବାରୁ ପ୍ରକୃତି ଏହାର ପ୍ରତିଶୋଧ ନେଉଛି।

ଏସଂକ୍ରାନ୍ତରେ ଅନାମିକା ରାଣାଙ୍କ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟ କେନ୍ଦ୍ର ସରକାର, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ପଞ୍ଜାବ ସରକାରଙ୍କ ସମେତ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ), ପର୍ଯ୍ୟାବରଣ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ନୋଟିସ ଜାରି କରିଛନ୍ତି ଓ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ପାହାଡ଼ ଉପରେ ଗଛ କଟାଯିବା ପ୍ରକ୍ରିୟା ରୋକାଯିବା ଆବଶ୍ୟକ। ଗଛକଟା ସବୁଠାରୁ ବିପଜ୍ଜନକ। ଏବେ ପ୍ରକୃତି ଏହାର ପ୍ରତିଶୋଧ ନେଉଛି। ପ୍ରକୃତି କାମ।ରେ ଆମେ ଅଯଥା ହସ୍ତକ୍ଷେପ କରିଛୁ। ଏବେ ପ୍ରକୃତି ଆମକୁ କ୍ଷତି ପହଞ୍ଚାଉଛି। କୋର୍ଟ କହିଲେ ଯେ ବର୍ଷା ଓ ବନ୍ୟା ସଂପର୍କରେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଚିତ୍ର ଆମକୁ ଚିନ୍ତାରେ ପକାଇଛି। ହିମାଚଳରେ ଆସିଥିବା ବନ୍ୟାରେ ହଜାର ହଜାର ସଂଖ୍ୟାରେ କାଠଗଣ୍ଡି ଭାସିଯାଉଥିବା ଦୃଶ୍ୟରୁ ସ୍ପଷ୍ଟ ହୋଇଯାଉଛି ଯେ ପାର୍ବତ୍ୟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ଗଛକଟା ▶ପୃଷ୍ଠା-୭

**ପାହାଡ଼ ଉପରୁ ବେଆଇନ ଗଛକଟା ରୋକିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ**

### ଲଘୁଚାପ ମଧ୍ୟପ୍ରଦେଶମୁହାଁ

# ୧୦ ଜିଲ୍ଲାକୁ ମହାନଦୀ ଭୟ

■ **ଭୁବନେଶ୍ୱର, ୪।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଅତିକ୍ରମ କରି ବର୍ତ୍ତମାନ ଉତ୍ତର ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି। ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡ ଓ ଛତିଶଗଡ଼କୁ ଲାଗି ଥିବା ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ଜାରି ରହିଛି। ଲଘୁଚାପ ଯୋଗୁଁ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ଗୁରୁବାର ସକାଳେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଦେବଗଡ଼ରେ ୧୪୫ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଯାଜପୁରରେ ୧୩୦ ମିମି ବର୍ଷା ସହ ଝାରସୁଗୁଡ଼ାରେ ୧୧୫, ଚାନ୍ଦବାଲିରେ ୯୦, ବାରିପଦାରେ ୭୦, ବାଲେଶ୍ୱରରେ ୬୧, କେନ୍ଦୁଝରରେ ୫୦, ସମ୍ବଲପୁରରେ ୬୪, ସୁନ୍ଦରଗଡରେ ୬୨, ଭଦ୍ରକରେ ୬୭, ବରଗଡରେ ୬୭ ଓ ନୂଆପଡ଼ାରେ ୬୫ ମିମି ବର୍ଷା ହୋଇଛି। ଶୁକ୍ରବାରଠାରୁ ବର୍ଷା ପ୍ରଭାବ କମିବାକୁ ଥିଲେ ମଧ୍ୟ ପଶ୍ଚିମ ଓ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ।

ଅନ୍ୟପଟେ ବର୍ଷା ଯୋଗୁଁ ବର୍ତ୍ତମାନ ରାଜ୍ୟର ଏକାଧିକ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ମହାନଦୀ ସମେତ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ▶ପୃଷ୍ଠା-୭



**ହୀରାକୁଦର ୧୬ ଫାଟକ ଦେଇ ବନ୍ୟାଜଳ ନିଷ୍କାସନ**

### ଜଳସମ୍ପଦ ବିଭାଗକୁ ଅଡୁଆ ପାଣିପାଗ ପୂର୍ବାନୁମାନ

## ଗୋଟାଏ ସ୍ଥାନକୁ ଚେତାବନୀ; ଅନ୍ୟ ସ୍ଥାନରେ ଢାଳୁଛି ବର୍ଷା

■ **ଭୁବନେଶ୍ୱର, ୪।୯ (ସମିସ):** ଚଳିତ ବର୍ଷ ଘନ ଘନ ଲଘୁଚାପ ଓ ଅନୁକୂଳ ମୌସୁମୀ ରାଜ୍ୟରେ ବର୍ଷାର ସ୍ଥିତିକୁ ସ୍ୱାଭାବିକ କରିଛି। ଏହା ଚାଷୀମାନଙ୍କୁ ଯେତିକି ସନ୍ତୋଷ ଦେଇଛି, ହେଲେ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। ଫଳରେ ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ୭ମ ଥର ବନ୍ୟା ଆଶଙ୍କା ସୃଷ୍ଟି କରିଛି। କୌତୂହଳରକଥା ହେଉଛି ଅତୀତ ।।ରେ ମୌସୁମୀରେ ବର୍ଷା ଓ ବନ୍ୟା ଜଳ ପରିଚାଳନାରେ ଦକ୍ଷତା ଅର୍ଜନ କରିଥିବା ରାଜ୍ୟ ଜଳସମ୍ପଦ ବିଭାଗ ଚଳିତ ବର୍ଷ ବନ୍ୟା ପରିଚାଳନାରେ ସଫଳ ହୋଇପାରି ନାହିଁ।

ସାଧାରଣତଃ ବନ୍ୟା ଜଳ ପରିଚାଳନା କ୍ଷେତ୍ରରେ ଆଇଏମ୍‌ଡି ଓ ରାଜ୍ୟ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥାଏ। ଲଘୁଚାପ ଓ ଏହା ପ୍ରଭାବରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହା ଆଇଏମ୍‌ଡି ଆକଳନ କରିଥାଏ। ଏହାକୁ ଆଧାର କରି ରାଜ୍ୟର ଥିବା ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଓ ଗେଟ୍ ବନ୍ଦ, ଖୋଲା ହୋଇଥାଏ। ହେଲେ ଚଳିତ ବର୍ଷ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଥିବା ପରିଲକ୍ଷିତ ହେଉଛି। ସେହିପରି ଗତ କିଛି ଦିନ ହେବ ସମ୍ଭାବ୍ୟ ବର୍ଷା ସଂକ୍ରାନ୍ତରେ ଆଇଏମ୍‌ଡ଼ି ଆକଳନ ସଠିକ୍ ରହୁନାହିଁ। ଆଇଏମ୍‌ଡି ଯେଉଁ ଯେଉଁ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ ଜାରି କରୁଛି, ବାସ୍ତବ ସ୍ଥିତି ଓଲଟା ହେଉଛି। ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ୧ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ ▶ପୃଷ୍ଠା-୭

**ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଆସିଲାଣି ୬ ଥର ବନ୍ୟା**

**ବନ୍ୟା ଜଳ ପରିଚାଳନାରେ ବିଫଳ ଜଳସମ୍ପଦ ବିଭାଗ**

**ଚିନ୍ତା ବଢ଼ାଇଲା ମହାନଦୀ ତଳ ଓ ଉପରମୁଣ୍ଡରେ ବର୍ଷା**

## ସ୍ନେହାଙ୍ଗିନୀ ଛୁରିଆ ବିଜୁ ମହିଳା ଜନତା ଦଳର ସଭାପତି ନିଯୁକ୍ତ



**ମହିଳା ବ୍ୟାପାର କମିଟିରେ ୧୫ ବରିଷ୍ଠ ଓ ଯୁବନେତ୍ରୀ**

**୩ ଜିଲ୍ଲା ପାଇଁ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ**

■ **ଭୁବନେଶ୍ୱର,୪।୯ (ସମିସ):** ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପୁଣିଥରେ ହୋଇଛନ୍ତି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ। ଏହାସହିତ ମହିଳା ବିଜେଡିକୁ ସଂଗଠିତ କରିବା ନିମନ୍ତେ ଦଳର ସଭାପତି ନବୀନ ପଟ୍ଟନାୟକ ୧୫ ଜଣ ବରିଷ୍ଠ ଓ ଯୁବ ନେତ୍ରୀଙ୍କୁ କମିଟି (ମହିଳା ବ୍ୟାପାର)ରେ ସ୍ଥାନ ଦେଇଛନ୍ତି। ବରିଷ୍ଠ ନେତ୍ରୀ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ▶ପୃଷ୍ଠା-୭

## ନିରାଶ କରୁଛି 'ନିରାମୟ'

**ମିଳୁନି ଔଷଧ; ଚିନ୍ତାରେ ନିୟମିତ ସେବନକାରୀ**


■ **ଭୁବନେଶ୍ୱର, ୪।୯ (ସମିସ):** ରୋଗୀଙ୍କୁ ମାଗଣା ଔଷଧ ଯୋଗାଇଦେବା ପାଇଁ ୨୦୧୫ ମସିହାରୁ ରାଜ୍ୟରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ନିରାମୟ' ଯୋଜନା। ଏହି ଯୋଜନାରେ ରାଜ୍ୟ ଔଷଧ ନିଗମ ଔଷଧ ଖରିଦ କରିବା ପରେ ସରକାରୀ ଡାକ୍ତରଖାନାଗୁଡ଼ିକୁ ଯୋଗାଇ ଦିଆଯାଇଥାଏ ଓ ରୋଗୀମାନେ ବିନା ମୂଲ୍ୟରେ ଔଷଧ ପାଇଥାଆନ୍ତି। ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲି ଆସିଛି ଏବଂ ଏଥିରେ ସାଧାରଣ ଗରିବ ରୋଗୀମାନେ ଉପକୃତ ହେଉଛନ୍ତି। ଛୋଟରୁ ବଡ଼ ସମସ୍ତ ରୋଗର ଔଷଧ ରୋଗୀମାନଙ୍କୁ ବର୍ଷ ବର୍ଷ ଧରି ମିଳୁଥିବାବେଳେ ମାତ୍ର ଗତ କିଛି ମାସ ହେଲା ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ ମିଳୁନି। ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଆଦି ରୋଗୀଙ୍କୁ ସରକାରୀ ଡ଼ାକ୍ତରଖାନାରେ ନିରାମୟରେ ମିଳୁଥିବା ଔଷଧ ଆଉ ମିଳୁନାହିଁ।

୨୦୧୫-୧୬ ଆର୍ଥିକ ବର୍ଷରେ ଯୋଜନା ଆରମ୍ଭ ହେଲାବେଳେ ବର୍ଷକୁ ୧୪୧ କୋଟି ଟଙ୍କାର ଔଷଧ କିଣାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୨୦୨୩-୨୪ ମସିହା ବେଳକୁ ୬୩୦ କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହା ୪୫୦ କୋଟି ଟଙ୍କାକୁ ଖସି ଆସିଛି। ରୋଗୀମାନଙ୍କ ପାଇଁ ୭୪୧ ପ୍ରକାରର ଔଷଧ କିଣା ଯାଉଥିବା କୁହାଯାଉଥିଲେ ହେଁ ଡାକ୍ତରଖାନାରେ ଅଧିକାଂଶ ଔଷଧ ଉପଲବ୍ଧ ନାହିଁ। ପୂର୍ବରୁ ଜିଲ୍ଲାସ୍ତରୀୟ ଡ଼ାକ୍ତରଖାନାଗୁଡ଼ିକରେ ଅତି କମ୍‌ରେ ୨ଶହ ପ୍ରକାରର ଔଷଧ ଉପଲବ୍ଧ ହେଉଥିଲା। ଏବେ ତାହା ବହୁ ▶ପୃଷ୍ଠା-୭

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ଉଦ୍‌ବେଗଜନକ ତଥ୍ୟ

## ବଢୁଛି ଆତ୍ମହତ୍ୟା ପ୍ରବଣତା

### ୨୦୨୧ରେ ଜୀବନ ହାରିଛନ୍ତି ୭୨ ଲକ୍ଷ ଲୋକ



**ମାନସିକ ଅବସାଦରେ ବିଶ୍ୱର ୧୦୦ କୋଟି**

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ମାନସିକ ରୂପେ ଅସୁସ୍ଥ ହେଉଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ଲାଗି ଅନେକ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିପାରି ନାହିଁ। ବିଶେଷ କରି ଯୁବକଯୁବତୀମାନେ ଏଭଳି ଅସୁସ୍ଥତାର ଶିକାର ହେଉଛନ୍ତି। ଏହା ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ାଉଛି।

ଏସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱରେ ୧୦୦ କୋଟିରୁ ଅଧିକ ଲୋକ ମାନସିକ ଅବସାଦର ଶିକାର ହୋଇଛନ୍ତି। ଏହା ସବୁ ବର୍ଗ ଓ ବୟସର ଲୋକଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯୁବକଯୁବତୀ। ଚିନ୍ତା ଓ ଅବସାଦ ପାଇଁ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେଉଛି। ଏହାଦ୍ୱାରା ଯୁବପିଢ଼ି ଆତ୍ମହତ୍ୟା ପ୍ରବଣ ହେଉଛି। ବିଶ୍ୱରେ ପ୍ରତି ୧୦୦ଟି ମୃତ୍ୟୁରେ ଗୋଟିଏ ଆତ୍ମହତ୍ୟା କାରଣରୁ ହେଉଥିବା ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୨୧ରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବର୍ଷ ବିଶ୍ୱରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ଶିକାର ହୋଇ ୭୨ ଲକ୍ଷ ୭ ହଜାର ଲୋକ ଆତ୍ମହତ୍ୟା କରିଥିଲେ। ଏଥିରେ କୁହାଯାଇଛି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ୨୦ ଜଣ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା ରିପୋର୍ଟରେ କୁହାଯାଇଛି ଯେ ଜଣେ ମହିଳା ଆତ୍ମହତ୍ୟା କରିଥିବା ବେଳେ ଦୁଇ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି। ୧୫ରୁ ୨୯ ବର୍ଷ ବୟସର ଯେତେ ଯୁବକଯୁବତୀଙ୍କ ମୃତ୍ୟୁ ଘଟୁଛି ସେଥିମଧ୍ୟରୁ ଏକ ତୃତୀୟାଂଶ ହେଉଛି ଆତ୍ମହତ୍ୟା କାରଣରୁ।


ମାନସିକ ଅବସାଦ ଓ ଦୁଶ୍ଚିନ୍ତା ସଂପର୍କରେ ଅନେକ କାରଣ ଦର୍ଶାଯାଇଛି। ଏଥିମଧ୍ୟରେ ରହିଛି ବିବାହ ସମସ୍ୟା, ଛାଡ଼ପତ୍ର, ଚାକିରି ଚାପ, ଆତ୍ମୀୟଙ୍କ ମୃତ୍ୟୁ, କାମ ଓ ପାଠପଢ଼ା ଚାପ, ବେକାରୀ ସମସ୍ୟା, ଆର୍ଥିକ ଦୁସ୍ଥିତି, ବ୍ୟକ୍ତିଗତ ସଂପର୍କରେ ଫାଟ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିବେଶ। ତେବେ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଯୌନ ନିର୍ଯାତନା ଓ ପାରିବାରିକ ହିଂସା ଯୋଗୁଁ ମହିଳାମାନେ ▶ପୃଷ୍ଠା-୭

**ହାଜତମୃତ୍ୟୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ**

# ଥାନାରେ କାମ କରୁନି ସିସିଟିଭି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ହାଜତମୃତ୍ୟୁକୁ ନେଇ ପୁଣି ଉଦ୍‌ବେଗ ଜଣାଇଛନ୍ତି ସୁପ୍ରିମକୋର୍ଟ। ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ ସତ୍ତ୍ୱେ ଥାନାରେ କାହିଁକି ସିସିଟିଭି କ୍ୟାମେରା କାମ କରୁନି ବୋଲି ପ୍ରଶ୍ନ କରିଛନ୍ତି। ରାଜସ୍ଥାନରେ ଗତ ୭-୮ ମାସ ମଧ୍ୟରେ ୧୧ ଜଣଙ୍କର ହାଜତମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ସର୍ବୋଚ୍ଚ ଅଦାଲତ ନିଜ ଆଡ଼ୁ ମାମଲା ଦାୟର କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ବେଞ୍ଚ ମାମଲାର ଶୁଣାଣି କରିବେ।

ସୂଚନାଯୋଗ୍ୟ ଯେ ରାଜସ୍ଥାନରେ ବୃଦ୍ଧି ପାଉଥିବା ହାଜତମୃତ୍ୟୁକୁ ନେଇ ଏକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟରେ ଗତ ସାତରୁ ଆଠ ମାସ ମଧ୍ୟରେ ୧୧ ଜଣ ହାଜତମୃତ୍ୟୁର ଶିକାର ହୋଇଛନ୍ତି। ସୁପ୍ରିମକୋର୍ଟ ଏହି ଖବରକୁ ଗୁରୁତ୍ୱ ଦେଇ ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି। ଏଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଥାନା ଭିତରେ ସିସିଟିଭି କ୍ୟାମେରା କାମ କରୁନଥିବାରୁ ପ୍ରଶ୍ନ ଉଠାଇଛନ୍ତି। ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ କେତେକ ଥାନାରେ ସିସିଟିଭି ନଥିବା ବେଳେ ଅନେକ ଥାନାରେ ସିସିଟିଭି କ୍ୟାମେରା କାମ କରୁନି। ଯେଉଁ ଥାନାରେ ସିସିଟିଭି କ୍ୟାମେରା କାମ ▶ପୃଷ୍ଠା-୭



## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଥାନାରେ ନାହିଁ ସିସିଟିଭି

■ **ଭୁବନେଶ୍ୱର, ୪।୯ (ସମିସ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇପାରି ନାହିଁ। ରାଜଧାନୀ ଭୁବନେଶ୍ୱରରେ ଥିବା ଭରତପୁର ଆଦର୍ଶ ଥାନାରେ ନିଜ ପୁରୁଷ ବନ୍ଧୁ (ସେନା ଅଧିକାରୀ)ଙ୍କ ସହ ଯାଇଥିବା ଜଣେ ମହିଳାଙ୍କୁ ଥାନା ଭିତରେ ପୁଲିସର ଅସଦ୍‌ବ୍ୟବହାରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥାର ସ୍ଥିତି ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ୍ ଗଙ୍ଗୱାର୍ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ଶ୍ରୀ ଗଙ୍ଗୱାର୍ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ସମ୍ପର୍କରେ ଦର୍ଶାଇଥିଲେ ଯେ ରାଜ୍ୟରେ ଥିବା ୫୯୩ ଥାନା ମଧ୍ୟରୁ ୪୫୬ଟି ଥାନାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ। ଥାନାରେ ଏପରି ବ୍ୟବସ୍ଥାକୁ ।।ନେଇ ହାଇକୋର୍ଟ ଉଦ୍‌ବେଗ ▶ପୃଷ୍ଠା-୭

## ଅକ୍ଟୋବର ପ୍ରଥମ ସପ୍ତାହରେ ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା

ପାଟନା, ୪।୯ (ଏଜେନ୍ସି): ନିର୍ବାଚନ କମିସନ ଆସନ୍ତାମାସରେ ବିହାର ବିଧାନସଭା ନିର୍ବାଚନ ନେଇ ଘୋଷଣା କରିପାରନ୍ତି। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନ ନେଇ ବିଜ୍ଞପ୍ତି ଘୋଷଣା ହେବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଦୁଇଟି କିମ୍ବା ୩ଟି ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ଭଳି ପର୍ବ ପରେ ନିର୍ବାଚନ ହେବ ବୋଲି ଅନୁମାନ କରାଯାଉଛି। ଆଗାମୀ ନଭେମ୍ବର ୨୨ରେ ବିହାର ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହାପୂର୍ବରୁ କମିସନ ନିର୍ବାଚନ ପ୍ରକ୍ରିୟା ନେଇ ସବୁ ପ୍ରକାର ଔପଚାରିକତା ଶେଷ କରିବ। ଗତ ୨୦୨୦ରେ ଅନୁଷ୍ଠିତ ନିର୍ବାଚନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ନଭେମ୍ବର ୫ ଓ ୧୫ରେ ମତଦାନ ଓ ୨୦ରେ ଭୋଟ ଗଣନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭୋଟର ତାଲିକା ନେଇ ବିବାଦ ଚାଲିଥିବା ବେଳେ ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଗତଥର ଭଳି ନିର୍ବାଚନରେ ଏଥର ମଧ୍ୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

## ବ୍ରିଟେନରେ କାର୍ ଦୁର୍ଘଟଣା; ୨ ଭାରତୀୟ ଛାତ୍ର ମୃତ

ଲଣ୍ଡନ, ୪।୯ (ଏଜେନ୍ସି): ବ୍ରିଟେନରେ ଏକ କାର୍ ଦୁର୍ଘଟଣାରେ ତେଲଙ୍ଗାନାର ଦୁଇଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦକ୍ଷିଣପୂର୍ବ ଇଂଲଣ୍ଡର ଏସେକ୍ସର ମେଜର ରାଉଣ୍ଡଆବାଉଟ୍‌ରେ ଏହି ଦୁର୍ଘଟଣା ହୋଇଥିଲା। ୨୩ ବର୍ଷୀୟ ଚୈତନ୍ୟ ତାରେ ନାମକ ବ୍ୟକ୍ତି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୧ ବର୍ଷୀୟ ଋଷି ତେଜା ରାପୋଲୁ ହସ୍ପିଟାଲ୍‌ରେ ପ୍ରାଣ ହରାଇଥିଲେ। କାର ଚଳାଉଥିବା ଦୁଇଜଣ ଲୋକଙ୍କୁ ଏସେକ୍ସ ପୁଲିସ ଗିରଫ କରିଛି। ଏହି ଦୁଇଜଣ ଇଷ୍ଟ ଲଣ୍ଡନର। ବିପଜ୍ଜନକ ଗାଡି ଚଳାନା ଯୋଗୁଁ ଏହି ଦୁଇଜଣଙ୍କୁ ଗିରଫ କରାଯିବାର କିଛି ସମୟରେ ପରେ ଜାମିନ ମିଳିଥିଲା। ଦୁର୍ଘଟଣା ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି।

## ବିଜୟୱାଡା-ବେଙ୍ଗାଲୁରୁ ବିମାନରେ ପକ୍ଷୀ ମାଡ଼

ବେଙ୍ଗାଲୁରୁ, ୪।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡା ବିମାନବନ୍ଦରରୁ ଗୁରୁବାର ବେଙ୍ଗାଲୁରୁ ଯିବାକୁ ଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଛି। ଏୟାର ଇଣ୍ଡିଆର ଆଇଏକ୍ସ୨୦୧୧ ବିମାନ ଟେକ୍‌ଅଫ୍ କରିବା ପୂର୍ବରୁ ହିଁ ଏକ ଚିଲ ପକ୍ଷୀ ମାଡ ହୋଇଥିଲା। ଏହା ଦ୍ୱାର ବିମାନର ନୋଜ୍ ଅର୍ଥାତ ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ପାଇଲଟ ବିମାନର ଇଞ୍ଜିନ୍ ଚାଲୁ କରିବା ମାତ୍ରେ ହିଁ ଏହି ଘଟଣା ଘଟିଥିଲା। ବିମାନର ଟେକ୍ ଅଫ୍ ସମୟ ୮.୧୫ରେ ଥିଲା ଓ ଏହା ୯.୪୦ରେ ବେଙ୍ଗାଲୁରୁରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ଏହି ବିମାନରେ ୧୬୦ରୁ ୧୬୫ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଅଛନ୍ତି। ଏହି ଯାତ୍ରୀମାନଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଏକ ଦ୍ୱିତୀୟ ବିମାନର ବ୍ୟବସ୍ଥା କରାଯାଇଛି ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ କୁହାଯାଇଛି। ଗତ ୩ ଦିନ ମଧ୍ୟରେ ଦ୍ୱିତୀୟଥର ପାଇଁ ପକ୍ଷୀ ମାଡ଼ ହେବାରୁ ଉଡାଣକୁ ବାତିଲ କରାଯାଇଛି। ଏହାପୂର୍ବରୁ ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ୬ଇ୮୧୨ ବିମାନରେ ମଙ୍ଗଳବାର ପକ୍ଷୀ ମାଡ ହୋଇଥିଲା। ଫଳରେ ବିମାନକୁ ନାଗପୁରରେ ଜରୁରୀ ଅବତରଣ କରାଯାଇଥିଲା।

## ବିଚ୍ ବଜାରରେ ପତ୍ନୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

ଗୋରଖପୁର, ୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଶାହାପୁର ଅଞ୍ଚଳରେ ଗୁରୁବାର ଏକ ଜନଗହଳିପୂର୍ଣ୍ଣ ବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ବିଶ୍ୱକର୍ମା ଚୌହାନ ନାମକ ଜଣେ ସ୍ୱାମୀ ତାଙ୍କ ପତ୍ନୀ ମମତା ଚୌହାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଛାଡପତ୍ର ମାମଲା ନେଇ ଚାଲିଥିବା ପ୍ରକ୍ରିୟାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ବିଶ୍ୱକର୍ମା ଏହି କାଣ୍ଡ ଘଟାଇଥିଲେ। ଘଟଣା ପରେ ହିଁ ତାଙ୍କୁ ପୁଲିସ ଗିରଫ କରିଛି। ମମତାଙ୍କୁ ହତ୍ୟା କରିବା ନେଇ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ସେ ପୁଲିସକୁ କହିଛନ୍ତି। ସେ ମୋର ପଇସା ଖାଇ ଯାଉଥିଲା ବିଶ୍ୱକର୍ମା କହିଛନ୍ତି। ୩୫ ବର୍ଷୀୟା ମମତା ଏକ ଘରୋଇ ଫାର୍ମରେ ଚାକିରି କରୁଥିଲେ। ସେ ନିଜର ୧୩ ବର୍ଷର ଝିଅ ସହ ଅଲଗା ରହୁଥିଲେ। କିନ୍ତୁ ଭରଣ ପୋଷଣ ପାଇଁ ସେ ସ୍ୱାମୀଙ୍କଠାରୁ ଅର୍ଥ ଓ ଚାଷଜମି ଦାବି କରୁଥିଲେ। ସନ୍ଧ୍ୟା ୭.୩୦ରେ ଏକ ଫଟୋ ଷ୍ଟୁଡିଓ ନିକଟରେ ଦୁହିଁଙ୍କ ମଧ୍ୟ ଜୋରସୋରରେ ପାଟି ଓ ଯୁକ୍ତିତର୍କ ହୋଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଉତ୍କ୍ଷୀପ୍ତ ହୋଇ ବିଶ୍ୱକର୍ମା ପିସ୍ତଲ ବାହାର କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିବାନୀ କୋର୍ଟ ପରିସରରେ ୪ ରାଉଣ୍ଡ ଗୁଳିମାଡ଼

ଭିବାନୀ, ୪।୯ (ଏଜେନ୍ସି): ହରିୟାଣାର ଭିବାନୀ କୋର୍ଟରେ ଗୁରୁବାର ଦ୍ୱିପହରରେ ଫାୟାରିଂ ହୋଇଛି। ହଠାତ ଦୁଇଜଣ ଯୁବକ ଆସି ୩ଜଣଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଜଣେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିବା ବେଳେ ଅନ୍ୟ ଦୁଇଜଣ କୌଣସି ପ୍ରକାର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ଏହାପରେ ଦୁଇ ଆକ୍ରମଣକାରୀ ସେଠାରୁ ପଳାଇଯାଇଥିଲେ। ସୂଚନା ପାଇବା ମାତ୍ରେ ହିଁ ଏସ୍‌ପି ସୁମିତ କୁମାର ପୁଲିସ କର୍ମୀଙ୍କ ସହ ସେଠାରେ ପହଞ୍ଚିଥିଲେ। ତେବେ ଏହା ପୂର୍ବରୁ ସେଠାରେ ଉପସ୍ଥିତ ଲୋକ ଆହତ ବ୍ୟକ୍ତିଙ୍କୁ ଉଠାଇ ଅଟୋରେ ସିଭିଲ ହସ୍ପିଟାଲରେ ପହଞ୍ଚାଇଥିଲେ। ଦୁଇ ଅଭିଯୁକ୍ତ ୪ ରାଉଣ୍ଡ ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହା ଦେଖି ସେଠାରେ ଉପସ୍ଥିତ ଲୋକେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ପୁଲିସ ଏହି ଘଟଣାର ଯାଞ୍ଚ ଆରମ୍ଭ କରିଛି ଓ ଅଭିଯୁକ୍ତଙ୍କୁ ଗିରଫ୍ କରିବା ପାଇଁ କେତୋଟି ଦଳ ଗଠନ କରିଛି।

## ଭାରତ, ଚୀନ୍‌କୁ ଧମକ ଦେବା ବନ୍ଦ କରୁ ଆମେରିକା: ପୁଟିନ୍



ବେଜିଂ, ୪।୯ (ଏଜେନ୍ସି): ଭାରତ ଓ ଚୀନ୍‌କୁ ଟାରିଫ୍ ମାଧ୍ୟମରେ ଆମେରିକା ଧମକ ଦେବା ବନ୍ଦ କରୁ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଏହି ଦୁଇ ଦେଶ ଏବେ ଆମେରିକା ଧମକକୁ ନେଇ ଆଦୌ ଭୟଭିତ ହେଉନାହାନ୍ତି। ବୁଧବାର ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ଯୋଗ ଦେବା ପରେ ପୁଟିନ ଗଣମାଧ୍ୟମ ସହ କଥା ହେବା ବେଳେ ଏହି କଥା କହିଛନ୍ତି। ଭାରତ ଓ ଚୀନ୍ ସହ ଟ୍ରମ୍ପ ଏଭଳି ଢ଼ଙ୍ଗରେ କଥା ହେବା ଉଚିତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ ଏସିଆର ଦୁଇଟି ଶକ୍ତିଶାଳୀ ଦେଶ। ଆମେରିକା ଅର୍ଥନୈତିକ ଚାପ ପକାଇ ଏହି ଦୁଇ ମହାଶକ୍ତିଙ୍କୁ ଭୟଭିତ କରାଇବାକୁ ପ୍ରୟାସ କରୁଛି ଓ ଦୁଇ ଦେଶର ନେତୃତ୍ୱକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଭାରତ ଓ ଚୀନ୍‌ର ଇତିହାସରେ ଆକ୍ରମଣର ଉଦାହରଣ ଯଥେଷ୍ଟ ରହିଛି। ତେଣୁ ଏହି ଦୁଇ ଦେଶର କୌଣସି ନେତା ଯଦି ନିଜର ଦୁର୍ବଳତା ଦେଖାନ୍ତି, ତେବେ ସେମାନଙ୍କର ରାଜନୈତିକ କ୍ୟାରିୟର ଶେଷ ହୋଇଯିବ। ତେଣୁ ଟ୍ରମ୍ପ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ବୋଲି ପୁଟିନ ପରାମର୍ଶ ଦେଇଛନ୍ତି। ରୁଷଠାରୁ ଭାରତ ତୈଳ କ୍ରୟ କରୁଛି। ତେଣୁ ରୁଷ ୟୁକ୍ରେନ ବିପକ୍ଷରେ ଯୁଦ୍ଧ କରିବାକୁ ବଳ ପାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଟାରିଫ ଲାଗୁ କରି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ଟ୍ରମ୍ପଙ୍କ ଏହି ନୀତି ତାଙ୍କ ଉଦ୍‌ବାଦୀ ମାନସିକତାକୁ ସୂଚାଉଛି ବୋଲି ସେ କହିଛନ୍ତି। ଔପନିବେଶିକ ଯୁଗ ଶେଷ ହୋଇଛି। ତେଣୁ ନିଜର ସାଥି ଦେଶଗୁଡିକ ସହ ଆମେରିକା ଏଭଳି କଥା ହେବା ଉଚିତ ନୁହଁ। ତେବେ ନିକଟ ଭବିଷ୍ୟତରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା କମ୍ ହେବ ଓ ସ୍ଥିତି ସାମାନ୍ୟ ହେବ ବୋଲି ପୁଟିନ ଆଶା ପ୍ରକାଶ କରି କହିଛନ୍ତି।

## ମଣିପୁରରେ ଜାତୀୟ ରାଜପଥ-୨ ଖୋଲିବାକୁ କୁକି ରାଜି

ଇମ୍ଫାଲ, ୪।୯ (ଏଜେନ୍ସି): ଗତ ଦୁଇବର୍ଷ ହେବ ମଣିପୁରରେ ହିଂସା ଜାରି ରହିଥିବା ବେଳେ ଏବେ ଏହି ଉତ୍ତରପୂର୍ବ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରାସ୍ତା ଖୋଲିଛି। ଜାତୀୟ ରାଜପଥ-୨ ଖୋଲିବାକୁ କୁକି-ଜୋ ପରିଷଦ ରାଜି ହୋଇଛି। ଫଳରେ ପୁଣିଥରେ ମଣିପୁର ଉତ୍ତରପୂର୍ବର ଅନ୍ୟ ରାଜ୍ୟମାନଙ୍କ ସହ ଯୋଡି ହେବ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର, ମଣିପୁର ସରକାର ଓ କୁକି-ଜୋ ପରିଷଦ ଏକ ନୂଆ ଚୁକ୍ତିରେ ହସ୍ତାକ୍ଷର କରିଛନ୍ତି। ଏହି ଚୁକ୍ତି ଆଗାମୀ ଗୋଟିଏ ବର୍ଷ ପାଇଁ ଲାଗୁ ହେବ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ସରକାର ଓ କୁକି ନ୍ୟାସନାଲ ଅର୍ଗାନାଇଜେସନ (କେଏନ୍‌ଓ) ମଧ୍ୟରେ ୭ଟି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି।

ଦେଶର ଅଖଣ୍ଡତା ବଜାୟ ରଖିବାକୁ ସବୁ ପକ୍ଷ ଜାତୀୟ ରାଜପଥ-୨ ଖୋଲିବାକୁ ସହମତି ପ୍ରକାଶ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଦିଲ୍ଲୀରେ ଏ ନେଇ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ରେ ମଣିପୁର ଓ ମିଜୋରାମ ଯାତ୍ରା କରିବେ ଓ ସେଠାରେ ନୂଆ ବୈରାବି-ସାଇରଙ୍ଗ ରେଳବାଇ ପ୍ରକଳ୍ପ ଉଦ୍‌ଘାଟନ କରିବେ। ତେଣୁ ମୋଦୀଙ୍କ ଯାତ୍ରା ପୂର୍ବରୁ ଜାତୀୟ ରାଜପଥ-୨ ଖୋଲାଯିବା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଜାତୀୟ ରାଜପଥ-୨ ମଣିପୁର ସହ ନାଗାଲାଣ୍ଡ, ଆସାମ, ମିଜୋରାମ୍ ଅନ୍ୟ ରାଜ୍ୟଗୁଡିକ ଯୋଡିଥାଏ। ୨୦୨୩ରେ ମଣିପୁରରେ କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ବନ୍ଦ ରହିଥିଲା। ଏହି ରାଜପଥ ଖୋଲିବା ଫଳରେ ମଣିପୁରରେ ସ୍ଥିତି ସାମାନ୍ୟ ହେବ ବୋଲି ଆଶା କରାଯାଉଛି। ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ବାଟ ଖୋଲିବ। ଏହା ଦ୍ୱାରା ଅତ୍ୟାବଶକୀୟ ଜିନିଷ ମଣିପୁରରେ ପହଞ୍ଚିପାରିବ ଓ ରିଲିଫ ଶିବିରରେ ରହୁଥିବା ବିସ୍ଥାପିତ ପରିବାରଗୁଡିକର ସମସ୍ୟା କମ୍ ହେବ ବୋଲି କୁହାଯାଇଛି। ମଣିପୁରର ଲୋକସଂଖ୍ୟା ୩୮ ଲକ୍ଷ ହୋଇଥିବାବେଳେ ଏହି ରାଜ୍ୟରେ କୁକୁ, ନାଗା ଓ ମେତେଇ ସମ୍ପ୍ରଦାୟର ଲୋକ ରୁହନ୍ତି। ନାଗା ଓ କୁକି ଖ୍ରୀଷ୍ଟିଆନ ଧର୍ମକୁ ମାନୁଥିବା ବେଳେ ମେତେଇ ହିନ୍ଦୁ ଧର୍ମର।

# ଯମୁନା ପାଣିରେ ଭାସୁଛି ଦିଲ୍ଲୀ




### ଫ୍ଲାଏ ଓଭର ଧସିଲା, ରିଲିଫ୍ ଶିବିରରେ ପାଣି

### ପଞ୍ଜାବ, ହରିୟାଣାରେ ବନ୍ୟା; ୪୮ ମୃତ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଏଥର ମୌସୁମୀ ଜନିତ ବର୍ଷା ସାରା ଉତ୍ତର ପଶ୍ଚିମ ଭାରତରେ ଜନଜୀବନ ଅସ୍ତବ୍ୟସ୍ତ କରିଛି। କ୍ରମାଗତ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀ- ଏନ୍‌ସିଆର ସମେତ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡରେ ଏବେ ମଧ୍ୟ ବର୍ଷା ଜାରି ରହିଛି। ଯମୁନା ନଦୀର ପାଣି ଦିଲ୍ଲୀ ସହର ଭିତରେ ପ୍ରବେଶ କରିଛି। ଦିଲ୍ଲୀର ବିଭିନ୍ନ ସଡକରେ ଯମୁନା ନଦୀର ପାଣି ଠିଆ ହୋଇଛି। ଗୁରୁବାର ସକାଳେ ମୋନାଷ୍ଟେରୀ ମାର୍କେଟ୍‌ରେ ଥିବା ସଡ଼କରେ ଯମୁନା ପାଣି ପଶିଛି। ମୟୁର ବିହାରର ଫେଜ୍-୧ ନିକଟରେ ବନ୍ୟା ପୀଡିତଙ୍କ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରିଲିଫ୍ ଶିବିରରେ ମଧ୍ୟ ପାଣି ପସିଯାଇଛି। ଫଳରେ ସମସ୍ୟା ଆହୁରି ଗୁରୁତର ହୋଇଛି। ଅଲିପୁରରେ ଜାତୀୟ ରାଜପଥ-୪୪ରେ ଥିବା ଫ୍ଲାଏ ଓଭର ବ୍ରିଜ୍‌ର ଏକ ଅଂଶ ଧସିଯାଇଛି।

ସେହିପରି ପଞ୍ଜାବର ସବୁ ୨୩ଟି ଜିଲ୍ଲାରେ ବନ୍ୟା ଆସିଛି। ୧, ୬୫୫ ଗାଁର ୩.୫୫ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସବୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ବନ୍ୟା ଯୋଗୁଁ ପଞ୍ଜାବରେ ଏପର୍ଯ୍ୟନ୍ତ ୧, ୭୫, ୨୮୬ ହେକ୍ଟର ଜମିର ଫସଲ ପ୍ରଭାବିତ ହୋଇଛି। ଅଗଷ୍ଟ ୧ରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆସିଥିବା ଏହି ବନ୍ୟାରେ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ପଠାନକୋଟ୍‌ରେ ୩ ଜଣ ଲୋକ ନିଖୋଜ ଅଛନ୍ତି। ସେହିପରି ହରିୟାଣାର ଅଧିକାଂଶ ଅଞ୍ଚଳ ବନ୍ୟା ଯୋଗୁଁ ପାଣିରେ ବୁଡିଯାଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୧ ଜଣ ମୃତ୍ୟୁବରଣ କରିଛନ୍ତି। ହିସାର, ପଞ୍ଚକୁଲା, ଅମ୍ବାଲା ଓ ରୋହତକରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରୁ ପାଣି ଛାଡିବା ଫଳରେ ଫରିଦାବାଦ୍‌ରେ ଯମୁନା ବିପଦ ସଂକେତ ଉପରେ ବହୁଛି। ଅନ୍ୟପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ଗୁରୁବାର ସକାଳେ ଭୂସ୍ଖଳନ ଯୋଗୁଁ ଦୁଇଟି ଘର ଭୁଶୁଡି ପଡ଼ିଛି। ପ୍ରବଳ ବର୍ଷା କାରଣରୁ ଏହି ରାଜ୍ୟରେ ବିପର୍ଯ୍ୟୟ ଥମିବାର ନା ନେଉନାହିଁ। ଫଳରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ୬ ଜଣ ଲୋକ ଫସି ରହିଛନ୍ତି। କୁଲ୍ଲୁରେ ମଧ୍ୟ ଭୂସ୍ଖଳନ ହୋଇଛି। ଆବର୍ଜନା ତଳେ ଦବି ରହିଥିବା ଜଣେ ଏନ୍‌ଡିଆରଏଫ୍ ଯବାନଙ୍କୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ସେହିପରି ଉଜ୍ଜୟିନ୍‌ରେ ସିପ୍ରା ନଦୀର ଜଳସ୍ତର ବୃଦ୍ଧିପାଇବା ଯୋଗୁଁ ଘାଟ କୂଳରେ ଥିବା ମନ୍ଦିରଗୁଡିକରେ ଜଳମଗ୍ନ ହୋଇଛି। ସେହିପରି ରତଲାମର ରେଲୱେ ପ୍ଲାଟଫର୍ମର ବି ପାଣିରେ ବୁଡିଯାଇଛି। ଭୂସ୍ଖଳନ ଯୋଗୁଁ ଜମ୍ମୁ-କଶ୍ମୀରରେ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ସେପଟେ ଗୁଜରାଟ୍‌ରେ ଚଳିତ ମୌସୁମୀରେ ପ୍ରଥମଥର ପାଇଁ ନର୍ମଦା ଡ୍ୟାମ୍‌ରେ ୧୫ଟି ଗେଟ୍‌କୁ ଖୋଲାଯାଇଛି। କାଶ୍ମୀରରେ ମଧ୍ୟ ବନ୍ୟା ଜାରି ରହିଛି ଓ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ସବୁ ସ୍କୁଲ- କଲେଜକୁ ବନ୍ଦ କରାଯାଇଛି। ଶ୍ରୀନଗରରେ ବନ୍ୟା ଆସିବା ନେଇ ସତର୍କତା ଜାରି କରାଯାଇଛି। ଫଳରେ ତଳିଆ ଅଞ୍ଚଳକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଛତିଶଗଡ଼ରେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ରାଜସ୍ଥାନରେ ୨୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ପୁଅକୁ ପିଙ୍ଗି ୧୩ ମହଲାରୁ ଡେଇଁ ମା'ର ଆତ୍ମହତ୍ୟା



ସୁରତ, ୪।୯ (ଏଜେନ୍ସି): ଗୁଜରାଟର ସୁରତସ୍ଥିତ ଅଲଥାନା ଅଞ୍ଚଳର ମାର୍ତାଣ୍ଡ ହିଲ୍ସରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ମା' ୧୩ ମହଲା ଉପରୁ ନିଜ ୨ ବର୍ଷର ପୁଅକୁ ଫିଙ୍ଗିବାର ୧୨ ସେକେଣ୍ଡ ପରେ ନିଜେ ସେଠାରୁ ଡେଇଁ ଆତ୍ମହତ୍ୟା କରିଛି। ଏହାକୁ ନେଇ ଏହି ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଉତ୍ସବମୁଖର ଥିବା ଏହି ସୋସାଇଟିରେ ଅଚାନକ ଦୁଃଖର ଛାୟା ଖେଳିଯାଇଛି। ସୋସାଇଟିରେ ସ୍ଥାପିତ ହୋଇଥିବା ଗଣେଶ ପେଣ୍ଡାଲର ୨୦ ଫୁଟ ଦୂରରେ ମା ଓ ପୁଅଙ୍କ ମୃତଦେହ ପଡ଼ିଥିଲା। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ପୁଲିସ ଯାଞ୍ଚ୍ କରୁଛି। ତେବେ ଏହି ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ମହିଳାଙ୍କ ପରିବାର ତରଫରୁ ମଧ୍ୟ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲା। ମହିଳାଙ୍କ ମୋବାଇଲକୁ ଯାଞ୍ଚ୍ କରିବାକୁ ପୁଲିସ୍ ଫରେନସିକ ଲାବ୍‌କୁ ପଠାଇଛି। ମହିଳା ଜଣକ ହେଉଛନ୍ତି ପୂଜା ପଟେଲ। ବିଲେଶକୁମାର ପଟେଲ ହେଉଛନ୍ତି ତାଙ୍କ ସ୍ୱାମୀ। ବିଲେଶକୁମାର ଲୁମ୍ବ କାରଖାନ ଚଳାନ୍ତି। ହସଖୁସିରେ ମହିଳାଙ୍କ ପରିବାର ସୁଖି ଜୀବନ ବିତାଉଥିଲେ। କିନ୍ତୁ ଏହି ଘଟଣା ପରେ ବିଲେଶକୁମାର ଓ ତାଙ୍କ ପରିବାର ହତବାକ୍ ହୋଇଛନ୍ତି। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ୧୩ ମହଲାରୁ ଖସି ପଡ଼ିବା ନେଇ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଲିସ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ପୋଷ୍ଟମର୍ଟମ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜ ପୁଅକୁ ନେଇ ପୂଜା ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ ହେବ ବୋଲି ଆଶା କରାଯାଉଛି।

■ ତାମିଲନାଡୁ ରାଜନୀତିରେ ହଟଚମଟ

## ଏନ୍‌ଡିଏରୁ ଅଲଗା ହେଲେ ଦିନାକରନ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏରୁ ଆଉ ଏକ ପାର୍ଟି ଅଲଗା ହୋଇଛି। ଏଏମ୍‌ଏମ୍‌କେ ନେତା ଟିଟିଭି ଦିନାକରନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ଏ ନେଇ ଘୋଷଣା କରିଛନ୍ତି। ଦ୍ୱିତୀୟ ଦଳ ଭାବେ ଏଏମ୍‌ଏମ୍‌କେ ଏନ୍‌ଡିଏରୁ ଅଲଗା ହୋଇଛନ୍ତି। ଏହାପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭାମ ତାଙ୍କ ପାର୍ଟି ସହ ଏନ୍‌ଡିଏରୁ ବାହରି ଯାଇଥିଲେ। ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ତେଣୁ ଏନ୍‌ଡିଏକୁ ଜବରଦସ୍ତ ଝଟ୍‌କା ଲାଗିଛି। ୨୦୨୪ ଲୋକସଭା ନିର୍ବାଚନରେ ଦିନାକରନ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ଡିଏକୁ ବିନା କୌଣସି ସର୍ତ୍ତରେ ସମର୍ଥନ କରିଥିଲେ। ତେବେ ଜାତୀୟ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ବହୁତ ପାର୍ଥକ୍ୟ ରହିଥିବା କଥା ଦିନାକରଣ କହିଛନ୍ତି। ଲୋକସଭା ନିର୍ବାଚନଠାରୁ ୨୦୨୬ ବିଧାନସଭା ନିର୍ବାଚନରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଆଗାମୀ ଡିସେମ୍ବରରେ ନୂଆ ଦଳ ସହ ଆମେ ମେଣ୍ଟ କରିବୁ ବୋଲି ସେ କହିଛନ୍ତି। ପୁଣିଥରେ ଏନ୍‌ଡିଏ ଓ ଏଆଇଏଡିଏମ୍‌କେ ଏକାଠି ହେବାକୁ ଦିନାକରନ ନାପସନ୍ଦ କରିଛନ୍ତି। ଏଥିସହ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତି ରୋଚକ ମୋଡରେ ଉପନୀତ ହୋଇଛି।

## ଆଗ୍ନେୟଗିରିରେ ୧୦ ମାସରେ ୩୨ଥର ଅଗ୍ନି ଉଦ୍‌ଗୀରଣ

ହନଲୁଲୁ, ୪।୯ (ଏଜେନ୍ସି): ଆମେରିକାର ଦ୍ୱୀପ ରାଜ୍ୟ ହାୱାଇରେ କିଲାଉଏ ଆଗ୍ନେୟଗିରିରେ ଅଗ୍ନି ଉଦ୍‌ଗିରଣ ହୋଇଛି ଓ ଏହା ଏବେ ମଧ୍ୟ ଜାରି ରହିଛି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ଅର୍ଥାତ ପାଖାପାଖି ୧୦ ମାସ ମଧ୍ୟରେ ଏହି ଆଗ୍ନୟଗିରିରେ ୩୨ଥର ପାଇଁ ଅଗ୍ନି ଉଦ୍‌ଗିରଣ ହୋଇଛି ବୋଲି ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ତରଫରୁ କୁହାଯାଇଛି। ୧୦୦ ମିଟରରୁ ଉର୍ଦ୍ଧ୍ୱ ଉଚ୍ଚକୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। କିଲାଉଆଉକୁ ବିଶ୍ୱର ସବୁଠାର ସକ୍ରିୟଆଗ୍ନେୟଗିରି କୁହାଯାଇଥାଏ। ହାୱାଇ ରାଜଧାନୀଠାରୁ ଏହା ୨୦୦ ମାଇଲ ଦକ୍ଷିଣରେ ଅବସ୍ଥିତ। ପ୍ରତି ସେକେଣ୍ଡରେ ହାରାହାରି ୬, ୭୫୦ କ୍ୟୁବିକ୍ ଲାଭା ଉଦ୍‌ଗିରଣ ହେଉଛି ଓ ୫୫, ୦୦୦ ଟନ୍ ସଲଫର ଡାଇଅକ୍ସାଇଡ୍ ଭଳି ବିଶାକ୍ତ ଗ୍ୟାସ ସୃଷ୍ଟି ହେଉଛି ବୋଲି ୟୁଏସ୍‌ଜିଏସ୍ କହିଛି।

## ପଶ୍ଚିମବଙ୍ଗ ବିଧାନସଭାରେ ପ୍ରବଳ ହଟ୍ଟଗୋଳ



### ୫ ବିଜେପି ବିଧାୟକ ସସ୍‌ପେଣ୍ଡ

### ବିଜେପି ଚିଫ୍ ହ୍ୱିପ୍‌ଙ୍କୁ ଘୋଷାଡ଼ି ବାହାର କଲେ ମାର୍ଶାଲ୍

କୋଲକାତା, ୪।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଅଭାବନୀୟ ସ୍ଥିତି ସୃଷ୍ଟି ହେବା ସହ ଜୋରସୋରରେ ହଟ୍ଟଗୋଳ ଦେଖିବାକୁ ମିଳିଛି। ବଙ୍ଗଳା ପ୍ରବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଜୋରରେ ହଙ୍ଗାମା ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସ୍ତାବକୁ ନେଇ ଭାଷଣ ଦେଉଥିବା ବେଳେ ବିପକ୍ଷ ଦଳର ବିଧାୟକମାନେ ସ୍ଲୋଗାନ ଦେବା ସହ ପାଟିତୁଣ୍ଡ କରିଥିଲେ। ସେପ୍ଟେମ୍ବର ୨ରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରିବା ନେଇ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ତୃଣମୂଳ କଂଗ୍ରେସ ବିଧାୟକ ଏହାକୁ ରୋକିବାକୁ ପ୍ରୟାସ କରିଥିଲେ। ବିଶୃଙ୍ଖଳା ଅଧିକ ହେବାରୁ ବାଚସ୍ପତି ବିମାନ ବାନାର୍ଜୀ ବିଜେପି ଚିଫ୍ ହ୍ୱିପ୍ ଶଙ୍କର ଘୋଷଙ୍କୁ ବିଧାନସଭାରୁ ସସ୍‌ପେଣ୍ଡ କରିଥିଲେ। ଶଙ୍କର ବାହାରକୁ ଯିବାକୁ ମନା କରିବାରୁ ମାର୍ଶାଲଙ୍କୁ ଡକାଯାଇଥିଲା। ଶଙ୍କରଙ୍କୁ ଘୋଷାଡି ମାର୍ଶାଲ ଗୃହ ବାହାରକୁ ନେଇଥିଲେ। ଏତିକି ବେଳେ ଶଙ୍କର ବେହୋସ ହୋଇଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଶଙ୍କରଙ୍କୁ ବାଦ୍ ଦେଲେ ବିଜେପିର ଅନ୍ୟ ୪ଜଣ ବିଧାୟକ ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ବଙ୍କିମ ଘୋଷ ଓ ଅଶୋକ ଡିଣ୍ଡାଙ୍କୁ ମଧ୍ୟ ଗୃହରୁ ନିଲମ୍ବିତ କରାଯାଇଥିଲା। ଭାଷଣ ଦେବା ଅବସରରେ ମମତା 'ମୋଦୀ ଭୋଟ ଚୋର' ସ୍ଲୋଗାନ ଦେଇଥିଲେ। ସେ ବିଜେପି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ବଙ୍ଗଳା ବିରୋଧୀ ବୋଲି ଅବିହିତ କରିଥିଲେ। ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଗତ ପହିଲାରୁ ଆରମ୍ଭ ହୋଇଥିଲା। ୩ ତାରିଖ ଦିନ ଛୁଟି ଥିବାରୁ ଗୁରୁବାର ଅଧିବେଶନର ଅନ୍ତିମ ଦିବସ ଥିଲା। ଚଳିତ ସପ୍ତାହ ପ୍ରାରମ୍ଭରେ ଶୁଭେନ୍ଦୁ ଅଧିକାରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରେ ବିଧାନସଭା ନିର୍ବାଚନ ହେବ।

## ଭାରତରେ ଶିଶୁ ମୃତ୍ୟୁହାର ୧୯୭୧ ପରେ ୮୦ ପ୍ରତିଶତ ହ୍ରାସ ପାଇଛି

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭାରତରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର)ରେ ଆଖି ଦୃଶିଆ ହ୍ରାସ ହୋଇଛି। ଏବେ ଏହା ୨୫ ପ୍ରତିଶତରେ ପହଞ୍ଚିଛି। ୨୦୧୩ରେ ଏହା ୪୦ ପ୍ରତିଶତ ଥିଲା। ଅର୍ଥାତ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ୩୭.୫ ପ୍ରତିଶତ ଅବନତି ହୋଇଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ) ୨୦୨୩ ବର୍ଷ ପାଇଁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସ୍‌ଆରଏସ୍) ରିପୋର୍ଟରେ ଏ ନେଇ ଉଲ୍ଲେଖ କରିଛି। ଗୋଟିଏ ବର୍ଷରେ ପ୍ରତି ୧୦୦୦ ପିଲା ଜନ୍ମ ନେବା ପରେ କେତେ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି ସେ ନେଇ ଆଇଏମ୍‌ଆର ବୈଧ ତଥା ନିର୍ଭରଯୋଗ୍ୟ ସୂଚନା ଦେଇଥାଏ। ଏହି ସଂଖ୍ୟାରେ ଯେତେ ଅବନତୀ ହେବ ଦେଶର ସ୍ୱାସ୍ଥ୍ୟାବସ୍ଥା ସେତେ ଉନ୍ନତ ବୋଲି ଧରିନେବାକୁ ହେବ।

ଏସ୍‌ଆରଏସ୍ ୨୦୨୩ ରିପୋର୍ଟ ଅନୁସାରେ ୧୯୭୧ ତୁଳନାରେ ଶିଶୁ ମୃତ୍ୟୁହାରରେ ୮୦ ପ୍ରତିଶତ ଅବନତି ହୋଇଛି। ୧୯୭୧ରେ ଏହା ୧୨୯ ଥିବା ବେଳେ ୨୦୨୩ରେ ଏହା ୩୭ରେ ପହଞ୍ଚିଛି। ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଏହା ସର୍ବନିମ୍ନ ୩ ରହିଛି। ଏହିକ୍ରମରେ କେରଳ ଦ୍ୱିତୀୟ ସ୍ଥାନରେ ରହିଛି। କେରଳରେ ଶିଶୁ ମୃତ୍ୟୁହାର ୫ ରହିଛି। ଦେଶର ଗ୍ରାମାଞ୍ଚଳରେ ଆଇଏମ୍‌ଆର ୪୪ରୁ ୨୮କୁ ଓ ସହରାଞ୍ଚଳରେ ଏହା ୨୭ରୁ ୧୮କୁ କମିଛି। ଗତ ୧୦ ବର୍ଷ ମଧ୍ୟ ଆଇଏମ୍‌ଆରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ରହିଛି।

ଦେଶରେ ଜନ୍ମହାର ସମେତ ମୃତ୍ୟୁହାର ଉଭୟରେ ଯଥେଷ୍ଟ ଅବନତି ହୋଇଛି। ୧୯୭୧ରେ ଜନ୍ମହାର ୩୬.୯ ରେ ଥିବା ବେଳେ ଏହା ୨୦୨୩ରେ ଏହା ୧୮.୪ରେ ପହଞ୍ଚିଛି। ଗତ ୧୦ ବର୍ଷରେ ଜନ୍ମହାର ୧୪ ପ୍ରତିଶତ କମିଛି। ୨୦୧୩ରେ ଏହା ୨୧.୪ ଥିବାବେଳେ ୨୦୨୩ରେ ଏହା ୧୮.୪ ରହିଛି। ବିହାରରେ ସର୍ବାଧିକ ଜନ୍ମହାର ୨୫.୮ ରହିଥିବା ବେଳେ ଆଣ୍ଡାମାନ ନିକୋବରରେ ଏହା ୧୦.୧ ରହିଛି। ସେହିପରି ଗତ ୫ ଦଶକରେ ମୃତ୍ୟୁ ହାରରେ ମଧ୍ୟ ଯଥେଷ୍ଟ ଅବନତୀ ହୋଇଛି। ୧୯୭୧ ମୃତ୍ୟୁହାର ୧୪.୯ ଥିବା ବେଳେ ୨୦୨୩ରେ ୬.୪ରେ ପହଞ୍ଚିଛି। ଚଣ୍ଡିଗଡ଼ରେ ମୃତ୍ୟୁହାର ସର୍ବନିମ୍ନ ୪ ଥିବା ବେଳେ ଛତିଶଗଡ଼ରେ ଏହା ସର୍ବାଧିକ ୮.୩ରେ ପହଞ୍ଚିଛି।

# ନବୀନଙ୍କୁ ଭେଟିଲେ ଦିଲ୍ଲୀପ ରାୟ



ଭୁବନେଶ୍ୱର, ୪।୯(ସମିସ): ଦୀର୍ଘ ୬ ବର୍ଷ ପରେ ନବୀନ ନିବାସରେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ । ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଏହି ସୌଜନ୍ୟମୂଳକ ସାକ୍ଷାତ ଅବସରରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ଦିଲ୍ଲୀପ। ଉଭୟ ନେତାଙ୍କ ମଧ୍ୟରେ ଏହି ସମୟରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# କୋମାରେ ଅଭିଜିତ ମଜୁମଦାର

ଭୁବନେଶ୍ୱର,୪।୯ (ସମିସ): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଯକୃତ(ଲିଭର) ଜନିତ ରୋଗରେ ପୀଡ଼ିତ ହୋଇ ଅଭିଜିତ ଗତ ସପ୍ତାହରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଭର୍ତ୍ତି ହେବା ପୂର୍ବରୁ ସେ କୋମାରେ ଥିବା ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନ୍‌ରେ ସୋଡିୟମ କମିଥିବା ଏବଂ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା। ଟ୍ରମାକେୟାରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏବେ ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଉଛି। ବର୍ତ୍ତମାନ ତାଙ୍କର ରକ୍ତଚାପ ଓ ସ୍ପନ୍ଦନ ସ୍ଥିର ଥିବା ଜେନେରାଲ ମେଡିସିନ୍ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ସେହିପରି ଅଭିଜିତ ମଜୁମଦାର୍‌ଙ୍କ ସାଥିରେ ଆସିଥିବା ଡାକ୍ତର ଅମ୍ରିତ ପାଟ୍ଟଯୋଶୀ କହିଛନ୍ତି ଯେ ଅଭିଜିତ ଗୁରୁତର ଥିବାରୁ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତାଙ୍କର ବ୍ରେନ୍ ଏବଂ ଲିଭର୍‌ରେ ସମସ୍ୟା ସାଙ୍ଗକୁ ଅଗ୍ନାଶୟ(ପାନ୍‌କ୍ରିଆଜ୍) ରେ ସମସ୍ୟା ଦେଖାଦେଇଛି। ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ଅଭିନେତା ବାବୁଶାନ, ଶ୍ରୀତମ୍ ଦାସଙ୍କ ସମେତ ବହୁ ସିନେ କଳାକାର ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆଶୁ ଆରୋଗ୍ୟ କାମନା କଲେ ନବୀନ





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ବର୍ଷକ ମଧ୍ୟରେ ହୋଇନାହିଁ ଗୋଟିଏ ଡିସିମିଲ ଜମିର ସଂଶୋଧିତ ସ୍ୱତ୍ୱଲିପି

# ସତରେ ଫେରିବ ତ ମହାପ୍ରଭୁଙ୍କ ସମ୍ପତ୍ତି !

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟ ଓ ରାଜ୍ୟ ବାହାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରିବ। ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରହିଛି। ଏଥିରୁ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି। ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି। ସରକାର ଏ ଦିଗରେ ଦ୍ୱରିତ ପଦକ୍ଷେପ ନେଉଛନ୍ତି ଓ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତାହାର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହେବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ।

୨୦୨୩ ମସିହା ଅକ୍ଟୋବରରେ ତତ୍କାଳୀନ ବିଜେଡି ସରକାରରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶ୍ରୀଜଗନ୍ନାଥଙ୍କ ଜମି ସମ୍ପର୍କିତ ଏକ ଉତ୍ତର ବିଧାନସଭାରେ ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲ୍ଲାରେ ପ୍ରାୟ ୬୦ ହଜାର ୪୨୬ ଏକର ଜମି ରହିଛି। ତନ୍ମଧ୍ୟରୁ ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। ସେହିପରି ରାଜ୍ୟ ବାହାରେ ୬ଟି ରାଜ୍ୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୩୯୫.୨୫୨ ଏକର ପରିମିତ ଜମି ଚିହ୍ନଟ କରାଯାଇଛି। ବେଆଇନ ଭାବେ

### ରାଜ୍ୟ ବାହାରେ ରହିଛି ୩୯୫ ଏକର ଶ୍ରୀଜଗନ୍ନାଥ ଜମି



ଅବରୋଧ ହୋଇଥିବା ଶ୍ରୀଜୀଉଙ୍କ ଜମିକୁ ସରଜମିନ ତଦନ୍ତ କରାଯାଇଛି। ଓଡ଼ିଶାରେ ୭ଟି ଜିଲ୍ଲାରେ ପ୍ରାୟ ୧୬୯ ଏକର ଜମି ଉପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା-୧୬(ଏ)(କ)ରେ ବର୍ଣ୍ଣିତ ଅନୁଯାୟୀ ମୋଟ ୯୭୪ଟି ବେଆଇନ ଅବରୋଧ ମୋକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଥିଲେ। ଅନୁରୂପ ଭାବରେ ଶ୍ରୀ ଜଗନ୍ନାଥଙ୍କ ଜମି ସମ୍ପର୍କରେ ଗତ ମାର୍ଚ୍ଚ ମାସରେ ବିଧାନସଭାରେମ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥଙ୍କ ଉତ୍ତରକୁ ଦୋହରାଇଥିଲେ। ଅତଏବ ୨୦୨୩ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଗୋଟିଏ ହେଲେ ଏକର ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନାହିଁ ଓ ଅବରୋଧ ହୋଇଥିବା ଜମିର ସ୍ଥିତି ଅପରିବର୍ତ୍ତିତ ରହିଛି ।

ଅପରପକ୍ଷେ ଗତ ମେ ମାସରେ ଓଡ଼ିଶା ହାଇକୋର୍ଟ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ହାଇକୋର୍ଟ କହିଥିଲେ ଯେ ମହାପ୍ରଭୁଙ୍କ ସମ୍ପତ୍ତିର ଭୂକ୍ଷରଣ କେବଳ ଆଇନଗତ ବ୍ୟତିକ୍ରମ ନୁହେଁ, ଏହା ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି । ତେଣୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ସମ୍ପତ୍ତି ସଂକ୍ରାନ୍ତୀୟ ତଥ୍ୟ ସଠିକ୍ ଭାବେ ରେକର୍ଡ କରିବାକୁ ରାଜସ୍ୱ ଓ ଭୂମି ରେକର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ଉଭୟ ମନ୍ଦିର ପ୍ରଶାସନ ଏବଂ ଆଇନ ବିଭାଗ ଏକଠି କାମ କରିବାକୁ ପରାମର୍ଶ ଦେଇଥିଲେ ହାଇକୋର୍ଟ। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସରକାର ଗୋଟିଏ ଡ଼ିସିମିଲ ଜମିର ସତ୍ତ୍ୱଲିପି ସଂଶୋଧନ କରିବାରେ ବ୍ୟର୍ଥ ହୋଇଥିବାବେଳେ ୫୮ ହଜାର ଏକର ଜମି କିପରି ଫେରାଇ ଅଣାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ଅପରପକ୍ଷେ ମନ୍ତ୍ରୀଙ୍କ ବୟାନକୁ ରାଜନୈତିକ ହଟଚମଟ ବୋଲି କହିଛନ୍ତି ବିଜେଡି ଓ କଂଗ୍ରେସ। ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତି କହିଛନ୍ତି ଶ୍ରୀ ଜଗନ୍ନାଥଙ୍କ ଜମି ଯଥାଶୀଘ୍ର ଫେରାଇ ଆଣିବାର ଆବଶ୍ୟକତା ରହିଛି। ବହୁ ଅସାଧୁ ଲୋକେ ଶ୍ରୀ ଜଗନ୍ନାଥଙ୍କ ଜମି ବେଆଇନ ଭାବରେ ବିକ୍ରି କରିଥିବା ବେଳେ ପୁରୀରେ ଉକ୍ତ ଜମିରେ ଏକ ବସ୍ତି ମଧ୍ୟ ତିଆରି ହୋଇଗଲାଣି। ତେଣୁ ସରକାର ପ୍ରଥମେ ଯେଉଁ ବିକ୍ରି ହେଉଛି ତାହାକୁ ରୋକନ୍ତୁ। ଏନେଇ ସରକାର ପଦକ୍ଷେପ ନେବା ପରିବର୍ତ୍ତେ କେବଳ ଅଯଥା ହଟଚମଟ ବୟାନ ଦେଉଛନ୍ତି ବୋଲି ସୁନୀଲ କହିଛନ୍ତି । ସେହିପରି ଜମିର ସଂଶୋଧିତ ସତ୍ତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିନଥିବା ବେଳେ ଅବରୋଧ ଜମି ଚିହ୍ନଟ ଯଥା ପୂର୍ବଂ ତଥା ପରଂ ରହିଛି। ଏପରିସ୍ଥଳେ ଆଇନ ମନ୍ତ୍ରୀ କେବଳ ବାହାବା ନେବା ପାଇଁ ଆଜି ଭୂସମ୍ପତ୍ତି ସମ୍ପର୍କିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି ।

# କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହେଉ: ବିଜେଡି

ଭୁବନେଶ୍ୱର,୪।୯(ସମିସ): ବୁଧବାର କେନ୍ଦ୍ର ସରକାର ପ୍ରଚଳିତ ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିଛନ୍ତି। ମାତ୍ର କ୍ରମାଗତ ଦାବି ସତ୍ତ୍ୱେ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଜିନିଷ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହୋଇ ନ ଥିବାରୁ ବିଜୁ ଜନତା ଦଳ କ୍ଷୋଭ ପ୍ରକାଶ କରିଛି। ଏହାଛଡ଼ା ନୂତନ ଜିଏସ୍‌ଟି ସ୍ଲାବ୍ କାରଣରୁ ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ୍ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡ଼ିବ, ସେନେଇ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜେଡି ଦାବି କରିଆସୁଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ଚିଠି ଲେଖିଥିଲେ। ଜିଏସ୍‌ଟିର ନୂତନ ସ୍ଲାବ୍ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ଖସାଇ ଦିଆଯାଇଛି। କିନ୍ତୁ ଏହା କମିଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କୁ ବିଶେଷ ଫାଇଦା ମିଳିବ ନାହିଁ। କେନ୍ଦୁପତ୍ର ତୋଳାଳୀମାନେ କୌଣସି ସୁବିଧା ପାଇବେ ନାହିଁ।

ସେହିପରି ନିରଞ୍ଜନ ପୂଜାରୀ କହିଛନ୍ତି ଯେ କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ମଧ୍ୟ ବୁଣାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପକ୍ଷରୁ ଦାବି ହୋଇ ଆସୁଥିଲା। ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ୍ ଓ ହ୍ୟାଣ୍ଡଲୁମ୍ ରହିଛି। ପାୱାରଲୁମ୍‌ରେ ଶିଳ୍ପପତିମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମ୍‌ରେ ଗରିବ ବୁଣାକାରମାନେ ରହିଛନ୍ତି। ସେମାନେ ବିଭିନ୍ନ ସୂତାଶାଢ଼ୀ, ପାଟଶାଢ଼ୀ ଇତ୍ୟାଦି ତିଆରି କରିଥା'ନ୍ତି। ଏହି ଗରିବ ଶ୍ରେଣୀର ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସ୍‌ସଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା; କିନ୍ତୁ ସେମାନଙ୍କ ପାଇଁ ମଧ୍ୟ ୫ ପ୍ରତିଶତ ଜିଏସଟି ରହିଛି। ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ପୁଣିଥରେ ଦାବି କରିଛି।



- ଏବେବି କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ରହିଛି
- ନୂଆ ସ୍ଲାବ୍‌ରେ ୧୦୦୦ କୋଟିର ରାଜସ୍ୱ କ୍ଷତିକୁ କେନ୍ଦ୍ର ସରକାର ଭରଣା କରନ୍ତୁ

# ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ, ୪।୯ (ସମିସ): ପୁଣି ପଦାରେ ପଡ଼ିଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ହେଁ ବିଭିନ୍ନ ସମୟରେ ମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହି ଭାଇରାଲ ଫଟୋ କିମ୍ବା ଭିଡ଼ିଓ ଯଦି ମନ୍ଦିର ପ୍ରଶାସନ ନଜରକୁ ଆସୁଛି, ଥାନାରେ ଏତଲା ଦିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏନେଇ କି' ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତା' ଉପରେ କାହାର ନିଘା ରହୁନି। ନା ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ କେହି ଏ ଦିଗରେ ତତ୍ପରତା ଦେଖାଉନାହାନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ବଡ଼ଦେଉଳ ଭିତର ଫଟୋ ଏବଂ ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଏବେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ମହାରାଷ୍ଟ୍ରର ବୈଭବ ଦୁରେ ପାଟିଲ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ମନ୍ଦିର ପରିସରରେ ଥିବା ଛାତ ଉପରେ ଠିଆ ହୋଇ ଫଟୋ ଉଠାଇଥିବା ଜଣାପଡୁଛି। ଏହି ଫଟୋରେ ମୁଖ୍ୟ ମନ୍ଦିର, ଜଗମୋହନ, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି।

# 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଅଯୋଗ୍ୟ

ଭୁବନେଶ୍ୱର, ୪।୯ (ସମିସ): ଏଣିକି 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ। ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ ନିଆଯାଇଛି। ଏନେଇ ତତ୍ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ବାଣିଜ୍ୟ ଓ ପରିବହନ ବିଭାଗ, ସ୍ୱାସ୍ଥ୍ୟ ଓ ଖାଦ୍ୟ ଯୋଗାଣ ବିଭାଗକୁ ଏନେଇ ଚିଠି ଲେଖିଛି ମହିଳା ଏବଂ ଶିଶୁ ବିଭାଗ। 'ବାହନ' ଡାଟାବେସ୍‌ରୁ ଚାରିଚକିଆ ଥିବା ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୃତ ହିତାଧିକାରୀଙ୍କ ତଥ୍ୟ ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖାଦ୍ୟଯୋଗାଣ ବିଭାଗରେ ପଞ୍ଜୀକରଣ କରି ଧାନ ବିକିଥିବା ମହିଳାଙ୍କ ତଥ୍ୟକୁ ଆଉଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ସୂଚନା ଅନୁସାରେ, ଗତବର୍ଷ ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ରାଜ୍ୟ ସରକାର। ଏବେ ଏହି ଯୋଜନା ମାଧ୍ୟମରେ କୋଟିଏରୁ ଅଧିକ ହିତାଧିକାରୀ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଲେଖାଏଁ ପାଇସାରିଛନ୍ତି। ତେବେ ଅନେକ ମହିଳା ଯୋଗ୍ୟ ହୋଇ ମଧ୍ୟ 'ସୁଭଦ୍ରା'ରେ ସାମିଲ ହୋଇ ନାହାନ୍ତି। ତେଣୁ ଯୋଗ୍ୟ ହିତାଧିକାରୀ କିଭଳି 'ସୁଭଦ୍ରା'ରେ ସାମିଲ କରିବେ, ସେଥିପାଇଁ କସରତ ଆରମ୍ଭ ହୋଇଛି। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ହିତାଧିକାରୀଙ୍କୁ ସାମଇଲ କରାଯିବାକୁ ନିଷ୍ପତ୍ତି ହୋଇଛି।


DADLS- 47



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ
ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ରାଜ୍ୟର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0991/2526

### ରାଜ୍ୟବ୍ୟାପୀ ସାର ସଙ୍କଟ ଓ ବ୍ୟାପକ କଳାବଜାର

# ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟବ୍ୟାପୀ ସାର ସଙ୍କଟ ସହ ବ୍ୟାପକ କଳାବଜାରୀ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଚଳିତବର୍ଷ ଖରିଫ ଚାଷରେ ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ କେଉଁ କ୍ଷେତ୍ରରେ ସାରର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି ତାହା ସଠିକ୍ ଜଣାପଡୁନାହିଁ। ଯଦି କେନ୍ଦ୍ର ସରକାର ରାଜ୍ୟର କୋଟା ଅନୁଯାୟୀ ଗତ ଏପ୍ରିଲ-୨୦୨୫ଠାରୁ ଏପର୍ଯ୍ୟନ୍ତ ମୋଟ୧୧ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ପାରିଛନ୍ତି ତେବେ ଚାଷୀ ଆନ୍ଦୋଳନ କାହିଁକି ଚାଲିଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ପକ୍ଷରୁ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ ସାରର ପ୍ୟାକେଟ୍ ପିଚ୍ଛା ନିର୍ଦ୍ଧାରିତ ଦାମ୍‌ଠାରୁ ଯଥେଷ୍ଟ ଚଢ଼ାଦରରେ ବିକ୍ରି କରାଯାଉଛି। ୟୁରିଆ ୪୫ କେଜି ପ୍ୟାକେଟ୍ ପିଚ୍ଛା ୨୬୭ ଟଙ୍କା ଥିବା ବେଳେ ବଜାରରେ ୬୦୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। କୃଷି ବିଭାଗ ପକ୍ଷରୁ ସ୍ୱଚ୍ଛତା ଭିତ୍ତିରେ ଜିଲ୍ଲାୱାରୀ ସାରର ଆବଶ୍ୟକତା, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କ ନାମ, ଫୋନ ନମ୍ବର ସହ ଚାଷୀମାନଙ୍କ ନିକଟରେ ଏହାକୁ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଧାନଗଛ ବୃଦ୍ଧି ପାଇଁ ବିଶେଷ କରି ୟୁରିଆ ସାରର ବହୁଳ ଆବଶ୍ୟକତା ଥିବାବେଳେ ୟୁରିଆ ସାରର ଏପରି ସଙ୍କଟ ପରିସ୍ଥିତି ଚାଷୀଙ୍କ ପାଇଁ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରିଛି। ତେଣୁ ରାଜ୍ୟ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦଳ ଦାବି କରିଛି। ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରକୁ ଗସ୍ତକରି ଚାଷୀମାନଙ୍କ ସହିତ ବାସ୍ତବ ସ୍ଥିତିର ପତ୍ୟକ୍ଷ ଆଲୋଚନା କରିଛନ୍ତି। ସାର ଗଚ୍ଛିତ ପାଇଁ ସମିତିର ଗୋଦାମ ଘର ନ ଥିବା, ମୃତ୍ତିକା ସୁରକ୍ଷା ଓ ସହଣିକ ସାର ବ୍ୟବହାର ପାଇଁ ବୈଷୟିକ ଜ୍ଞାନକୌଶଳର ଅଭାବ, କୃଷି ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା, କଳାବଜାରୀ ରୋକିବାରେ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯିବା, ଆବଶ୍ୟକ ଚାଷଜମି ଅନୁଯାୟୀ ସାରର ସୁଷମ ବଣ୍ଟନ ନିମିତ ପରିସଂଖ୍ୟାନ କରା ନ ଯିବା ଯୋଗୁଁ ବାରମ୍ବାର ଏପରି ସମସ୍ୟା ଉପୁଜୁଛି ବୋଲି ଅଭିଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।

# ମିଳିମିଶି ହାତୀକୁ ମାରିଦେଲେ

ରାଉରକେଲା, ୪।୯ (ସମିସ): ଗୁରୁବାର ସକାଳୁ 'ଗରିବ ରଥ' ଏକ୍ସପ୍ରେସ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ସୋନାଖାନ ଏବଂ ସଗରା ରେଳ ଷ୍ଟେସନ୍ ମଧ୍ୟରେ ଆଜି ସକାଳ ପ୍ରାୟ ୫ଟା ୧୪ମିନିଟରେ ହୋଇଛି। ହାତୀଟି ରେଳଟ୍ରାକ୍ ଉପରେ ପଡ଼ି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତାକୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ସ୍ଥାନାନ୍ତର କରିବା ବ୍ୟବସ୍ଥା କରୁଥିବା



ବେଳେ ସଗରା ଷ୍ଟେସନ ନିକଟରେ ଅପରାହ୍ଣ ପ୍ରାୟ ୨ଟାରେ ତା'ର ମୃତ୍ୟୁ ହୋଇଯାଇଥିଲା। ତେବେ ହାତୀମୃତ୍ୟୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ହାତୀଙ୍କ ସୁରକ୍ଷା ପାଇଁ ଲାଗିଥିବା ଏଆଇ କ୍ୟାମେରାରେ ଦୁର୍ଘଟଣା ପୂର୍ବରୁ ସେଠାରେ ହାତୀଟିର ଉପସ୍ଥିତି ସ୍ପଷ୍ଟ ହୋଇଥିଲା। କିନ୍ତୁ କାହିଁକି ଏ ସଂପର୍କରେ ବନବିଭାଗ ପକ୍ଷରୁ ରେଳ ବିଭାଗକୁ ସୂଚନା ଦିଆଗଲାନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ରାଉରକେଲା ଡିଏଫ୍‌ଓ ଶ୍ରୀ ସେଠୀଙ୍କୁ ପଚାରିବାରୁ ସେ ଏନେଇ ଜାଣି ନଥିବା ଏବଂ ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ଭତ୍ତା ପାଇଁ ବୟସ ଜାଲିଆତି କରୁଛନ୍ତି ଆବେଦନକାରୀ

ଭୁବନେଶ୍ୱର, ୪।୯ (ସମିସ): ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଇବା ପାଇଁ ଏବେ ଆବେଦନକାରୀଙ୍କ ସଂଖ୍ୟା ଅଚାନକ ବୃଦ୍ଧି ପାଇବା ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। ଅଯୋଗ୍ୟ ହିତାଧିକାରୀମାନେ ନିଜର ଭୋଟର୍ କାର୍ଡରେ ବୟସ ଜାଲିଆତି କରି ମାସିକ ଭତ୍ତା ପାଇଁ ଆବେଦନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ଜିଲ୍ଲାପାଳମାନଙ୍କୁ ସେମାନଙ୍କ ପୁରୁଣା ଭୋଟର୍ ପରିଚୟପତ୍ର ତୁରନ୍ତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବ ଆର୍.ଏସ୍ ଗୋପାଳନ। ଏହାକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରି ପଦକ୍ଷେପ ନେବାକୁ ଶ୍ରୀ ଗୋପାଳନ ସମସ୍ତ ଜିଲ୍ଲାପାଳମାନଙ୍କୁ ଗତ ୩ ତାରିଖରେ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଅନ୍ୟମାନଙ୍କୁ ମାସିକ ୧୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯାଉଛି। ତେବେ ଭତ୍ତା ପାଇବା ପାଇଁ ଅନେକ ନୂଆ ଆବେଦନକାରୀ ନିଜର ଭୋଟର୍ ଆଇଡି କାର୍ଡରେ ଜନ୍ମ ତାରିଖ ପରିବର୍ତ୍ତନ କରୁଥିବା ସରକାର ସନ୍ଦେହ କରିଛନ୍ତି। ସେଥିପାଇଁ ସେମାନଙ୍କର ପୁରୁଣା ଭୋଟର୍ କାର୍ଡ ଯାଞ୍ଚ କରି ବୟସର ସତ୍ୟାସତ୍ୟ ପରଖିବାକୁ କୁହାଯାଇଛି। ଆବେଦନକାରୀଙ୍କ ଜନ୍ମ ତାରିଖରେ କୌଣସି ପରିବର୍ତ୍ତନ ହୋଇଛି କି ନାହିଁ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

**ଭୋଟର୍ ପରିଚୟପତ୍ର ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

### ଯୁବକଙ୍କୁ ସଂଘବଦ୍ଧ ହତ୍ୟା ମାମଲା

# ପରିବାରର ୬ଜଣଙ୍କୁ ଆଜୀବନ

କୋଷାଗୁମୁଡ଼ା, ୪।୯ (ସମିସ): ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଆଜି ଏକ ହତ୍ୟା ମାମାଲର ବିଚାର କରି ଗୋଟିଏ ପରିବାରର ୬ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ତାଙ୍କୁ ବାଳସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ବାକି ଦୋଷୀମାନେ ହେଲେ, କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସୀ ଗାଁର ଅନନ୍ତ ପୂଜାରୀ, ଶିବଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ଡୁମର ପୂଜାରୀ ଓ ଡାଳିମ୍ବ ପୂଜାରୀ। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ୨୦୨୨ ଅଗଷ୍ଟ ୯ରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସି ଗ୍ରାମରେ ଏହି ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା।

ଅଭିଯୁକ୍ତମାନେ ଡମ୍ବରୁ ପୂଜାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଉକ୍ତ ଦିନ ଡମ୍ବରୁ ଓ ତାଙ୍କ ପରିବାର ସଦସ୍ୟମାନେ ନିଜ ବାଡ଼ିରେ ପରିବା ତୋଳୁଥିବା ବେଳେ ଅଭିଯୁକ୍ତମାନେ ଖଣ୍ଡା, ଛୁରୀ, ବରଚ୍ଛା ସମେତ ଅନ୍ୟାନ୍ୟ ମରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ପ୍ରଥମେ ସେମାନେ ଡମ୍ବରୁଙ୍କ ଭାଇ ପଦଲାମଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଡମ୍ବରୁ ବିରୋଧ କରିବାରୁ ସେମାନେ ଦୁଇଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ପଦଲାମଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଏଥିରେ ତାଙ୍କ ଗୋଡ଼ ନଷ୍ଟ ହୋଇଯାଇଥିଲା। ସେହିପରି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଡମ୍ବରୁଙ୍କୁ ପ୍ରଥମେ ନବରଙ୍ଗପୁର ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୨ ଅଗଷ୍ଟ ୧୬ରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ କୋଡିଙ୍ଗା ପୁଲିସ୍ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ସନ୍ତୋଷ ମିଶ୍ର ପରିଚାଳନା କରୁଥିଲେ।

### ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍

# ଶ୍ରେଷ୍ଠ ୧୦୦ରେ ଓଡ଼ିଶାରୁ ୫ ଶିକ୍ଷାନୁଷ୍ଠାନ

- ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ
- ଖସିଲା ଉତ୍କଳ ଓ ଓୟୁଏଟିର ମାନ୍ୟତା
- ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ଶୂନ୍


ଭୁବନେଶ୍ୱର,୪।୯(ସମିସ): ନ୍ୟାସନାଲଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ଆଜି ଦେଶର ଶ୍ରେଷ୍ଠ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ସାମଗ୍ରିକ ବର୍ଗରେ ଚଳିତ ବର୍ଷ ପୁଣିଥରେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ବିବେଚିତ ହୋଇଛି। ସେହିପରି ୨୦୨୪ ପରି ଆଇଆଇଏସ୍‌ସି ବେଙ୍ଗାଲୁରୁ ଦ୍ୱିତୀୟ ଏବଂ ଆଇଆଇଟି ବମ୍ବେ ତୃତୀୟ ସ୍ଥାନରେ ରହିଛି। ଶ୍ରେଷ୍ଠ ୧୦୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଗତବର୍ଷ ଓଡ଼ିଶାରୁ ୩ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ଚଳିତବର୍ଷ ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସୋଆ ବିଶ୍ୱବିଦ୍ୟାଳୟ ୨୫ତମ ସ୍ଥାନରେ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୨୭, ଏନ୍‌ଆଇଟି ରାଉରକେଲା ୩୪ତମ ସ୍ଥାନରେ ଅଛନ୍ତି। ପ୍ରଥମ ଥର ପାଇଁ ଆଇଆଇଟି ଭୁବନେଶ୍ୱର ୮୦ତମ ଏବଂ ଏମ୍‌ସ ଭୁବନେଶ୍ୱର ୧୦୦ ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଶହେ ମଧ୍ୟରେ ପ୍ରବେଶ କରିଛନ୍ତି।

ଅନୁରୂପ ଭାବେ ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଜେଏନୟୁ ଦ୍ୱିତୀୟ, କର୍ଣ୍ଣାଟକର ମଣିପାଲ୍ ଏକାଦେମୀ ଅଫ୍ ହାଇଅର୍ ଏଜୁକେସନ୍ ତୃତୀୟ ସ୍ଥାନରେ ରହିଛି। ଗୋଟିଏ ସ୍ଥାନ ତଳକୁ ଖସି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ୪ର୍ଥରେ ପହଞ୍ଚିଛି। ଓଡ଼ିଶାରୁ ସୋଆ ଓ କିଟ୍ ଯଥାକ୍ରମେ ୧୫ ଓ ୧୭ ତମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସରକାରୀ ବିଶ୍ୱବିଦ୍ୟାଳୟର ର୍‌ୟାଙ୍କିଂ ମଧ୍ୟ ପ୍ରକାଶ ପାଇଛି। ଏହି ତାଲିକାରେ କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବାବେଳେ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶାରୁ ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ତାଲିକାରେ ସ୍ଥାନ ପାଇଛି। ହେଲେ ମାନ୍ୟତାରେ ୬ଟି ସ୍ଥାନ ତଳକୁ ଖସିବା ସହ ୪୨ତମ ସ୍ଥାନରୁ ୪୮ରେ ପହଞ୍ଚିଛି। ଗବେଷଣା କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲା ପୂର୍ବପରି ୩୦ତମ ସ୍ଥାନରେ ଥିବାବେଳେ କିଟ୍ ୪୩ ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଶାର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇ ନାହାନ୍ତି।

ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ମାଡ୍ରାସ୍, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଏନ୍‌ଆଇଟି ରାଉରକେଲା ୧୩ତମ ସ୍ଥାନରେ ଥିବାବେଳେ ସୋଆ ୨୨, କିଟ୍ ୩୬, ଆଇଆଇଟି ଭୁବନେଶ୍ୱର ୩୯ ଏବଂ ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ୯୫ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଜ୍ୟରୁ ଆଇଆଇଏମ୍ ସମ୍ବଲପୁର ୩୪ତମ ସ୍ଥାନ ସହ ଶିର୍ଷରେ ଥିବାବେଳେ ଜାଭିଆର ବିଶ୍ୱବିଦ୍ୟାଳୟ ୪୫, ସୋଆ ୬୬, କିଟ୍ ୬୮ ଓ ଭୁବନେଶ୍ୱରସ୍ଥିତ ଆଇଏମ୍‌ଆଇ ୮୪ତମ ସ୍ଥାନରେ ରହିଛି। ଫାର୍ମାସୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାରୁ କୌଣସି ଶିକ୍ଷାନୁଷ୍ଠାନ ନ ଥିବାବେଳେ ମେଡିକାଲ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମସ୍ ଭୁବନେଶ୍ୱର ୧୪ତମ ସ୍ଥାନରେ ଥିବାବେଳେ ସୋଆ ୧୫ ଓ କିଟ୍ ୨୪ତମ ସ୍ଥାନ ଅଧିକାର କରିଛି। ଆର୍କିଟେକ୍‌ଚର ଆଣ୍ଡ ପ୍ଲାନିଂରେ ଏନ୍‌ଆଇଟି ରାଉରକେଲା ନବମରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆଇନ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ୧୦, କିଟ୍ ୧୪ ଓ କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ୧୫ ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଶହେ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ଏକମାତ୍ର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ମାନ୍ୟତାରେ ଅବନତି ଘଟିଛି। ୨୦୨୪ରେ ନବମ ସ୍ଥାନ ଅଧିକାର କରିଥିବାବେଳେ ଚଳିତବର୍ଷ ୧୯ତମ ସ୍ଥାନରେ ପହଞ୍ଚିଛି।

ଏହି ରାଙ୍କିଙ୍ଗ ପ୍ରକ୍ରିୟା ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲଆର), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକ ଫଳାଫଳ (ଜିଓ), ଆଉଟ୍‌ରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର) ପରି ପାଞ୍ଚଟି ମାନଦଣ୍ଡରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ସହ ତାଲିକାଭୁକ୍ତ କରାଯାଇଛି। ସମ୍ପୂର୍ଣ୍ଣ ତାଲିକା nirfindia.org ୱେବସାଇଟ୍‌ରେ ଉପଲବ୍ଧ ରହିଛି। ରାଙ୍କିଙ୍ଗ୍‌ର ଏହି ଦଶମ ସଂସ୍କରଣକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଛନ୍ତି।

# ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍ ଶିକ୍ଷାନୁଷ୍ଠାନ ମଧ୍ୟରେ 'ସମୃଦ୍ଧି' ଏବଂ 'ଆତ୍ମନିର୍ଭରତା' ପାଇଁ ରୋଡ୍‌ମ୍ୟାପ୍: ଧର୍ମେନ୍ଦ୍ର



ଭୁବନେଶ୍ୱର, ୪।୯(ସମିସ): ଚଳିତ ବର୍ଷର ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍‌କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଏହି ରାଙ୍କିଙ୍ଗ ଜାତୀୟ ବେଞ୍ଚମାର୍କରେ ପରିଣତ ହୋଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଶୈକ୍ଷିକ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଆଧାରିତ ଶିକ୍ଷାଦାନ ପାଇଁ ସୁସ୍ଥ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆଗକୁ ଅଧିକ ଶିକ୍ଷାନୁଷ୍ଠାନ ସହ ଅଧିକ ବର୍ଗରେ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ ଜାରି ରହିବ। ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ 'ସମୃଦ୍ଧି' ଏବଂ 'ଆତ୍ମନିର୍ଭରତା' ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବ। ସମସ୍ତ ଶିକ୍ଷାନୁଷ୍ଠାନକୁ ନବସୃଜନ ଏବଂ ଉଦ୍ୟୋଗ ପାଇଁ ସମୃଦ୍ଧ କ୍ଷେତ୍ର ହେବା ସହ ଏନ୍‌ଆଇଆର୍‌ଏଫ୍ ଢାଞ୍ଚାରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡ. ସୁକାନ୍ତ ମଜୁମଦାରଙ୍କ ସମେତ ବିଭାଗୀୟ ସଚିବ ଡ. ବୀନିତ ଯୋଶୀ, ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର୍ ଟିଜି ସୀତାରାମ, ଏନ୍‌ଇଟିଏଫ୍, ନାକ୍ ଏବଂ ଏନ୍‌ବିଏର ଅଧ୍ୟକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ ଏବଂ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତି ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

# ସୋଆ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୪।୯(ସମିସ): ଏନ୍‌ଆଇଆର୍‌ଏଫ୍ ରାଙ୍କିଙ୍ଗ୍‌ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟି ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ସହ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ପୁନଃ ସ୍ୱୀକୃତି ଲାଭ କରିଛି। ସେହିପରି ସାମଗ୍ରିକ ବର୍ଗରେ ଚଳିତଥର ୨୫ ତମ ସ୍ଥାନରେ ରହିଛି। ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହି ରାଙ୍କିଙ୍ଗ୍‌ରେ ପ୍ରତ୍ୟେକଥର ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଉଛି। ଏପରିକି ୮ ଥର ଶ୍ରେଷ୍ଠ ୨୦ ମଧ୍ୟରେ ସାମିଲ୍ ହୋଇଛି। ଚଳିତବର୍ଷ ମେଡିକାଲ୍ ସାଇନ୍ସ ବର୍ଗରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଉତ୍ତମ ପ୍ରଦର୍ଶନ କରିଛି। ଗତବର୍ଷ ୨୧ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୬ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛି। ସେହିପରି ଗତବର୍ଷ ପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସ ୯ ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଇଞ୍ଜିନିୟରିଂ ବର୍ଗରେ ୨୬ତମ ସ୍ଥାନରୁ ୨୨ତମ ସ୍ଥାନକୁ ଲମ୍ଫ ଦେଇଛି। ଆଇନ୍ ଶିକ୍ଷାନୁଷ୍ଠାନ ବର୍ଗରେ ମଧ୍ୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' ସାରା ଦେଶରେ ୧୦ମ ଶ୍ରେଷ୍ଠ ଆଇନ୍ ମହାବିଦ୍ୟାଳୟର ମାନ୍ୟତା ପାଇବା ସହ ଗବେଷଣା କ୍ଷେତ୍ରରେ ୪୯ ତମ ସ୍ଥାନ ହାସଲ କରିଛି। ଏକାଧିକ ବର୍ଗରେ ଉତ୍ତମ ପ୍ରଦର୍ଶନ କରିବା ସହ ରାଜ୍ୟ ଓ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଏହି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ର୍‌ୟାଙ୍କିଙ୍ଗ୍‌ରେ ପ୍ରଦର୍ଶନ ନେଇ ସୋଆର ପ୍ରତିଷ୍ଠାତା ସଭାପତି ଡ. ମନୋଜ ରଞ୍ଜନ ନାୟକ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଅଧାପକ, ଅଧାପିକା, ଗବେଷକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ସୋଆ ୨୦୨୨ରେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ 'ଏ ++' ମାନ୍ୟତା ହାସଲ କରିଛି।

**ମେଡିକାଲ୍ ସାଇନ୍ସ ଓ ଇଞ୍ଜିନିୟରିଂ ବର୍ଗରେ ଉପରକୁ ଉଠିଲା**

# ୮ ମାସରେ ଏସ୍‌ସିବିରେ ଓପନ ହାର୍ଟ ସର୍ଜରୀ କରିଥିବା ୨୬ ଜଣଙ୍କ ମୃତ୍ୟୁ

କଟକ, ୪।୯ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ଗତ ୮ ମାସ ମଧ୍ୟରେ ଓପନ ହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ ହୋଇଛି। ଭର୍ତ୍ତି ହୋଇଥିବା ରୋଗୀଙ୍କ ସଂଖ୍ୟାର ଏହା ଏକ ତୃତୀୟାଂଶ ହୋଇଥିବା ନେଇ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ପକ୍ଷରୁ ଏତେସଂଖ୍ୟାରେ ରୋଗୀ ମୃତ୍ୟୁକୁ ନେଇ ସମୀକ୍ଷା କରାଯାଇଛି କି ନାହିଁ ଓ ଏ ସମ୍ପର୍କିତ ବୈଠକର ବିବରଣୀ ଉପସ୍ଥାପନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ମେଡିକାଲ ଅଧୀକ୍ଷକଙ୍କ ତରଫରୁ ଏକ ସତ୍ୟପାଠ ଦିଆଯାଇଥିଲା। ଏଥିରେ ଗତ ୨୦୨୩ରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷର ଜାନୁଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୮ମାସ ମଧ୍ୟରେ ଏତେସଂଖ୍ୟକ ରୋଗୀ ମୃତ୍ୟୁ ବରଣ କରିବାକୁ ନେଇ ଅଦାଲତ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଅନ୍ୟପଟରେ ଓପନ ହାର୍ଟ ସର୍ଜରୀ ପାଇଁ ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ଅନେକ ରୋଗୀ ଭର୍ତ୍ତି ହେଲା ପରେ ମଧ୍ୟ ପଳାଇ ଯାଉଛନ୍ତି। ଏହି କ୍ରମରେ ଗତ ୨୦୨୩ରେ ୨୧,୨୦୨୪ରେ ୪୬ଜଣ ଓ ୨୦୨୫ର ୮ମାସ ମଧ୍ୟରେ ସର୍ବାଧିକ ୫୩ଜଣ ସର୍ଜରୀ କରିବାକୁ ଅନାଗ୍ରହ ପ୍ରକାଶ କରିଛନ୍ତି। ଏଭଳି ରୋଗୀଙ୍କ ଅନାଗ୍ରହତାର କାରଣ ସମ୍ପର୍କରେ ମଧ୍ୟ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ।

**ମୃତ୍ୟୁ ସମୀକ୍ଷା ବୋର୍ଡର ରିପୋର୍ଟ ଉପସ୍ଥାପନ କର: ହାଇକୋର୍ଟ**

## ସମ୍ପତ୍ତି ବିଭାଜନ କ୍ଷେତ୍ରରେ ପିତାମାତା ନିର୍ଣ୍ଣୟ ପାଇଁ ଡିଏନ୍‌ଏ ପରୀକ୍ଷା ବାଧ୍ୟତାମୂଳକ ନୁହେଁ: ହାଇକୋର୍ଟ

କଟକ, ୪।୯ (ସମିସ): ପିତାମାତା ନିର୍ଣ୍ଣୟ ପାଇଁ ସମ୍ପତ୍ତି ବିଭାଜନ କ୍ଷେତ୍ରରେ ଡିଏନ୍‌ଏ ପରୀକ୍ଷା କରିବାକୁ ବାଧ୍ୟ କରିବା ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ। ସମ୍ବିଧାନର ଧାରା-୨୧ ଅନୁଯାୟୀ ସୁନିଶ୍ଚିତ ଗୋପନୀୟତାର ଅଧିକାରକୁ ଉଲ୍ଲଙ୍ଘନ କରୁଛି ବୋଲି ଓଡ଼ିଶା ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଏପରି ଅନୁରୋଧର ଆଇନଗତ ଅସମ୍ଭବତା ଉପରେ ଆଲୋକପାତ କରି ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ ଏପରି ରାୟ ପ୍ରକାଶ କରିଛନ୍ତି। କୁଚିଣ୍ଡା ସିଭିଲ ଜଜ୍ଜ ନିଅର ଡିଭିଜନ୍‌ଙ୍କ ଗତ ୨୦୨୪ ଡିସେମ୍ବର ୨ର ଆଦେଶକୁ ଚାଲେଞ୍ଜ କରି ରୁଜୁ ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ସହ ନିମ୍ନ ଅଦାଲତଙ୍କ ଆଦେଶ କାଏମ ରଖିଛନ୍ତି। ଶିଶୁର ପିତାମାତା ପ୍ରମାଣ କରିବା ପାଇଁ ଜଣେ ମା' ହେଉଛନ୍ତି ସର୍ବୋତ୍ତମ ସାକ୍ଷୀ। ଏପରି ସ୍ଥିତିରେ, ମା'ଙ୍କ ସ୍ୱୀକାରୋକ୍ତି ପରେ ପିଲାର ଡିଏନ୍‌ଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ତାଙ୍କ ମାତୃତ୍ୱର ଅପମାନ ବୋଲି ଅଦାଲତ କହିଛନ୍ତି।

## ନୌସେନା ପରୀକ୍ଷାରୁ ଦୁଇ ନକଲି ପରୀକ୍ଷାର୍ଥୀ ଗିରଫ

ଯାଁଳା, ୪।୯ (ସମିସ): ନୌସେନାରେ ଯୋଗଦେବା ପାଇଁ ଅନୁଷ୍ଠିତ ପରୀକ୍ଷାରୁ ୨ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେମାନେ ହେଲେ, ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଉତ୍ତରପାରା ଥାନା ଆଦର୍ଶନଗରର ଅଞ୍ଜନୀକାନ୍ତ (୪୦) ଓ ଆରାମବାଗ ଥାନା ଗୋପାଳଦାହର ଅରଫାନୁଲ ଇସଲାମ (୩୪)। ଏହି ଅଭିଯୁକ୍ତଦ୍ୱୟ ଗୀତମ କଲେଜରେ ପଡ଼ିଥିବା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ଇନଫୋଭ୍ୟାଲି ପୁଲିସ୍ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁସାରେ, ଗୀତମ କଲେଜରେ ଗତ ୩୧ ତାରିଖ ଠାରୁ ନୌସେନାରେ ଭର୍ତ୍ତି ହେବା ପାଇଁ ପରୀକ୍ଷା ଚାଲୁଅଛି। ବିଶାଖାପାଟଣା-ଆନ୍ଧ୍ରପ୍ରଦେଶ କମାଣ୍ଡର୍ ଭାବେ କାମ କରୁଥିବା ଭିଭିଏଲ ନାଗେଶ୍ୱର ରାଓ ଉକ୍ତ ପରୀକ୍ଷା କେନ୍ଦ୍ରର ପର୍ଯ୍ୟବେକ୍ଷକ ଥିଲେ। ଗତକାଲି ପରୀକ୍ଷା ଚାଲିଥିବା ବେଳେ ସେ କିଛି ପରୀକ୍ଷାର୍ଥୀମାନଙ୍କ ପ୍ରବେଶିକାପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହୁମାୟୁନ କାରିକର ନାମକ ଜଣେ ଯୁବକଙ୍କ ପ୍ରବେଶିକା ପତ୍ରକୁ ନେଇ ତାଙ୍କର ସନ୍ଦେହ ହୋଇଥିଲା। ଅଧିକ ଯାଞ୍ଚ କରିବାରୁ ଜଣାପଡ଼ିଥିଲା ସେ ଯୁବକଜଣଙ୍କ ନାମ ଅଞ୍ଜନୀକାନ୍ତ ଏବଂ ସେ ହୁମାୟୁନ କାରିକରଙ୍କ ପ୍ରବେଶପତ୍ରରେ ନିଜର ଫଟୋ ଲଗାଇ ପରୀକ୍ଷା ଦେଉଛନ୍ତି। ସେହିଭଳି ପରୀକ୍ଷାର୍ଥୀ ଅରଫାନୁଲ ଇସଲାମଙ୍କ ପ୍ରବେଶିକା ପତ୍ର ଯାଞ୍ଚ ବେଳେ ତାଙ୍କ ବୟସକୁ ନେଇ ସନ୍ଦେହ ହୋଇଥିଲା। ଉକ୍ତ ପରୀକ୍ଷା ଦେବା ପାଇଁ ଅରଫାନୁଲଙ୍କ ବୟସ ଗଡ଼ିଯାଇଥିଲା।

## ପାଇଖାନା ଟାଙ୍କିରୁ ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ରାଉରକେଲା, ୪।୯ (ସମିସ): ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଚମ୍ପାଗଡ଼ରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ବିସର୍ଜନ ଶୋଭାଯାତ୍ରାରୁ ନିଖୋଜ ୬ ବର୍ଷୀୟ ଜଣେ ନାବାଳକର ଶବ ଆଜି ଏକ ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଛି। କେହି ଦୁର୍ବୃତ୍ତ ନାବାଳକକୁ ହତ୍ୟା କରି ବା ପରେ ପ୍ରମାଣ ଲୁଚାଇବା ପାଇଁ ଏପରି କରିଥିବା ସନ୍ଦେହ କରାଯାଉଛି। ମୃତ ନାବାଳକ ହେଲେ, ଆରବ। ଏ ସଂପର୍କରେ ଆରବର ପରିବାରଲୋକ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଅପରପକ୍ଷେ, ନ୍ୟାୟ ଦାବିରେ ପରିବାରଲୋକଙ୍କ ସହ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ସୂଚନାନୁଯାୟୀ, ବୁଧବାର ରାତିରେ ଆରବ ତାଙ୍କ ବାପା ମା'ଙ୍କ ସହ ଗଣେଶ ବିସର୍ଜନ ଦେଖିବାକୁ ଯାଇଥିଲେ। ତେବେ ହଠାତ୍ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଆଜି ସକାଳେ ତାଙ୍କ ମୃତଦେହ ଏକ ପାଇଖାନା ଟାଙ୍କିରୁ ମିଳିଥିଲା। ପରିବାର ସଦସ୍ୟ ଏବଂ ଗ୍ରାମବାସୀ ହତ୍ୟା ଅଭିଯୋଗ କରି ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିବା ଜଣାଯାଇଛି।

## ଶୌଚାଳୟ ସ୍କାଏଲାଇଟ୍ ଭାଙ୍ଗି ପୁଲିସ୍ ହେପାଜତରୁ ଅଭିଯୁକ୍ତ ଫେରାର୍

ବାଲିପାଟଣା, ୪।୯ (ସମିସ): ହସ୍ପିଟାଲ ଶୌଚାଳୟ ସ୍କାଏଲାଇଟ୍ ଭାଙ୍ଗି ଜଣେ ଗିରଫ ଅଭିଯୁକ୍ତ ପୁଲିସ ହେପାଜତରୁ ଚମ୍ପଟ ମାରିବା ଘଟଣା ବାଲିପାଟଣାରେ ଚର୍ଚ୍ଚାର ହୋଇଛି। ଅଭିଯୁକ୍ତଜଣଙ୍କ ହେଲା, ଗଡ଼ବନ୍ତପୁର ଗ୍ରାମର ଦେବବ୍ରତ ଜେନା ଓରଫ୍ ଦେବା(୨୯)। ଦେବାଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ତାକୁ ବୁଧବାର ଗିରଫ କରିଥିଲା। ଆଜି ତାକୁ କୋର୍ଟ ଚାଲଣ କରାଯାଇଥା'ନ୍ତା। ସେଥିପାଇଁ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୁଲିସ୍ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ତା'ର ମୂତ୍ର ନମୁନା ଆବଶ୍ୟକ ପଡ଼ିବାରୁ ପୁଲିସ ତାକୁ ହସ୍ପିଟାଲ ଶୌଚାଳୟକୁ ନେଇଥିଲା। ହେଲେ ଧୂର୍ତ୍ତ ଦେବା ଏହାର ଫାଇଦା ନେଇ ଶୌଚାଳୟ ସ୍କାଏଲାଇଟ୍ କାଚ ଭାଙ୍ଗି ଔଷଧୀୟ ଉଦ୍ୟାନ ବାଟେ ଫେରାର୍ ହୋଇଯାଇଥିଲା। ସପେଟେ, ଦେବା ଆସିବାରେ ବିଳମ୍ବ ହେବାରୁ କବାଟ ପାଖେ ଜଗି ରହିଥିବା ପୁଲିସ୍‌ର ସନ୍ଦେହ ହୋଇଥିଲା। କବାଟ ଖୋଲି ଦେଖିଲା ବେଳେ ଶୌଚାଳୟ ଭିତରେ ଅଭିଯୁକ୍ତ ନଥିଲା। ପରେ ତାକୁ ଧରିବା ପାଇଁ ପୂରା ଫୋର୍ସ କାମରେ ଲାଗପଡ଼ିଥିଲା। ଆଙ୍କୁଶପୁର କେନାଲ ବନ୍ଧ, କୁଶଭଦ୍ରା ନଦୀପଠାରୁ ଆରମ୍ଭ କରି କିଆ ବୁଦା, ବଣଜଙ୍ଗଲ ଖୋଜି ପୁଲସ୍ ନାକେଦମ୍ ହୋଇପଡ଼ିଥିଲା। ଶେଷରେ ପୁଲିସ ତାକୁ ଅଠାନ୍ତର ନିକଟ କୁଶଭଦ୍ରା ନଦୀପଠା ଜଙ୍ଗଲରୁ ଧରିଥିବା ଜଣାଯାଇଛି।

# ଜିଏସ୍‌ଟି ସଂସ୍କାର ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୯(ସମିସ): ଜିଏସଟିର ଐତିହାସିକ ସଂସ୍କାର ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ। ଏହା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉପକୃତ କରିବା ସହ ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗୁରୁବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏଥିପାଇଁ ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ମୁଖମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସ୍ୱାସ୍ଥ୍ୟ ଓ ଜୀବନବୀମା ଜନିତ ସେବା ଉପରୁ କର ଆଦାୟ ନ କରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ। କେନ୍ଦୁପତ୍ର ଉପରୁ ଜିଏସଟି ହ୍ରାସ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ଏହା ଓଡ଼ିଶା ତଥା ଦେଶର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ। ଏହାଦ୍ୱାରା କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢ଼ିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ। ସେହିପରି ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ।

# କଟକ ସିଟି



# ଟାୱାର ନିର୍ମାଣରେ ସିଡିଏ ପ୍ଲାନ୍ ଉଲ୍ଲଙ୍ଘନ ଅଭିଯୋଗ

### ହାଇକୋର୍ଟଙ୍କ ନୋଟିସ୍

କଟକ,୪।୯(ସମିସ): କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ପ୍ରଦତ୍ତ ପ୍ଲାନ ଉଲ୍ଲଙ୍ଘନ କରି ହରିପୁର ରୋଡ୍‌ସ୍ଥିତ ଓସିଆ ଟାୱାରରେ ବେଆଇନ ଭାବେ ନିର୍ମାଣ ଅଭିଯୋଗ ନେଇ ରୁଜୁ ମାମଲାକୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସିଡିଏ ଏବଂ ସିଏମ୍‌ସିକୁ ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ପ୍ରତିପକ୍ଷ ଶ୍ରୀ ଓସିଆ ବିଲଡରର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମଞ୍ଜୁ ଦେବୀ ସିପାନୀ, ଅନ୍ୟତମ ନିର୍ଦ୍ଦେଶକ କୈଳାସ ଚାନ୍ଦ ଚନ୍ଦକ ଓ ଅନ୍ୟମାନଙ୍କୁ ହାଇକୋର୍ଟ ଏହି ନୋଟିସ୍ ଜାରି କରିଛନ୍ତି। ଓସିଆ ଟାୱାରର ସହଯୋଗୀ-ପ୍ରତିଷ୍ଠାତା ତଥା ୨୦୦୭ରୁ ଏହି ସଂସ୍ଥା ଛାଡ଼ି ସାରିଥିବା ସୁରେଶ କୁମାର ଜୈନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏହି ଟାୱାର ବା ବିଲଡିଂ ନିର୍ମାଣ ପୂର୍ବରୁ ସିଡିଏ ନିକଟରୁ ପ୍ଲାନ୍ ଅନୁମୋଦନ ହୋଇଥିଲା। କିନ୍ତୁ ଅନୁମୋଦିତ ପ୍ଲାନ୍ ଆଧାରରେ ଏହି କୋଠା ନିର୍ମାଣ କରାଯାଉ ନ ଥିବା ଦର୍ଶାଯାଇଛି। ସେହିଭଳି ଏହି ବିଲଡିଂର ଫ୍ଲାଟ୍ ପଞ୍ଜିକରଣରେ ଜାଲିଆତି ହୋଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସବ୍ୟସାଚୀ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

■ ହୀରାକୁଦ ଜଳଭଣ୍ଡାରରୁ ମାଡ଼ି ଆସୁଛି ପାଣି

# ତଳିଆ ଅଞ୍ଚଳରେ ସତର୍କ ରହିବାକୁ ପରାମର୍ଶ

କଟକ,୪।୯(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ, ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ଏବଂ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି। ଏହା ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### କମିସନରେଟ୍ ପୁଲିସ ସାଜିଛି ନିରବଦ୍ରଷ୍ଟା

# ବେଲଗାମ୍ ବାଲି ଚୋରି; ବେଫିକର୍ ମାଫିଆ



**ଗଡିରାଉତ ପାଟଣା ଓ ନିମେଇଁଷାପୁର ଘାଟରୁ ଶହ ଶହ ଟ୍ରକ୍‌ରେ ଉଠୁଛି ବାଲି**

**୫୦ରୁ ଅଧିକ ବେଆଇନ୍ ଘାଟରୁ ହେଉଛି ବାଲି ଚୋରି**

**ରାଜନେତା ଓ ପ୍ରଶାସନର ଜ୍ଞାତସାରରେ ଚାଲିଛି କାରବାର**

କଟକ,୪।୯(ସମିସ):

ଦୀର୍ଘ ଦିନ ହେବ ବାଲି ଚୋରା ଚାଲାଣକୁ ନେଇ କମିସନରେଟ୍ ପୁଲିସ ସାଜିଛି ନିରବଦ୍ରଷ୍ଟା। ଦାୟିତ୍ୱରେ ଥିବା ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ଖଣି ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ବାଲି ଚୋରିକୁ ନେଇ କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି। ଉଭୟ ମହାନଦୀ ଓ କାଠଯୋଡିରୁ ଦୈନିକ ହଜାର ହଜାର ଟ୍ରିପ୍ ବାଲି ଚୋରି କରି ମାଫିଆମାନେ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଛି। କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚେରୀମାଳ, ପ୍ରତାପନଗରୀ, ନୂଆଗଡ଼, ପାଇକସାହି ଓ ତିଥିପଡାରୁ ବେଆଇନ୍ ଭାବେ ଶହ ଶହ ଟ୍ରକ୍ ଚୋରା ବାଲି ଚାଲାଣ ହେଉଛି। ସେହିପରି ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗଡିରାଉତପାଟଣା ଓ କନ୍ଦରପୁର ଥାନା ଅନ୍ତର୍ଗତ ନିମେଇଁଷାପୁର ଘାଟରୁ ବେଲଗାମ ଭାବେ ବାଲି ଚୋରି ହେଉଛି। କିଛି ଦିନ ପୂର୍ବରୁ ବାଲି ବୋଝେଇ ହାଇୱା ଏକ ପିସିଆର୍ ଭ୍ୟାନ୍‌କୁ ଧକ୍କା ଦେବା ଫଳରେ ସିଆର୍‌ଆର୍‌ଆଇ ଥାନାର ୨ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହା ପଛରେ ଥିବା ପ୍ରକୃତ ରହସ୍ୟକୁ ଏପର୍ଯ୍ୟନ୍ତ କମିଶନରେଟ୍ ପୁଲିସ ଉନ୍ମୋଚନ କରିପାରୁନାହିଁ। ଚୋରା ବାଲି ବୋଝେଇ ଟ୍ରକ୍‌କୁ ଜବତ କରିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ, ଏହି ୨ପୁଲିସ କର୍ମଚାରୀ। ଏହା ପଛରେ ବାଲି ମାଫିଆଙ୍କ ହାତ ଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ପୁଲିସ ଏ କ୍ଷେତ୍ରରେ ନିରବ ରହିଛି। ଅନ୍ୟପଟେ ବାଲି ବୋଝେଇ ହାଇୱା ଚାପି ଦେବା ଦ୍ୱାରା ଗୋଟିଏ ବର୍ଷରେ କଟକ ସହରରେ ୪୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ମୁଖ୍ୟତଃ ରାଜନେତା, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ମହାନଗର ନିଗମ ଜ୍ଞାତସାରରେ ଚୋରା ବାଲି ଚାଲାଣ ହେଉଥିବାର ଅଭିଯୋଗ ଉଠିଛି। କିଛି ଦୁର୍ନିତଗ୍ରସ୍ତ ଅଧିକାରୀ ମୋଟା ଅଙ୍କର ଟଙ୍କା ନେଇ ଏହି ବେଆଇନ କାରବାରକୁ ପ୍ରୋତ୍ସାହନ ଦେଉଥିବାର ଚର୍ଚ୍ଚା ଜୋର ଧରିଛି। ଫଳରେ ଦିନକୁ ଦିନ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।

ବାଲିଘାଟ ଗୁଡିକ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଥିଲେ ସୁଦ୍ଧା ଏବେ ବି ବେଧଡକ ବାଲି ଉତ୍ତୋଳନ କରାଯାଉଥିବା ଜଣାପଡିଛି। ଫଳରେ ଚୋରା ବାଲି ଚାଲାଣ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ। ବର୍ଷା ଋତୁରେ ବାଲିଘାଟ ଗୁଡିକ ବନ୍ଦ କରିବା ପାଇଁ ଖଣି ଉପନିର୍ଦ୍ଦେଶକଙ୍କ ତରଫରୁ ଗତ ଜୁଲାଇ ୨ରୁ ନୋଟିସ ଜାରି କରାଯାଇଥିଲା। ହେଲେ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ଲକ୍ଷାଧିକ ଟଙ୍କାର ବାଲି ରାତି ବେଳା ଚୋରା ଚାଲାଣ କରାଯାଉଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ନିକଟରେ ଏହି ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନି। ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ୍ ଅଧିନରେ ୭୬ଟି ବାଲିଘାଟ ରହିଛି। ଏହା ବାଦ ନିଲାମ ହୋଇନଥିବା ବାଲିଘାଟ ସହ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ବାଲି ଚୋରା ଚାଲାଣ କରୁଛନ୍ତି। ସହରର ମହାନଦୀ ଓ କାଠଯୋଡି ସମେତ ଜିଲ୍ଲାର ଦେବୀ, ବିରୂପା, ଲୁଣା, ଚିତ୍ରୋତ୍ପଳା ଆଦି କେତେକ ନଦୀରେ ବେଆଇନ ଘାଟ ଚାଲୁଛି। ବିଶେଷକରି ରାତି ସମୟରେ ଚୋରା ବାଲିଚାଲାଣ ହୋଇଆସୁଥିବା ବେଳେ ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ୧୩୦୦ରୁ ୧୫୦୦ଟଙ୍କା ପଡୁଛି। ଏପରିକି ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ଏହାକୁ ବିକ୍ରି କରାଯାଉଛି; ଯାହା ଖଣିଜ ନିୟମର ଉଲ୍ଲଙ୍ଘନ କରୁଛି। ବାଲି ମାଫିଆମାନେ ମଧ୍ୟ ଖଣି ବିଭାଗର ନିୟମ ଉଲ୍ଲଙ୍ଘନ କରି ମନଇଚ୍ଛା ଦର କଷୁଛନ୍ତି। ଫଳରେ ଲୋକଙ୍କ ପାଖରେ ବାଲି ପହଞ୍ଚାଇବାକୁ ଟ୍ରାକ୍ଟର ଓ ହାଇୱା ମାଲିକମାନେ ଅଧିକ ଅର୍ଥ ଦାବି କରୁଛନ୍ତି। ସେହିଭଳି ସଦର ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଚୋରାରେ ବାଲି ଚାଲାଣ ହେଉଛି। ପୁନଶ୍ଚ ନଦୀପଠାକୁ ଖୋଳି ବାଲି ଚୋରି ହେଉଥିବାରୁ ନଦୀ ବନ୍ଧ ଦୁର୍ବଳ ହେଉଛି। ଏହି ବାଲି ଚୋରିକୁ ରୋକା ନଯାଏ ତେବେ ନଦୀରେ ପାଣି ଆସିଲେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ ହେବ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଅନ୍ୟପକ୍ଷରେ ହାଇୱା ଚଳାଚଳ ପାଇଁ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷ ବର୍ଷ ଧରି ବାଲିକୁଦା-ତ୍ରିଶୁଳିଆ ମୁଖ୍ୟ ରାସ୍ତା ଠାରୁ ବାରଙ୍ଗ ଗୋଲେଇଛକ ଏବଂ ହାଇକୋର୍ଟକୁ ସଂଯୋଗ କରୁଥିବା ସୁବାସସେତୁ ବାଲିର ମୋଟା ଆସ୍ତରଣ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ବାଇକ ଚାଳକ ଯାତାୟତ କରୁଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନରଶପୁର ଓ ମୁଣ୍ଡମୁହାଣ ବାଲିଘାଟରୁ ବେଆଇନ ଭାବରେ ବାଲି ବୋଝେଇ ହାଇୱା ଚଳାଚଳ କରୁଛି। ବିନା ପାଲରେ ଶହ ଶହ ହାଇୱା ଯୋଗେ ବାଲିନେଇ ଚାଳକାମନେ ରାସ୍ତାରେ ଯାତାୟତ କରୁଥିବାରୁ ରାସ୍ତାର ଉଭୟ ପାଶ୍ୱର୍ରେ ବାଲି ଖସି ଗଦା ହୋଇ ରହୁଛି। ଏଥି ଯୋଗୁଁ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ଉତ୍କଟ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ଆସୁଛି ଦୁର୍ଗାପୂଜା, ମୃଣ୍ମୟ ମୂର୍ତ୍ତିରେ ଏକମାଟିଆ କାର୍ଯ୍ୟ ସମ୍ପନ୍ନ

# ୨୦ ଲକ୍ଷର ବ୍ରାଉନସୁଗର ଜବତ; ୨ ଗିରଫ

କଟକ/ମଙ୍ଗୁଳି,୪।୯(ସମିସ): ୨ ଜଣ ପେସାଦାର ନିଶା ବେପାରୀଙ୍କୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ଗୋପପୁରର ରଞ୍ଜନ ମଲ୍ଲିକ(୩୦) ଓ ଅମରାବତିର ବଳରାମ ଖଣ୍ଡୁଆଳ(୨୨)। ଏମାନଙ୍କ ପାଖରୁ ୧୯୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଆଜି ମଧ୍ୟାହ୍ନରେ ସୂଚନା ମିଳିଲାକି, ୧୬ ନଂ ଜାତୀୟ ରାଜପଥ ଦେଇ ବଡ ଧରଣର ନିଶା କାରବାର ହେଉଛି। ତଦନୁଯାୟୀ, ଅବକାରୀ କମିଶନର ପି. ଅନଭେଷା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅଧିକ୍ଷକ ତେଜରାଜ ଜାନୀଙ୍କ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କ୍ୱାଡ ଟାଙ୍ଗୀ ଟୋଲ ଗେଟ ନିକଟରେ ଡେରା ପକାଇଥିଲା। ଏହି ସମୟରେ ଏକ ବାଇକରେ ଆସୁଥିବା ଦୁଇ ଜଣ ଯୁବକ ଯାଞ୍ଚ ପ୍ରକ୍ରିୟା ଦେଖି ଗାଡି ବୁଲାଇ ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କୁ କାବୁ କରାଯାଇଥିଲା। ତଲାସି ନେବାରୁ ଜଣଙ୍କ ମନିପର୍ସରୁ ୧୯୪ ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ନିଶାଦ୍ରବ୍ୟ ନେଇ କଟକ ଅଭିମୁଖେ ଆସୁଥିଲେ। ପୂର୍ବରୁ ମଧ ସେମାନେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ଚାଲାଣ କରୁଥିବା ଜଣାପଡିଛି। ଏହି ଘଟଣାରେ ନିଶାଦ୍ରବ୍ୟ, ବାଇକ, ମୋବାଇଲ ଜବତ ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



# ରୋଟାରୀ କ୍ଲବ୍ ଅଫ୍ କଟକର ସ୍ୱନକ୍ଷତ୍ର



କଟକ,୪।୯(ସମିସ): ରୋଟାରୀ କ୍ଲବ ଅପ୍ କଟକର ସ୍ୱନକ୍ଷତ୍ର ପାଳନ ଅବସରରେ ସହରର ବିଭିନ୍ନ ସ୍ଥାନରେ ସମାଜ ସେବା ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ତନ୍ମଧ୍ୟରୁ ଖାନନଗରସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ରୋଟାରୀ କ୍ଲବ ଅପ୍ କଟକର ପୂର୍ବତନ ସଭାପତି ବିଜୟକୃଷ୍ଣ ମହାନ୍ତିଙ୍କ ଦ୍ୱାରା ଆଧୁନିକ ସୁନ୍ଦର ଉଦ୍ୟାନ ଲୋକାର୍ପଣ ହୋଇଥିଲା। ଏହାଛଡ଼ା ଜନସାଧାରଣଙ୍କ ସୁବିଧା ନିମନ୍ତେ ଏକ ଶୌଚାଳୟ ସ୍ଥାପନ କରାଯାଇଥିଲା। ସାଇ ମନ୍ଦିର ଉଦ୍ୟାନରେ ଚାରା ରୋପଣ କରାଯାଇଥିଲା। "ବୃକ୍ଷ ହିଁ ଜୀବନ" ଏହା ସମସ୍ତେ ବୁଝିବାର ଆବଶ୍ୟକତା ରହିଛି ବୋଲି ରୋଟାରିଆନମାନେ ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅପ୍ କଟକର ସଭାପତି ସୁଜାତା ପ୍ରିୟଦର୍ଶିନୀ, ସମ୍ପାଦିକା ଡଃ ତସ୍ନିମ ଦୋଡ଼ିୟ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଚକ୍ଷୁଦାନ ଦିବସ

କଟକ,୪।୯(ସମିସ): ଏସ୍‌ସିବି ମେଡିକାଲର ଚକ୍ଷୁବିଭାଗ ପକ୍ଷରୁ ଚକ୍ଷୁଦାନ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ରମାମଣି ଦଳାଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ମେଡିକାଲ ପରିକ୍ରମା କରି ଚକ୍ଷୁ ବିଭାଗ ନିକଟରେ ପହଞ୍ଚିଥିଲା। ଭାରତରେ କର୍ଣ୍ଣିଆ ଅନ୍ଧତ୍ୱ ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। କର୍ଣ୍ଣିଆ ପ୍ରତିରୋପଣ ହେଉଛି ଏହାର ଏକମାତ୍ର ପ୍ରମାଣିତ ବୈଜ୍ଞାନିକ ପଦ୍ଧତି। ଚକ୍ଷୁଦାନର ସଚେତନାର ବହୁ ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାକୁ ପ୍ରଫେସର ଡା. ତରୁଣ କୁମାର ପଣ୍ଡା ଓ ଡା. ଶିବେନ୍ଦୁ ମହାରଣା ପରିଚାଳନା କରିଥିଲେ।

### ହାଇକୋର୍ଟରେ କଟକ ସହର ସମସ୍ୟା

# ଡିଜାଇନ୍ ଯାଞ୍ଚ ପରେ ଉଚ୍ଚ ତୋରଣ ପାଇଁ ଦିଆଯିବ ଏନ୍‌ଓସି

କଟକ,୪।୯(ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଛନ୍ତି। ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଏହି ସମୟରେ ଯେପରି ପୂର୍ବରୁ ଜାରି ହୋଇଥିବା କଟକଣା ଉଲ୍ଲଙ୍ଘନ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତ ବିଭାଗକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଦୁର୍ଗାପୂଜା ପାଇଁ ଏସଓପି ଜାରି କରାଯାଇଛି। ସହରର ୬ଟି ସ୍ଥାନରେ ବଡ ତୋରଣ କରଯିବ ବୋଲି ସମ୍ପୃକ୍ତ ପୂଜା କମିଟି ଜିଲ୍ଲା ପ୍ରଶାସନକୁ ଜଣାଇଛି। ତେବେ ସୁରକ୍ଷା ଓ ଟ୍ରାଫିକ ଦୃଷ୍ଟିକୋଣରୁ ଏଗୁଡିକର ଡିଜାଇନ ନିୟୋଜିତ ଯନ୍ତ୍ରୀଙ୍କ ଦ୍ୱାରା ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ଡିଜାଇନ ପରିବର୍ତ୍ତନ କରାଯିବା ପରେ ଏନଓସି ଦିଆଯିବ ବୋଲି ଜିଲ୍ଲାପାଳ ଦର୍ଶାଇଥିଲେ। ତେବେ ପୂଜା ଶେଷ ପରେ ତୋରଣ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ହଟାଇବା ତଥା ଏଥିପାଇଁ ସମୟସୀମା ନିର୍ଦ୍ଧାରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### କଳା ତାଲିକାଭୁକ୍ତ ହେବ ନିୟମ ଉଲ୍ଲଙ୍ଘନକାରୀ ଡିଜେ

ଶବ୍ଦ ପ୍ରଦୂଷଣ ପାଇଁ ୬୫ ଡେସିବଲରୁ ଅଧିକ ଶବ୍ଦ ଉତ୍ପନ୍ନ ଉପରେ ଥିବା କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କଟକ ଡିସିପି ଜଣାଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ଏନଫୋର୍ସମେଣ୍ଟ କରାଯିବାକୁ ଥିବା ବେଳେ ସ୍କୁଲ କଲେଜରେ ସଚେତନତା ସୃଷ୍ଟି କରାଯିବ। ଅନ୍ୟପଟରେ ନିୟମ ଉଲ୍ଲଙ୍ଘନକାରୀ ଡିଜେକୁ କଳାତାଲିକାଭୁକ୍ତ କରାଯିବ ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି ଡିସିପି।

### ନିରାମୟ କେନ୍ଦ୍ରରେ ଲାଗିବ ଉପଲବ୍ଧ ଔଷଧର ଡିଜିଟାଲ ବୋର୍ଡ

ଏସସିବି ନିରାମୟ କେନ୍ଦ୍ରରେ ଅନେକ ସମୟରେ ରୋଗୀ ଓ ସମ୍ପର୍କୀୟଧାଡି ବାନ୍ଧି ଛିଡା ହୋଇ ଔଷଧ ନ ଥିବାରୁ ନିରାଶରେ ଫେରୁଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଲବ୍ଧ ନ ଥିବା ଔଷଧର ଡିଜିଟାଲ ପ୍ରଦର୍ଶନ କରିବା ଉପରେ ଖଣ୍ଡପୀଠ ପୂର୍ବରୁ ଗୁରୁତ୍ୱାରୋପ କରିଥିଲେ। ଏସିସିବିରେ ୮ଟି ଡିଜିଟାଲ ଡିସପ୍ଲେ ବୋର୍ଡ ପ୍ରାୟ ୧୧ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ଲଗାଇବାକୁ ଓକାକ ପକ୍ଷରୁ ଡିଏମଇଟିଙ୍କୁ ଡିପିଆର ପ୍ରଦାନ କରାଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟାର ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସସିବିରେ ଥ୍ରୀ ଟି ଏମଆରଆଇ ମେସିନ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ମଧ ଏସସିବି କର୍ତ୍ତୃପକ୍ଷ କହିଛନ୍ତି।

### ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଏସସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ଜଣେ ବିଶେଷଜ୍ଞ ଡାକ୍ତର ତଥା ସହକାରୀ ପ୍ରାଧ୍ୟାପକ ସୌମ୍ୟରଞ୍ଜନ ଦାସ ଗତ ୨୦୨୩ ଅଗଷ୍ଟ ୧୧ରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ଓ ତାଙ୍କୁ ବେତନ ଦିଆଯାଇ ନାହିଁ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ସେ କାର୍ଯ୍ୟରେ ଯୋଗଦେବା ନେଇ ରିପୋର୍ଟ ଦାଖଲ କରି ନ ଥିଲେ। ଯୋଗଦେବାର ୫ଦିନ ପରେ କୌଣସି ସୂଚନା ନ ଦେଇ ଅନ୍ୟତ୍ର କାର୍ଯ୍ୟ କରିଥିଲେ।


ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖାନ୍, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ରି. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | ସାନ୍ସା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୪୫୫ | ଟ.୩୦,୬୯୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରାଇଡା, ଭୂୟାଁରାଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୩୮୦ | ଟ.୨୩,୬୮୬.୮୫ | ୫.୫୬ | ୬.୬୫ |
| | **ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ଡୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪** | | | |
| ୧. | ମହମ୍ମଦ କୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୫୧ | ଟ.୧,୫୬,୩୩୦.୦୦ | ୩୩.୪୧୭ | ୩୫.୫୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୯୬୭ | ଟ.୪,୮୨,୯୧୯.୬୬ | ୮୫ | ୧୦୦.୬ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍, ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ
THE SAKALA

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ଜିଏସ୍‌ଟି ଆଶ୍ୱସ୍ତି

ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ପ୍ରଚଳନ ପରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଗଲା ସେଥିରେ କୁହାଗଲା ଯେ ପୂର୍ବରୁ ଗରିବଙ୍କ ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଅଟା ଓ ଚାଉଳରେ ମଧ୍ୟ ଟିକସ ଲାଗୁଥିଲା। ଜିଏସ୍‌ଟି ପରେ ଗରିବ ଆଶ୍ୱସ୍ତ ହେବେ। କିନ୍ତୁ ଜିଏସ୍‌ଟି ପରିସରକୁ ଏଭଳି ଅନେକ ଦ୍ରବ୍ୟ ଓ ସେବା ଅଣାଗଲା, ଯାହା ଥିଲା ଅଭୂତପୂର୍ବ ଓ ଅବିଶ୍ୱସନୀୟ। ସେଥିମଧ୍ୟରୁ ଗୋଟିଏ ଥିଲା ସମ୍ବିଧାନ ପ୍ରଦତ୍ତ ଜୀବନ ଜିଇଁବାର ମୌଳିକ ଅଧିକାର ସହିତ ଯୋଡ଼ି ହୋଇଥିବା ସ୍ୱାସ୍ଥ୍ୟବୀମା ଓ ଜୀବନ ବୀମା। ଅବିଶ୍ୱସନୀୟ ଭାବେ ଏହା ଉପରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଧାର୍ଯ୍ୟ କରାଯାଇଥିଲା। ଭାରତରେ ବୀମା କମ୍ପାନୀମାନେ ପ୍ରଚୁର ଲାଭ କରୁଥିଲେ ମଧ୍ୟ ଜିଏସ୍‌ଟି ବୋଝ ବୀମାଧାରୀ ବା ଉପଭୋକ୍ତାଙ୍କୁ ହିଁ ମୁଣ୍ଡାଇବାକୁ ପଡୁଥିଲା। ଏହାକୁ ନେଇ ଟିକସଦାତାଙ୍କ ମନରେ ପ୍ରବଳ ଅସନ୍ତୋଷ, ଏପରିକି ଏନ୍‌ଡିଏ ଭିତରେ ମଧ୍ୟ ବିରୋଧାଭାସ ସୃଷ୍ଟି ହୋଇଥିଲା। ବରିଷ୍ଠ ବିଜେପି ନେତା ନିତିନ ଗଡ଼କରୀ ଅନେକ ଜନସଭାରେ ଏହାକୁ ନାପସନ୍ଦ କରି ମନ୍ତବ୍ୟ ଦେଇଥିଲେ। ସୁଖର କଥା ଯେ ସଦ୍ୟତମ ଜିଏସ୍‌ଟି ବୈଠକରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା ସମେତ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଶିକ୍ଷା ସହିତ ଜଡ଼ିତ କେତେକ ଉପକରଣକୁ ଜିଏସ୍‌ଟି ପଞ୍ଝାରୁ ମୁକ୍ତ କରିଦିଆଯାଇଛି।

ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବିଧାନ ପ୍ରଦତ୍ତ ଦୁଇ ମୌଳିକ ଅଧିକାର। ଅଥଚ ଭାରତରେ ସର୍ବାଧିକ ସମସ୍ୟାବହୁଳ କ୍ଷେତ୍ର ରୂପେ ପରିଚିତ ଏହି ଦୁଇଟିରେ ବଜେଟ୍ ବ୍ୟୟବରାଦ ନୈରାଶ୍ୟଜନକ। ଅପରପକ୍ଷରେ ଦିନକୁ ଦିନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟୟବହୁଳ ହୋଇପଡୁଥିବା ବେଳେ ସେଗୁଡ଼ିକ ଉପରେ ୧୨%-୧୮% ଜିଏସ୍‌ଟି 'ବୋଝ ଉପରେ ନଳିତା ବିଡ଼ା' ଭଳି ହୋଇଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟ୍ ଯେ ସମ୍ବିଧାନର ପରିପନ୍ଥୀ ଏହା ହୃଦ୍‌ବୋଧ କରିବାକୁ ସରକାରଙ୍କୁ ୯ ବର୍ଷ ଲାଗିଗଲା। ଶିକ୍ଷା ସହିତ ସଂଶ୍ଲିଷ୍ଟ ଉପକରଣକୁ ୧୨% ଜିଏସ୍‌ଟି ସ୍ଲାବ୍‌ରୁ ମୁକ୍ତ କରି ୦% କରାଯାଇଥିବା ବେଳେ ତଥାପି କେତେକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଉପକରଣ ଜିଏସ୍‌ଟିର ପଞ୍ଝାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହିଁ। ଆଗାମୀ ଦିନରେ ଏ ଦିଗପ୍ରତି ଜିଏସ୍‌ଟି ପରିଷଦ ଦୃଷ୍ଟି ଦେବେ ବୋଲି ଆଶା।

ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ବିବାଦ ପୃଷ୍ଠଭୂମିରେ ବିହାର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବର ବାଧ୍ୟବାଧକତା ହେଉ କିମ୍ବା ସରକାରଙ୍କ ଜନକଲ୍ୟାଣ ଦୃଷ୍ଟିକୋଣରୁ ଚାରିଥାକିଆ ଜିଏସ୍‌ଟି ଏବେ ତିନିଥାକିଆର ରୂପ ନେଇଛି। ୧୨% ଓ ୨୮% ସ୍ଲାବ୍‌କୁ ହଟାଇ ତା' ଅଧୀନରେ ଆସୁଥିବା ନିତ୍ୟବ୍ୟବହାର୍ଯ୍ୟ, ବିଳାସପୂର୍ଣ୍ଣ ଓ ଆମୋଦଦାୟକ ସାମଗ୍ରୀ, ଯାନବାହନ, କୃଷି ଉପକରଣ ଆଦିକୁ ୫% ଓ ୧୮% ସ୍ଲାବ୍‌ରେ ବାଣ୍ଟି ଦିଆଯାଇଥିବାରୁ ମହଙ୍ଗା ମାଡ଼ ଓ ଆୟ ସଂକୋଚନରେ ଘାଇଲା ଖାଉଟି ଆଶ୍ୱସ୍ତି ପାଇବେ ନିଶ୍ଚୟ। ଏହାଦ୍ୱାରା ବଜାର ଅର୍ଥନୀତି ମଧ୍ୟ ଚଳଚଞ୍ଚଳ ହୋଇ ଅଭିବୃଦ୍ଧିକୁ ଗତି ମିଳିବ। ଜିଏସ୍‌ଟି ସ୍ଲାବ୍ କୋହଳ ଦ୍ୱାରା ସରକାର ଯେତିକି ରାଜସ୍ୱ ହରାଇବେ ତାହାକୁ ତମାଖୁଜାତୀୟ ଉତ୍ପାଦରୁ ଭରଣା କରିବେ। କାରଣ ଇତିମଧ୍ୟରେ ସେହିସବୁ ଆପତ୍ତିଜନକ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଜିଏସ୍‌ଟିର ୪୦% ସ୍ଲାବ୍ ମଧ୍ୟରେ ସେଗୁଡ଼ିକୁ ରଖାଯାଇଛି। ତେଣୁ ରାଜସ୍ୱ ଭରଣାରେ ସରକାରଙ୍କ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ଏହାଦ୍ୱାରା ରାଜ୍ୟମାନଙ୍କର ଟିକସ ରାଜସ୍ୱ ହାନି ନେଇ ଯେଉଁ ଅଭିଯୋଗ ଓ ଭରଣା ଦାବିମାନ ଆସିବ ତାହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ।

## ସ୍ୱପ୍ନରେ ଅଙ୍କୁଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧୀ ଅସୂୟା ଉତ୍କଟ ହେଉଛି। ଏହା ଯେ ଉଭୟଦେଶ ପାଇଁ ଅହିତ ତାହା ବୁଝିବା ସ୍ଥିତିରେ ଟ୍ରମ୍ପ ନାହାନ୍ତି। ଭାରତର ରପ୍ତାନି ବାଣିଜ୍ୟ ପରେ ଟ୍ରମ୍ପଙ୍କ ରୋଷର ଶିକାର ହେବାକୁ ଯାଉଛନ୍ତି ଆମେରିକାରେ ପାଠପଢ଼ି ସେଠାରେ ଚାକିରି ଖୋଜିବାକୁ ସ୍ୱପ୍ନ ଦେଖୁଥିବା ପ୍ରବାସୀ ଛାତ୍ରଛାତ୍ରୀ। ଆମେରିକାରେ ପ୍ରଚଳିତ ନିୟମ ଓ ସର୍ତ୍ତ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏଫ୍-୧ ଓ ଜେ ଆକାରରେ ଦୁଇପ୍ରକାର ଭିସା ଦିଆଯାଉଛି। ଏଫ୍-୧ ଭିସାଧାରୀମାନଙ୍କ ପାଖରେ ଛାତ୍ର ମାନ୍ୟତା ଥିବା ପର୍ଯ୍ୟନ୍ତ ଆମେରିକାରେ ରହିପାରୁଛନ୍ତି। ଗୋଟିଏ ପାଠ୍ୟକ୍ରମ ସରିବା ପରେ ଅନୁରୋଧ ଆଧାରରେ ଆମେରିକାର ଶିକ୍ଷାନୁଷ୍ଠାନମାନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅବଧି ବୃଦ୍ଧି ପାଇଁ ସୁପାରିସ କରୁଛନ୍ତି। ଏହାଦ୍ୱାରା ସେମାନେ ସେଠାରେ ରହି ଚାକିରି ଖୋଜିବା ସହଜ ହେଉଛି। ପାଠପଢ଼ା ଅବଧି ପରେ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ରହିବାର ଅନୁମତି ମିଳୁଛି। ଏହି ନିୟମକୁ ଏବେ ଟ୍ରମ୍ପ ପ୍ରଶାସନ ସଂଶୋଧନ କରିବାର ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଆମେରିକାର ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି(ଡିଏଚ୍‌ଏସ୍) ଦ୍ୱାରା ପ୍ରଣୀତ ସଂଶୋଧିତ ଚିଠା ନିୟମ ଅନୁଯାୟୀ ପ୍ରବାସୀ ଛାତ୍ରଛାତ୍ରୀଙ୍କୁ ୪ ବର୍ଷ କିମ୍ବା ପାଠ୍ୟକ୍ରମ ଅବଧି ମଧ୍ୟରୁ ଯାହା କମ୍ ଥିବ ସେତିକି ଦିନ ପାଇଁ ଭିସା ଅନୁମତି ମିଳିବ। ଏହାପରେ ଛାତ୍ରଛାତ୍ରୀମାନେ ସେଠାରେ ରହିବାକୁ ହେଲେ ସିଧାସଳଖ ଡିଏଚ୍‌ଏସ୍‌କୁ ଆବେଦନ କରିବାକୁ ପଡ଼ିବ। ଯଦି ଡିଏଚ୍‌ଏସ୍ ସନ୍ତୁଷ୍ଟ ହୁଏ ତେବେ ସର୍ବାଧିକ ୩୦ ଦିନ ପର୍ଯ୍ୟନ୍ତ ହିଁ ରହିବା ଅନୁମତି ମିଳିବ।

୨୦୨୩-୨୪ ତଥ୍ୟାନୁଯାୟୀ ଆମେରିକାରେ ୧୧ ଲକ୍ଷ ୨୭ ହଜାର ପ୍ରବାସୀ ଛାତ୍ରଛାତ୍ରୀ ଅଛନ୍ତି, ଯାହାଙ୍କ ମଧ୍ୟରୁ ପ୍ରାୟ ଏକ-ଚତୁର୍ଥାଂଶ ବା ୩ ଲକ୍ଷ ୩୧ ହଜାର ଭାରତୀୟ। ତେଣୁ ଟ୍ରମ୍ପଙ୍କ ନୂଆ ଭିସା ନିୟମରେ ଭାରତୀୟ ଛାତ୍ରଛାତ୍ରୀ ସର୍ବାଧିକ ପ୍ରଭାବିତ ହେବେ। କିନ୍ତୁ ଯେଉଁମାନଙ୍କୁ ଏଫ୍-୧ ଭିସା ଅନୁମତି ମିଳିସାରିଛି ସେମାନେ ନୂଆ ନିୟମରେ ପ୍ରଭାବିତ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆମେରିକାକୁ ପୁଣି ସମୃଦ୍ଧିଶାଳୀ କରିବା ଲକ୍ଷ୍ୟ(ମେକ୍ ଆମେରିକା ଗ୍ରେଟ୍ ଏଗେନ୍-ମାଗା)ରେ ଟ୍ରମ୍ପଙ୍କ ମାତ୍ରାଧିକ ରକ୍ଷଣଶୀଳ ରାଷ୍ଟ୍ରବାଦୀ ନୀତି ଆମେରିକାକୁ ତାଙ୍କ ଲକ୍ଷ୍ୟ ବିପରୀତ ଦିଗରେ ନେଇଯାଇପାରେ। ତେଣୁ ଆମେରିକାର କୁଳପତି ଓ ଅଧ୍ୟକ୍ଷ ସଂଘ ଚିଠା ନିୟମର ପୁନଃବିଚାର ପାଇଁ ଟ୍ରମ୍ପ ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। 'ମାଗା'ରେ ମଣିଷ ଗଢ଼ା ଉଦ୍ୟମର ଫଳ ଯଦି ମାଙ୍କଡ଼ର ରୂପ ନିଏ ତେବେ ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ପାଇଁ ଅହିତକର ହେବ - ଏହା ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତା ପରିଷଦ ବୁଝାଇବା ଆବଶ୍ୟକ।

# ଆମେ ଖାଉଟି ହୋଇ ରହିଗଲେ

ଗୌରୀ ପ୍ରସାଦ ମହାପାତ୍ର

ଆମେ ବିଶ୍ୱର ସର୍ବବୃହତ୍ ଓ ସଚଳ ଖାଉଟି ବଜାରର ଅଧିକାରୀ। ତେଣୁ ବିଦେଶୀ ଯେତେ ଶକ୍ତିଶାଳୀ ଓ ପ୍ରତିପତ୍ତିଶାଳୀ ହେଉ ପଛକେ ଆଜିର ବଜାର-ଅର୍ଥନୈତିକ ବିଶ୍ୱ ପ୍ରେକ୍ଷାପଟରେ ଆମ ସହିତ ସାଲିସ୍ କରିବାକୁ ବାଧ୍ୟ। ଏହି ଧାରଣାରୁ ଊର୍ଦ୍ଧ୍ୱକୁ ଆମେ ଯଦି ଉଠିପାରିଥା'ନ୍ତେ, ତା'ହେଲେ ଆଜି ଆମେରିକା ଚାପରେ ଅସହାୟ ହୋଇ ପଡ଼ି ନଥା'ନ୍ତେ। ଖାଉଟି ମାନସିକତା, ଶ୍ରମକାତରତା ଓ ନୀତିଗତ ଅର୍ଥବତାର କର୍ମସଂସ୍କୃତି ଭିତରେ ଆମେ ଯାହା ଯେତିକି ଉତ୍ପାଦନ କଲୁ ସେଥିରୁ ସିଂହଭାଗ ରପ୍ତାନୀ ପାଇଁ କେବଳ ଆମେରିକା ବଜାର ଉପରେ ନିର୍ଭର କରି ଅଧିକ ଲାଭ, ସୁଖ ଓ ଶାନ୍ତି ଖୋଜିଲୁ; ଅଥଚ ବିଶ୍ୱ ବଜାରର ଆହ୍ୱାନକୁ ସମ୍ମୁଖୀନ ହେବାକୁ ଆଗଭର ହେଲୁ ନାହିଁ। ଆମେରିକାର ଆମଦାନୀ ଶୁଳ୍କ ବୃଦ୍ଧିରେ ଆକ୍ରାନ୍ତ ହେବା ପରେ ଯାଇ ଏବେ ବିକଳ୍ପ ବଜାର ସନ୍ଧାନ ଆରମ୍ଭ କରିଛୁ। ଯଦିବା ଆମେ ଏଥିରେ ଆଶୁ ସଫଳତା ଲାଭ କରୁ, ତଥାପି ଯେ ବାଣିଜ୍ୟ ନିଅଣ୍ଟକୁ ଭରଣା କରିପାରିବୁ ସେ ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁନାହିଁ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମେ କେବଳ ଖାଉଟି ହୋଇ ରହିଯିବା ପଛରେ ମୁଖ୍ୟ କାରକଟି ହେଉଛି ରାଜନୈତିକ ବାଧ୍ୟବାଧକତା ଜନିତ ନୀତିଗତ ସ୍ଥାଣୁତା। ପ୍ରତିଯୋଗୀ ପ୍ରତିବେଶୀ ଚୀନ୍ ସହିତ ଆମର ତୁଳନା କରାଯାଉ। ଆମେ ସ୍ୱାଧୀନତା ଲାଭ କରିବାର ଦୁଇବର୍ଷ ପରେ ଚୀନ୍ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହେଲା। ଭାରତ ୧୯୯୧ରେ ମୁକ୍ତ ବାଣିଜ୍ୟ ଅର୍ଥନୀତିକୁ ଆପଣେଇବାର ପାଞ୍ଚ ବର୍ଷ ପରେ ଚୀନ୍ ଅର୍ଥନୈତିକ ସଂସ୍କାର ଆରମ୍ଭ କଲା। ଭାରତ ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ' ଘୋଷଣା କରିବାର ବର୍ଷକ ପରେ 'ମେକ୍ ଇନ୍ ଚାଇନା -୨୦୨୫' ପ୍ରଣୟନ ହେଲା। ଅଥଚ ଆଜି ଚୀନ୍ ତୁଳନାରେ ଆମ ସ୍ଥିତି କେଉଁଠି ତାହାର ତର୍ଜମା କଲା ବେଳେ ନିରାଶା ଓ ହତାଶା ସୃଷ୍ଟି ହେବା ସ୍ୱାଭାବିକ। ମୁକ୍ତ ଅର୍ଥନୀତିକୁ ଆପଣେଇବା ସହିତ ଚୀନ୍ ତାହାର ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଉତ୍ପାଦନଭିତ୍ତିକ କରିବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କଲା। ଅଥଚ ଆମେ ଆମର ବିଶାଳ ଖାଉଟି ବଜାର ଲବ୍ଧ ରାଜସ୍ୱ ଉପରେ ସମ୍ପୂର୍ଣ୍ଣ ଭରସା କରି ରହିଗଲୁ। ଖାଉଟି ବଜାର ଅର୍ଥନୀତି ୨୦୦୮ ଆର୍ଥିକ ମାନ୍ଦାବସ୍ଥାରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ସୁରକ୍ଷା ଦେବାରେ ସହାୟକ ହେଲା ସତ; କିନ୍ତୁ ଖାଉଟି-ଭାରତୀୟର ଛାପ ସୃଷ୍ଟି କରିଗଲା। ଫଳ ହେଲା ଆଜି ଭାରତରେ ବିଶ୍ୱର ସର୍ବାଧିକ ବିଜ୍ଞାପନ ଓ ବହୁଦେଶୀୟ କମ୍ପାନୀଙ୍କ ଭିଡ଼ ବଢ଼ିବାରେ ଲାଗିଛି।

ଆର୍ଥିକ ମାନ୍ଦାବସ୍ଥା ପରେ ପରେ ୨୦୧୦ରେ ଚୀନ୍ ଏକ ଅଭିନବ ଉତ୍ପାଦନ ନୀତି ଆପଣେଇଲା। ଅପେକ୍ଷାକୃତ କମ୍ ମୂଲ୍ୟଯୁକ୍ତ ସାମଗ୍ରୀ ନିର୍ମାଣକୁ ଭାରତ, ବାଂଲାଦେଶ, ମେକ୍ସିକୋ, ଭିଏତ୍‌ନାମ ପରି ସୁଲଭ ଶ୍ରମଭିତ୍ତିକ ଦେଶକୁ ସ୍ଥାନାନ୍ତରିତ କରି ଉଚ୍ଚମୂଲ୍ୟଯୁକ୍ତ ନିର୍ମାଣ, ଅଭିନବତା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଉତ୍ପାଦ ସବୁକୁ ନିଜ ଦେଶରେ ରଖିଲା। ସେଥିପାଇଁ ଆଜି ଏଆଇ, ମେସିନ ଲର୍ଣ୍ଣିଂ, ସବୁଜ ଶକ୍ତି ଆଦି କ୍ଷେତ୍ରରେ ଚୀନ୍ ଆମେରିକା ସହିତ କାନ୍ଧ ମିଳାଇବାର ଯୋଗ୍ୟତା ଅର୍ଜନ କରିପାରିଛି। ଚୀନ୍‌ର ଉତ୍ପାଦନ ନୀତିକୁ ସେତେବେଳେ କେତେକ ବିକାଶଶୀଳ ଦେଶ ଆପଣେଇଥିଲେ ମଧ୍ୟ ଆମେ ଆମ ମାତ୍ରାଧିକ ଆତ୍ମବିଶ୍ୱାସ ଏବଂ ଖର୍ବକାୟ ଶିଳ୍ପ-ବାଣିଜ୍ୟ ନୀତିକୁ ଜାବୁଡ଼ି ଧରି ସେଥିରୁ ଦୂରେଇ ରହିଲୁ। ଯଦି ଆମେ ସେତେବେଳେ ଚୀନ୍ ସୁଲଭ ବିଶ୍ୱ ନିର୍ମାଣ ହବ୍ ପ୍ରତିଷ୍ଠା କରି ଭାରତୀୟ ଉତ୍ପାଦକୁ ବହୁମୁଖୀ କରିଥା'ନ୍ତୁ ଏବେ ସେହିସବୁ କେନ୍ଦ୍ରରୁ ଉତ୍ପାଦିତ ଭାରତୀୟ ସାମଗ୍ରୀ ଶୁଳ୍କ କଟକଣାରୁ ମୁକ୍ତ ରହି ଆମେରିକା ବଜାରରେ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ପ୍ରବେଶ କରିପାରିଥା'ନ୍ତା ଏବଂ ଭାରତୀୟ ବାଣିଜ୍ୟ-ଅର୍ଥନୀତିକୁ ଚିନ୍ତାମୁକ୍ତ କରିପାରିଥା'ନ୍ତା।

ଖାଉଟି-ଭାରତୀୟରୁ ଉତ୍ପାଦକ-ଭାରତୀୟ ହେବାର ରାସ୍ତାରେ ଆଉ ଏକ ପ୍ରତିବନ୍ଧକ ଥିଲା ଆମ ରାଜନୈତିକ ସ୍ଥିତି ଓ ଶାସନ ବ୍ୟବସ୍ଥା। ବିଗତ ଶତାବ୍ଦୀର ଶେଷ ଦଶନ୍ଧିରୁ ଚଳିତ ଶତାବ୍ଦୀର ପ୍ରଥମ ଦେଢ଼ ଦଶନ୍ଧିରେ ମେଣ୍ଟ ସରକାରର ବାଧ୍ୟବାଧକତା ଯୋଗୁଁ ଅନେକ ଅତ୍ୟାବଶ୍ୟକ ଓ ଯୁଗୋପଯୋଗୀ ନୀତିଗତ ସଂସ୍କାର କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରବର୍ତ୍ତୀ ଦଶନ୍ଧିରେ ମେଣ୍ଟ ଶାସନର ବାଧ୍ୟବାଧକତା ଦୂର ହେଲା, ଅଥଚ କେନ୍ଦ୍ରରେ ବିରୋଧୀ ପ୍ରଭାବଶୂନ୍ୟ ନିରଙ୍କୁଶ ଶାସନ ନୀତିଗତ ସଂସ୍କାର ଦିଗରେ ମନ ବଳାଇଲା ନାହିଁ। ସଂସ୍କାର ସହିତ ପ୍ରତିଯୋଗିତାର ତୀବ୍ରତା ଜଡ଼ିତ ଥିବାରୁ ଭାରତୀୟ ଶିଳ୍ପ ଜଗତକୁ ସରକାର ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ, ଯାହାର ପରାଭବ ଆମକୁ ଆଜି ଭୋଗ କରିବାକୁ ପଡୁଛି।

୨୦୧୪ରେ ଆମେ ଆତ୍ମନିର୍ଭରଶୀଳତାର ସ୍ଲୋଗାନ୍ ଦେଇ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କଲୁ। ଆଶା ଥିଲା ଖାଉଟି-ଭାରତର ଅପବାଦ ଲିଭି ଉତ୍ପାଦକର ସମ୍ମାନ ମିଳିବ। କିନ୍ତୁ ଆମେ 'ମେକ୍ ଇନ୍ ଇଣ୍ଡିଆ'ର ପ୍ରଚାରରେ ଯେତିକି ମୁଖର ହେଲୁ ବାସ୍ତବତାଠାରୁ ସେତିକି ଦୂରେଇଗଲୁ। ଅପରପକ୍ଷରେ ପ୍ରତିବେଶୀ ଚୀନ୍ ଡବ୍ଲୁଟିଓର ନୀତି ଓ ସର୍ତ୍ତର ଊର୍ଦ୍ଧ୍ୱରେ ତା'ର ଉତ୍ପାଦକଙ୍କୁ ସରକାରୀ ପ୍ରୋତ୍ସାହନ ଓ ସୁରକ୍ଷା ଦେଇ ବିଶ୍ୱ ପ୍ରତିଯୋଗୀକ୍ଷମ କରିବା ପାଇଁ 'ମେକ୍ ଇନ୍ ଚୀନ୍-୨୦୨୫' ଯୋଜନାକୁ ସମ୍ପୂର୍ଣ୍ଣ ଗୋପନ ରଖିଲା। ପୁଣି ବିଦେଶୀ ନିବେଶକମାନଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଭଳି କଠୋର ସର୍ତ୍ତ ଧାର୍ଯ୍ୟ କଲା। ଏ ବିଷୟରେ ଅବଶିଷ୍ଟ ବିଶ୍ୱ ଜାଣିବା ବେଳକୁ ଚୀନ୍‌ର ସାମଗ୍ରୀ ବିଶ୍ୱବଜାରରେ ଆଧିପତ୍ୟ ବିସ୍ତାର କରିସାରିଥିଲା। ଏପରିକି ଭାରତରେ ଉତ୍ପାଦିତ ନିର୍ମାଣ ସାମଗ୍ରୀ ତୁଳନାରେ ଚୀନ୍‌ରୁ ଆମଦାନୀ ସାମଗ୍ରୀ ବହୁ କମ୍ ଦାମରେ ଉପଲବ୍ଧ। ବିଶ୍ୱ ଅର୍ଥନୈତିକ ମଞ୍ଚର ସୂଚନା ଅନୁଯାୟୀ, ସମ୍ପ୍ରତି ଚୀନ୍ ବିଶ୍ୱର ସବୁଜ ଜ୍ଞାନକୌଶଳର ୭୫%, ସୌରଚାଳିତ ଶକ୍ତିର ୮୦%, ଇଭିରେ ସିଂହଭାଗ ଦଖଲ କରିସାରିଛି। ରୋବୋଟିକ୍ ଓ ଇଞ୍ଜିନିୟରିଂରେ ଆମେରିକା ସହିତ ପାଦ ମିଳାଇ ପାରିଛି। ୧୯୯୬ରେ ବିଶ୍ୱ ରପ୍ତାନିଭିତ୍ତିକ ଉତ୍ପାଦନରେ ମାତ୍ର ୪% ଅବଦାନ ଥିବା ଚୀନ୍‌ର ଅଂଶ ଏବେ ୩୦%। ଭାରତର ଅଂଶ ୧.୮%ରୁ ସାମାନ୍ୟ ଅଧିକ।

ଆମର ଖାଉଟି ମାନସିକତା, ଉତ୍ପାଦନରେ ନୀତିଗତ ଜଡ଼ତା ଓ ବିକଳ୍ପ ସନ୍ଧାନର କାତରତା ଯୋଗୁଁ ବିଗତ ୩୩ ବର୍ଷ ଧରି ଆମର ହାରାହାରି ଅଭିବୃଦ୍ଧି ହାର ୬.୨%ରେ ସୀମିତ। ଗତ ଦୁଇଦଶନ୍ଧି ମଧ୍ୟରେ ଆମ ଦେଶରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ପରିମାଣ ଜିଡିପିର ହାରାହାରି ୨-୨.୫%। ଏବେ ତାହା ୧୯୯୦ ପୂର୍ବ ସ୍ଥିତି ୧%କୁ ହ୍ରାସ ପାଇଛି। ଏଫ୍‌ଡିଆଇର ଶିଥିଳତା ପଛରେ ମଧ୍ୟ ଥିଲା ଆମର ମାତ୍ରାଧିକ ଆତ୍ମବିଶ୍ୱାସ ପ୍ରେରିତ ନୀତିଗତ ନିଷ୍ପତ୍ତି ବା 'ଦ୍ୱିପାକ୍ଷିକ ନିବେଶ ଚୁକ୍ତି(ବିଆଇଟି)।' ୨୦୧୫ରେ ପ୍ରଣୀତ ଏହି ନୀତି ଅନୁଯାୟୀ ଯଦି ବିଦେଶୀ ଓ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରତିଷ୍ଠିତ ଯୌଥ ଉଦ୍ୟୋଗରୁ କୌଣସି ସଂସ୍ଥା ଓହରିବାକୁ ଚାହାନ୍ତି ତେବେ ସେମାନେ ଭାରତୀୟ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ୍ୟ। ଏହି ନୀତି ପ୍ରଣୟନ ବେଳେ ଆମେ ନିଶ୍ଚିତ ହୋଇସାରିଥିଲୁ ଯେ ଆମର ବିଶାଳ ଖାଉଟି ବଜାର ପ୍ରତି ଆକୃଷ୍ଟ ହୋଇ ଯେକୌଣସି ବିଦେଶୀ ସଂସ୍ଥା ଆମ ମାଟିରେ ଶିଳ୍ପ ପ୍ରତିଷ୍ଠା କିମ୍ବା ନିବେଶ କରିବା ପାଇଁ ଧାଇଁ ଆସିବେ, ଯାହାଙ୍କୁ ଆମେ ଆମ ଆଇନ କାନୁନ୍ ଦ୍ୱାରା ବାନ୍ଧି ରଖିପାରିବୁ। କିନ୍ତୁ ଆମ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ଯୋଗୁଁ ବିଦେଶୀ ସଂସ୍ଥା ତ ଏହି ସର୍ତ୍ତରେ ରାଜି ହେଲେ ନାହିଁ, ଅଧିକନ୍ତୁ ଯୌଥ ଉଦ୍ୟୋଗର ଭାରତୀୟ ସଂସ୍ଥାମାନେ ବିଦେଶୀ ବିଚାର ବ୍ୟବସ୍ଥା ଅଧୀନସ୍ଥ ହେବାକୁ ଅଧିକ ଇଚ୍ଛୁକ ହେଲେ।

ଆମେ ଏବେ ଔଷଧ ଉତ୍ପାଦନ ଓ ରପ୍ତାନୀରେ ଅଗ୍ରଣୀ ରାଷ୍ଟ୍ର, ଅଥଚ ଏହାର କଞ୍ଚାମାଲ୍‌ର ୮୦% ଚୀନ୍ ଉପରେ ନିର୍ଭରଶୀଳ। ଆମର ଯେଉଁ ରପ୍ତାନିଭିତ୍ତିକ ବୟନ ଶିଳ୍ପ ଆମେରିକା ବଜାରରେ ଆଦୃତ ବୋଲି ଦାବି କରୁଛୁ, ତାହାର କଞ୍ଚାମାଲ୍ ବା କପାର ସିଂହଭାଗ ଆମେରିକାରୁ ଆସୁଛି। ଆମ ପରିସ୍ଥିତି ଏପରି ହୋଇଛି ଯେ ଆମେରିକା ଭାରତୀୟ ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ଆମେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ୦% ଶୁଳ୍କରେ ଆମେରିକାରୁ କପା ଆମଦାନୀ ପାଇଁ ଅନୁମତି ଦେଇଛୁ। ଏଥିରୁ ଆତ୍ମନିର୍ଭର ଭାରତର ବିବଶତା କେତେ ତାହାର ଅଧିକ ବିଶ୍ଳେଷଣ ଅନାବଶ୍ୟକ।


କୃଷି କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ଅଶୋଧିତ ତୈଳ ପରେ ଡାଲି ଓ ଖାଇବା ତେଲ ଚାହିଦା ପୂରଣ ପାଇଁ ଆମେ ଆମଦାନୀ ଉପରେ ନିର୍ଭରଶୀଳ। ଭାରତରେ ଡାଲି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ନୀତିଗତ ବୈଷମ୍ୟ ଆମ ଆମଦାନୀ ନିର୍ଭରଶୀଳତାକୁ ବୃଦ୍ଧି କରିଚାଲିଛି। ଉଦାହରଣସ୍ୱରୂପ ମୁଗଡାଲିର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୮, ୬୮୨ ଟଙ୍କା ଥିବା ବେଳେ ଖୋଦ୍ ସରକାରୀ ସଂସ୍ଥା ଖୋଲା ବଜାରରୁ କ୍ୱିଣ୍ଟାଲ୍ ପିଛା ୬ ହଜାର ଟଙ୍କାରେ କିଣୁଛି। ସୋୟାବିନ୍‌ର ମଧ୍ୟ ସମାନ ଅବସ୍ଥା। ଏଭଳି ସ୍ଥିତିରେ ଚାଷୀମାନେ କେବଳ ଏମ୍‌ଏସ୍‌ପି ପ୍ରାଧାନ୍ୟ ଧାନ ଓ ଗହମ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ସ୍ୱାଭାବିକ। ସେହିପରି ଆମେ ଏବେ ମୋଟ ଖାଇବା ତେଲ ଚାହିଦାର ମାତ୍ର ୪୦% ଉତ୍ପାଦନରେ ସକ୍ଷମ ଥିବା ବେଳେ ୬୦% ଆମଦାନୀ ଦ୍ୱାରା ପୂରଣ ହେଉଛି। ବିଡ଼ମ୍ବନା ହେଲା ଆମଦାନୀ ଭିତ୍ତିକ ଖାଇବା ତେଲ ଘରୋଇ ଉତ୍ପାଦ ତୁଳନାରେ ବହୁ ଶସ୍ତାରେ ମିଳୁଛି।

ଏବେ ସମୟ ଆସିଛି ଆମେ ଉପଭୋକ୍ତାରୁ ଉତ୍ପାଦକ ହେବାର ମାନସିକତାକୁ ଉନ୍ନୀତ ହେବାକୁ ପଡ଼ିବ। ଏଥିପାଇଁ ଶିଳ୍ପଗୋଷ୍ଠୀ, ଶ୍ରମବଜାର ଓ ସର୍ବୋପରି ନୀତି ନିର୍ଦ୍ଧାରକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯେଉଁ ଦେଶର ଭୋଟ ରାଜନୀତିରେ ୮୦ କୋଟି ପରିବାରକୁ ମାଗଣା ରାସନ୍ ଜରିଆରେ ଖାଉଟି ବ୍ୟବସ୍ଥାର ବାଧ୍ୟବାଧକତା ଭିତରକୁ ଠେଲି ଦିଆଯାଇଛି, ସେଠାରେ ଉତ୍ପାଦକ ମନସ୍କ ପରିବେଶ ସୃଷ୍ଟି ହେବ କେବେ ଓ କେମିତି?

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ୟୁରାନସର ୨୯ ତମ ଚନ୍ଦ୍ର

ଡ. ବିଜୟ କେତନ ପଟ୍ଟନାୟକ




ୟୁରାନସ୍ ସୌରମଣ୍ଡଳର ସପ୍ତମ ଗ୍ରହ। ସୌର ମଣ୍ଡଳର କେନ୍ଦ୍ରବିନ୍ଦୁ ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି ଓ ସପ୍ତମରେ ୟୁରାନସ୍ ଗ୍ରହର ଅବସ୍ଥିତି। ୟୁରାନସ୍ ପଛକୁ ରହିଛି ନେପଚୁନ୍ ଓ ବାମନ ଗ୍ରହ ପ୍ଲୁଟୋ। ସୂର୍ଯ୍ୟଙ୍କଠାରୁ ଏହି ଗ୍ରହର ଦୂରତା ହାରାହାରି ୨.୮୭ ବିଲିୟନ କିଲୋମିଟର (୧ବିଲିୟନ=୧୦୦ କୋଟି)। ସୂର୍ଯ୍ୟଙ୍କ ଠାରୁ ଉତ୍ପନ୍ନ ସୂର୍ଯ୍ୟକିରଣ ୟୁରାନସ୍ ଗ୍ରହରେ ପହଞ୍ଚିବାକୁ ସମୟ ଲାଗେ ୨ଘଣ୍ଟା ୪୦ ମିନିଟ୍। ଏହି ଗ୍ରହଟିକୁ ବରଫାବୃତ ଗ୍ରହ କୁହାଯାଏ। କାରଣ ଗ୍ରହରେ ମହଜୁଦ୍ ଆମୋନିଆ, ମିଥେନ୍ ଗ୍ୟାସ୍, ଜଳ ଓ ହାଇଡ୍ରୋକାର୍ବନ ହିମୀକୃତ ଅବସ୍ଥାରେ ଅଛି। ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂରି ଆସିବାକୁ ୟୁରାନସ୍‌କୁ ଆମ ପୃଥିବୀର ବର୍ଷ ଅନୁପାତରେ ୮୪ ବର୍ଷ ବା ୩୦, ୬୮୭ ଦିନ ସମୟ ଲାଗିଥାଏ। ପ୍ରଦକ୍ଷିଣ ସମୟରେ ଗ୍ରହର ବେଗ ଘଣ୍ଟା ପ୍ରତି ୨୪, ୬୦୭ କିଲୋମିଟର ଅଟେ। ନିଜର ଅକ୍ଷଦଣ୍ଡ ସହ ୯୮ ଡିଗ୍ରୀ ବକ୍ର ରହିଥିବାରୁ, ପ୍ରଦକ୍ଷିଣ ସମୟରେ ଏହାର ମେରୁ ଅଞ୍ଚଳ ଯଥାକ୍ରମେ ୪୨ ବର୍ଷ ଧରି ସୂର୍ଯ୍ୟାଲୋକ ପ୍ରାପ୍ତ ହୁଏ ଏବଂ ୪୨ ବର୍ଷ ଅନ୍ଧକାରାଚ୍ଛନ୍ନ ରୁହେ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ୟୁରାନସ୍‌ର ଦୁଇଟି ଚନ୍ଦ୍ର ଟାଇଟାନିଆ ଓ ଓବେରନ୍ ଆବିଷ୍କୃତ ହୋଇଥିଲେ। ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ 'ହରଶ୍ଚେଲ' ଏହାକୁ ପ୍ରଥମେ ଠାବ କରିଥିଲେ। ଉପଗ୍ରହ 'ଟାଇଟାନିଆ' ବୃହତ୍ତମ। ଏହାର ବ୍ୟାସ ୧୫୭୮ କିଲୋମିଟର। ସୌରମଣ୍ଡଳର ଅନ୍ୟ ଗ୍ରହମାନଙ୍କର ଚନ୍ଦ୍ର ମଧ୍ୟରେ ଏହି ଉପଗ୍ରହଟି ଅଷ୍ଟମ ସର୍ବାଧିକ ବୃହତ୍ତମ। ପୃଥିବୀର ଉପଗ୍ରହ ଚନ୍ଦ୍ରର ବସ୍ତୁତ୍ୱ ତୁଳନାରେ ଟାଇଟାନିଆର ବସ୍ତୁତ୍ୱ ୨୦ ଭାଗରୁ ୧ ଭାଗ।

ଗତ ଅଗଷ୍ଟ ୨୦ ତାରିଖରେ ଜେମ୍ସ ୱେବ ସ୍ପେସ୍ ଟେଲେସ୍କୋପ ଠାବ କରିଥିବା ଉପଗ୍ରହକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୟୁରାନସ୍ ଗ୍ରହର ଉପଗ୍ରହ ବା ଚନ୍ଦ୍ର ସଂଖ୍ୟା ୨୯ ରେ ପହଞ୍ଚିଛି। ଏହି ୨୯ ତମ ଉପଗ୍ରହର ବ୍ୟାସ ୯.୭ କିଲୋମିଟର ଏବଂ ପ୍ରତି ୯.୬ ଘଣ୍ଟାରେ ଏହା ମୂଳ ଗ୍ରହ ୟୁରାନସ୍‌କୁ ପ୍ରଦକ୍ଷିଣ କରିଥାଏ। ୟୁରାନସ୍‌ର ୨୯ଟି ଚନ୍ଦ୍ରଙ୍କ ମଧ୍ୟରୁ ୫ଟି ବୃହତ୍ ବା ପ୍ରମୁଖ, ୧୪ଟି ଆଭ୍ୟନ୍ତରୀଣ ଏବଂ ଅନ୍ୟ ଦଶଟି ଅନିୟମିତ। ବୃହତ୍ ଚନ୍ଦ୍ରଙ୍କ ମଧ୍ୟରେ ଦୁଇଟିର ଆବିଷ୍କାର ୧୭୮୭ ମସିହାରେ ଜ୍ୟୋତିର୍ବିଜ୍ଞାନୀ ୱିଲିୟମ ହରଶ୍ଚେଲ୍ କରିଥିବା ବେଳେ ଅନ୍ୟ ତିନୋଟି ଅଣ୍ଡାକୃତି ଉପଗ୍ରହ ଯଥାକ୍ରମେ ୧୮୫୧ ମସିହାରେ ୱିଲିୟମ ଲାସେଲ ଏବଂ ୧୯୪୮ରେ ଗୋରାର୍ଡ କୁପର କରିଥିଲେ। ଏହି ତିନୋଟି ଉପଗ୍ରହର ନାମ ମିରାଣ୍ଡା, ଏରିଏଲ୍ ଓ ଆମ୍ବ୍ରିଏଲ୍। ୧୯୮୫ ମସିହା ପରେ ଅନ୍ୟ ଉପଗ୍ରହଗୁଡ଼ିକୁ 'ଭଏଜର-୨' ମହାକଶ ଯାନରୁ ଏବଂ ଭୂପୃଷ୍ଠରୁ ଉନ୍ନତ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଯଥା ହବଲ୍ ସ୍ପେଶ୍ ଟେଲେସ୍କୋପ ଦ୍ୱାରା ଆବିଷ୍କୃତ ହୋଇଥିଲା। କିନ୍ତୁ ନିକଟରେ ଅଧିକ ଶକ୍ତିଶାଳୀ ଜେମ୍ସ ୱେବ ଟେଲେସ୍କୋପ ସାହାଯ୍ୟରେ ଠାବ କରାଯାଇଥିବା ୨୯ ତମ ଚନ୍ଦ୍ରଟି ଆକୃତିରେ ଏତେ ଛୋଟ ଯେ ତାହା ସେ ସମୟରେ ଅନାବିଷ୍କୃତ ହୋଇ ରହିଯାଇଥିଲା।

ଆମେରିକାର ମାନହାଟନ ସହରଠାରୁ ଯଥେଷ୍ଟ ଛୋଟ ଏହି ଉପଗ୍ରହଟି ବୈଷୟିକ ନାମକରଣ କରାଯାଇଛି ଏସ୍ / ୨୦୨୫ ୟୁ-୧। କିନ୍ତୁ ବିଧିବଦ୍ଧ ଭାବରେ ଏହାର ନାମକରଣ କରିବେ ଆନ୍ତର୍ଜାତୀୟ ଜ୍ୟୋତିର୍ବିତ ସଂଘ। ପୂର୍ବରୁ ୱିଲିୟମ ହରଶ୍ଚେଲ୍ ଆବିଷ୍କାର କରିଥିବା ଦୁଇଟି ଚନ୍ଦ୍ରର ନାମକରଣ ଗ୍ରୀକ୍ ପୌରାଣିକ ଚରିତ୍ର ଉପରେ ପର୍ଯ୍ୟବସିତ ନ କରି ତତ୍କାଳୀନ ଇଂରାଜୀ ସାହିତ୍ୟର ଖ୍ୟାତନାମା ଚରିତ୍ରକୁ ନେଇ ନାମିତ କରିଥିଲେ। ତଦନୁଯାୟୀ ୱିଲିୟମ ସେକ୍ସପିୟରଙ୍କ 'ଏମିଡ୍ ସମର ନାଇଟସ୍ ଡ୍ରିମ' ଏବଂ ଆଲେକଜାଣ୍ଡାର ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟର 'ଦଟେମ୍ପେଷ୍ଟ ଏବଂ 'ଏମିଡ୍ ସମର ନାଇଟସ୍ ଡ୍ରିମ୍' ଏବଂ ଆଲେକ୍ଜାଣ୍ଡାଲ ପୋଲାଙ୍କ 'ଦ ରେପ୍ ଅଫ୍ ଦ ଲକ୍' ପୁସ୍ତକରୁ ନିଆଯାଇଥିଲା। ଅନ୍ୟ ସମସ୍ତ ଉପଗ୍ରହଙ୍କର ନାମକରଣ ମଧ୍ୟ ସେକ୍ସପିୟରଙ୍କ 'ଦ ଟେମ୍ପେଷ୍ଟ' ଓ 'ମଚ୍ ଏଡୋ ଆବାଉଟ୍ ନଥିଙ୍ଗ' ପୁସ୍ତକର ଚରିତ୍ରରୁ ନିଆଯାଇଛି। ଆଶା କରାଯାଏ ୟୁରାନସ୍ ଗ୍ରହର ୨୯ ତମ ଚନ୍ଦ୍ରର ନାମକରଣ ମଧ୍ୟ ପୂର୍ବ ପ୍ରଥାନୁଯାୟୀ ଇଂରାଜୀ ସାହିତ୍ୟର ଏକ ବଳିଷ୍ଠ ଚରିତ୍ରକୁ ନେଇ କରାଯାଇପାରେ।

(ପୂର୍ବତନ ପି.ସି.ସି.ଏଫ୍, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ହନୁମାନଙ୍କ ସହ ପୂଜା ପାଆନ୍ତି ଅହିରାବଣ ଓ ମହିରାବଣ

ଓଜସ୍ୱିନୀ

ଭାରତର ଧର୍ମବିଶ୍ୱାସର ବୈଚିତ୍ର୍ୟ ଯୋଗୁଁ କେବଳ ଦେବୀଦେବତା ନୁହନ୍ତି, ଅସୁରଅସୁରୁଣୀମାନେ ମଧ୍ୟ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି। ଏହି ଦେବଲୀଳାଭୂମିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଆସୁରିକ ଶକ୍ତିକୁ ଈଶ୍ୱରୀୟ ଶକ୍ତିରେ ପରିଣତ କରିଦେଇଛି। କେତେକ ମନ୍ଦିରରେ ଅସୁର ପୂଜା ପାଉଥିବା ବେଳେ ଆଉ କେତେକ ସ୍ଥାନରେ ଦେବଦେବୀଙ୍କ ସହ ଅସୁରମାନେ ପୂଜିତ ହେଉଛନ୍ତି। ଏହିକ୍ରମରେ ଭାରତରେ ଅହିରାବଣ ଓ ମହିରାବଣ ପୂଜା ପାଇବା ଅବିଶ୍ୱସନୀୟ ନୁହେଁ।

ପୌରାଣିକ କଥା ଅନୁସାରେ ଅହିରାବଣ ଓ ମହିରାବଣ ହେଉଛନ୍ତି ରାବଣଙ୍କ ଦୁଇ ଭ୍ରାତା। ଆସୁରିକ ପ୍ରବୃତ୍ତି ସତ୍ତ୍ୱେ ଭାରତର ଅନେକ ସ୍ଥାନରେ ଏହି ଦୁଇ ଅସୁରଙ୍କୁ ପୂଜା କରାଯାଉଛି। ଭାରତରେ କେତେକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନଙ୍କ ସହିତ ଏହି ଅସୁରଦ୍ୱୟ ପୂଜା ପାଇଥା'ନ୍ତି। ଏହିସବୁ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ଦ୍ୱାରା କର୍ମପଥରେ ଆସୁଥିବା ବାଧାବିଘ୍ନ ଦୂର ହେବା ସହିତ ଶତ୍ରୁଭୟ ରହେ ନାହିଁ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି। ଏଭଳି ଗୋଟିଏ ମନ୍ଦିର ହେଉଛି - ଚିନ୍ତାହରଣ ହନୁମାନ ମନ୍ଦିର।

ଉତ୍ତର ପ୍ରଦେଶର ଝାନ୍ସୀ ନିକଟସ୍ଥ ପଞ୍ଚକୁଇଁଆ ଅଞ୍ଚଳରେ ଥିବା 'ଚିନ୍ତାହରଣ ହନୁମାନ ମନ୍ଦିର'ରେ ହନୁମାନଙ୍କର ୫ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା ରହିଛି ଏବଂ ତାଙ୍କର ଦୁଇ କାନ୍ଧ ଉପରେ ପ୍ରଭୁ ଶ୍ରୀରାମ ଓ ଲକ୍ଷଣ ବିରାଜମାନ କରିଛନ୍ତି। ହନୁମାନଙ୍କ ପାଦ ତଳେ ଜଣେ ତନ୍ତ୍ର ଦେବୀ ଅଛନ୍ତି। ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ହନୁମାନଙ୍କ ସହିତ ଅହିରାବଣ ଓ ତାଙ୍କ ଭାଇ ମହିରାବଣ ମଧ୍ୟ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଯେ, ମଙ୍ଗଳବାର ଦିନ ମନ୍ଦିରରେ ଅଟାରେ ପ୍ରସ୍ତୁତ ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

## ବିଚିତ୍ର ବିଶ୍ୱାସ

ଏହି ମନ୍ଦିରର ବିଶେଷତ୍ୱ ହେଉଛି, ମନସ୍କାମନା ପୂର୍ଣ୍ଣ ହେବା ପରେ ଭକ୍ତମାନେ ଯେଉଁ ବସ୍ତୁ ଦାନ କରନ୍ତି, ସେଗୁଡ଼ିକ ହନୁମାନଙ୍କ ସହିତ ଅହିରାବଣ ଓ ମହିରାବଣଙ୍କୁ ସମର୍ପଣ କରାଯାଏ। ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି, ପୂଜାରୀଙ୍କ ବ୍ୟତୀତ ମୂର୍ତ୍ତିକୁ କେହି ମଧ୍ୟ ସ୍ପର୍ଶ କରିପାରିବେ ନାହିଁ। ମନ୍ଦିର ନିକଟରେ ହନୁମାନଙ୍କ ପୁତ୍ର ମକରଧ୍ୱଜଙ୍କର ମଧ୍ୟ ଗୋଟିଏ ମନ୍ଦିର ଅଛି। ହନୁମାନ ଓ ଅହିରାବଣ ମଧ୍ୟରେ ହୋଇଥିବା ଯୁଦ୍ଧ ଆଧାରରେ ଏହି ମୂର୍ତ୍ତି ନିର୍ମାଣ ହୋଇଛି ବୋଲି କୁହାଯାଏ।

ରାମାୟଣର ଲଙ୍କାକାଣ୍ଡରେ ବର୍ଣ୍ଣିତ ଏକ କଥା ଅନୁଯାୟୀ ଶ୍ରୀରାମ ଓ ରାବଣଙ୍କ ଯୁଦ୍ଧ ସମୟରେ ମହିରାବଣ ମାୟାବୀ ଶକ୍ତିର ପ୍ରୟୋଗ କରି ଶ୍ରୀରାମଙ୍କ ସେନାରେ ଯୋଗ ଦେଇଥିଲେ। ରାତ୍ରିରେ ସେ ଶ୍ରୀରାମ ଓ ଲକ୍ଷଣଙ୍କୁ ମୂର୍ଚ୍ଛିତ କରି ଅପହରଣ କରିନେଇ ପାତାଳଲୋକ ଚାଲି ଯାଇଥିଲେ। ପାତାଳଲୋକରେ ମହିରାବଣ ଓ ଅହିରାବଣ ପ୍ରଭୁ ଶ୍ରୀରାମ ଓ ଲକ୍ଷଣଙ୍କୁ ବଳି ଦେବା ପାଇଁ ଯୋଜନା କରିଥିଲେ। ରାତିପାହିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ନଦେଖି ବାନରସେନା ସନ୍ଧାନ ଆରମ୍ଭ କଲେ। ସଙ୍କଟମୋଚନ ଭକ୍ତଶ୍ରେଷ୍ଠ ହନୁମାନ ଦିବ୍ୟଦୃଷ୍ଟି ଦ୍ୱାରା ମହିରାବଣଙ୍କ ସମ୍ପର୍କରେ ଜାଣିବା ପରେ ଶ୍ରୀରାମ ଓ ଲକ୍ଷଣଙ୍କୁ ଉଦ୍ଧାର କରିବା ପାଇଁ ପାତାଳଲୋକକୁ ଯାଇଥିଲେ। ଏଥିପାଇଁ ହନୁମାନଙ୍କୁ ପୁତ୍ର ମକରଧ୍ୱଜ ସହାୟତା କଲେ। ହନୁମାନ ଓ ଅହିରାବଣଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ହନୁମାନ ପଞ୍ଚମୁଖ ସ୍ୱରୂପ ଧାରଣ କରି ଅସୁରକୁ ପରାସ୍ତ କଲେ ଏବଂ ଶ୍ରୀରାମ ଓ ଲକ୍ଷଣଙ୍କୁ ସୁରକ୍ଷିତ ଫେରାଇ ଆଣିଲେ।

ଏହି ପୌରାଣିକ କଥାକୁ ଭିତ୍ତି କରି ମଧ୍ୟପ୍ରଦେଶର ଇନ୍ଦୋର୍ ଜିଲ୍ଲାର ସାନୱେର୍‌ଠାରେ ମଧ୍ୟ ହନୁମାନଙ୍କର ଏକ ବିଚିତ୍ର ମନ୍ଦିର ଅଛି, ଯେଉଁଠି ହନୁମାନଙ୍କ ମୂର୍ତ୍ତି ଓଲଟା ସ୍ୱରୂପରେ ପୂଜା ପାଇଥା'ନ୍ତି। ଅର୍ଥାତ୍ ହନୁମାନ ପାତାଳପୁରକୁ ଯାଉଥିବା ଭଳି ଦୃଶ୍ୟମାନ ହୋଇଥାଏ। ହନୁମାନଙ୍କ ମୁଖ ତଳକୁ ଥିବା ବେଳେ ପାଦୁକାଦ୍ୱୟ ଉପରକୁ ରହିଛି। ଏହି ସ୍ଥାନରୁ ହନୁମାନ ପାତାଳପୁରକୁ ଗମନ କରିଥିବାର ବିଶ୍ୱାସ ରହିଥିବାରୁ ସେଠାରେ ହନୁମାନଙ୍କର ଏଭଳି ବିଚିତ୍ର ପ୍ରତିମା ନିର୍ମାଣ କରାଯାଇଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବଣାଇଁ ରେଞ୍ଜରେ ପୁଣି ବାଘ ଆତଙ୍କ



## ଆକ୍ରମଣରେ ବାଛୁରୀ ମୃତ

ବଣାଇଁ, ୪।୯ (ସମିସ): ବଣାଇଁ ରେଞ୍ଜ ସରସରା ବଲାଙ୍ଗ ସେକ୍ସନ ଦଲକି ଗ୍ରାମର ଗଣେଶ କିସାନ ଆଜି ସକାଳୁ ଗାଈ ଚରାଇବାକୁ ନେଇଥିବା ବେଳେ ଏକ ବାଛୁରୀକୁ ବାଘ ଆକ୍ରମଣ କରିଥିବା ଦାବି କରିଛନ୍ତି। ଗ୍ରାମବାସୀ ଏ ଖବର ବନ ବିଭାଗକୁ ଖବର ଦେବା ପରେ ବିଭାଗ ପକ୍ଷରୁ ଅନୁଧାନ ଆରମ୍ଭ ହୋଇଛି। ସମଗ୍ର ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବା ସହ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାଘର ଗତିବିଧି ଜାଣିବା ପାଇଁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। କିଛି ଦିନ ପୂର୍ବରୁ ବଣାଇଁ ରେଞ୍ଜର ଘୋଷରା ନିକଟସ୍ଥ ବେଲଡିହି ଜଙ୍ଗଲରେ ବାଘର ପାଦଚିହ୍ନ ଠାବ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ବାଘ ହୁଏତ ଦଲକି ଜଙ୍ଗଲକୁ ପଳାଇ ଆସିଥିବ, ସେନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ବାବଦରେ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ସାଇବର୍ ଠକେଇ: ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ୭୩ଲକ୍ଷର ଚୂନ

## ଆଇଟି ଇଞ୍ଜିନିୟର ପୁଅ କଥାରେ ନିବେଶ କରିଥିଲେ ବାପା

କଟକ,୪।୯ (ସମିସ): ଅନଲାଇନ୍‌ରେ ପୁଞ୍ଜିନିବେଶ ଆଳରେ ସାଇବର୍ ଠକମାନେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର୍‌ଙ୍କୁ ୭୩ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଯାଜପୁର ବାଲିଚନ୍ଦ୍ରପୁରର ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର୍ ନାରାୟଣ ଚନ୍ଦ୍ର ପଣ୍ଡା। ଏ ସଂପର୍କରେ ସେ କଟକ କ୍ରାଇମବ୍ରାଞ୍ଚ୍ ସାଇବର୍ ସେଲରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଠକମାନେ ପ୍ରଥମେ ତାଙ୍କ ଆଇଟି ଇଞ୍ଜିନିୟର ପୁଅଙ୍କୁ ଟାର୍ଗେଟ୍ କରିଥିଲେ। ମାତ୍ର ୫ ଲକ୍ଷ ଟଙ୍କା ନିବେଶ କରି କମ୍ ଦିନରେ ଅଧିକ ରୋଜଗାର କରିବା ପାଇଁ ପ୍ରବର୍ତ୍ତାଇଥିଲେ। ତେବେ ଏ ସଂପର୍କରେ ସେ ତାଙ୍କ ବାପାଙ୍କୁ କହିଥିଲେ। ପୁଅ କଥାରେ ପଡ଼ି ନାରାୟଣ ଠକଙ୍କ କହିବାନୁଯାୟୀ, ଆର୍‌ଟିଜିଏସ୍ ଜରିଆରେ ଟଙ୍କା ଜମା କରିଥିଲେ। ଗତ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୩ ତାରିଖ, ମାତ୍ର ୪ ଦିନ ମଧ୍ୟରେ ସେ ୧୧ଟି ବ୍ୟାଙ୍କ ଆକାଉଣ୍ଟରେ ୭୩ ଲକ୍ଷ ଟଙ୍କା ସାଇବର୍ ଠକ ଜମା କରିଥିଲେ। ତାଙ୍କ ୱାଲେଟ୍‌ରେ ୧ କୋଟି ୮ ଲକ୍ଷ ଟଙ୍କା ମିଳିବ ବୋଲି ସାଇବର ଠକମାନେ ତାଙ୍କୁ କହିଥିଲେ। ତେବେ ଟିକସ ବାବଦକୁ ଠକମାନେ ଆହୁରି ତାଙ୍କ ମାଗିବାରୁ ନାରାୟଣଙ୍କ ସନ୍ଦେହ ହୋଇଥିଲା। ୱାଲେଟ୍‌ରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେଥିରେ ବିଫଳ ହୋଇଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୪।୯ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ରେ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆ ସାହିର ମଙ୍ଗୁଳି ପ୍ରଧାନ। ଆଜି ମଧ୍ୟାହ୍ନରେ ସେ ଚାଷ ଜମିରେ ଘାସ ବାଛୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛିଡ଼ିଲା ଲିଫ୍ଟ

ମାଲକାନଗିରି, ୪।୯ (ସମିସ): ମାଲକାନଗିରି ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟରେ ଥିବା ଲିଫ୍ଟ ଆଜି ହଠାତ୍ ଛିଡ଼ି ପଡ଼ିଛି। ତେବେ ସୌଭାଗ୍ୟକୁ ସେଥିରେ ଥିବା ରୋଗୀଙ୍କ ସମ୍ପର୍କୀୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲିଫ୍ଟରେ କ୍ଷମତାଠାରୁ ମାତ୍ରାଧିକ ଲୋକ ଥିବାରୁ ଲିଫ୍ଟ ଛିଡ଼ି ଯାଇଥିବା କୁହାଯାଉଛି।

ସୂଚନାନୁଯାୟୀ, ଜିଲ୍ଲା ସଦର ମହକୁମାରେ ଥିବା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଏବଂ କର୍ମଚାରୀମାନେ ବିଭିନ୍ନ ମହଲାକୁ ଯାତାୟାତ ଲାଗି ୩ଟି ଲିଫ୍ଟ ରହିଛି। ଏହି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ ଆଜି ହଠାତ୍ ଛିଡିପଡ଼ିଥିଲା। ଏହି ଲିଫ୍ଟରେ ୧୦ରୁ ୧୨ଜଣ ଯିବା ପାଇଁ କ୍ଷମତା ଥିବା ବେଳେ ୨୭ଜଣ ଯାଉଥିଲେ। ପ୍ରଥମ ମହଲାରୁ ଦ୍ୱିତୀୟ ମହଲାକୁ ଯାଉଥିବା ବେଳେ ଲିଫ୍ଟଟି ଛିଡ଼ି ଯାଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନଥିବା ବେଳେ ଲିଫ୍ଟ ସାଇରନ୍ ବାଜିବା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏହାକୁ ମାନୁଆଲ୍ ଭାବେ ଖୋଲି ଭିତରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆସନ୍ତାକାଲି ବିଶାଖାପାଟଣାରୁ ମରାମତି ଦଳ ଆସିଲେ ଲିଫ୍ଟର ମରାମତି କରାଯିବ ବୋଲି ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇପିଏଲ୍ ଟିକଟ...

ମ୍ୟାଚ୍ ପାଇଁ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ଟିକଟ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେଉଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୨୨ରୁ ଭାରତରେ ଖେଳାଯିବାକୁ ଥିବା ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ୍ ଇଭେଣ୍ଟ, ମହିଳା ବିଶ୍ୱକପ୍ ଆରମ୍ଭ ହେବାର ଗୋଟିଏ ସପ୍ତାହ ପୂର୍ବରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଟିକଟ୍ ବିକ୍ରି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।

## ଚାଲିଲା ୬୯ ଅଙ୍କ...

ପରେ ଗଜପତି ମହାରାଜା ଏହାକୁ ଘୋଷଣା କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସୁନିଆଁ ଭେଟି ଦେଇଥିଲେ।

ସୁନିଆଁ ପରମ୍ପରା ସମ୍ପର୍କରେ ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୯ଅଙ୍କ ପ୍ରଚଳିତ ହେଲା ଏବଂ ୧୪୩୩ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି। ସୂଚନାଯୋଗ୍ୟ, ସୁନିଆଁକୁ ଗଜପତି ମହାରାଜାଙ୍କ ନବବର୍ଷ ବୋଲି ଧରାଯାଏ। ଓଡ଼ିଆଙ୍କ ପାଇଁ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ। ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ଏହିଦିନ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସ ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ଆଶୀର୍ବାଦ କରିଥା’ନ୍ତି।

## ପ୍ରତିଶୋଧ ନେଉଛି...

ଚାଲିଛି। ଯାହା ଜଣାପଡୁଛି ଏହି କାରଣରୁ ପାର୍ବତ୍ୟ ରାଜ୍ୟମାନଙ୍କରେ ଏଥର ବନ୍ୟା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଏମିତି ଗଛକଟା ଜାରି ରହିଲେ, ଆଉ ଜଙ୍ଗଲ ରହିବ ନାହିଁ। ବର୍ଷା ଓ ବନ୍ୟା ଆସିଲେ ସମଗ୍ର ଅଞ୍ଚଳ ବୁଡ଼ିଯିବ। ପଞ୍ଜାବର ଉଦାହରଣ ଦେଇ କୋର୍ଟ କହିଲେ ଯେ ସେଠାରେ ଜନବସତି ଓ ବିଲବାଡ଼ି ପାଣିରେ ବୁଡ଼ି ରହିଛି। ଏସଂପର୍କରେ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ସହିତ ଆଲୋଚନା କରିବା ଲାଗି କୋର୍ଟ ସଲିସିଟର ଜେନେରାଲଙ୍କୁ ପରାମର୍ଶ ଦେଇଛନ୍ତି। ବେଆଇନ ଭାବେ ଚାଲିଥିବା ଗଛକଟା ରୋକିବାକୁ ରାଜ୍ୟ ଓ କେନ୍ଦ୍ର ସରକାର କଣ ପଦକ୍ଷେପ ନେଇଛନ୍ତି ତାହା ତିନି ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାନ୍ୟବର ବେଞ୍ଚଙ୍କ ସହିତ ଏକମତ ହୋଇ କହିଲେ ଯେ ସେ ଆଜି ଏସଂପର୍କରେ କେନ୍ଦ୍ର ପରିବେଶ ବିଭାଗ ସଚିବଙ୍କ ସହିତ କଥା ହେବେ। ସଂପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ଯୋଗାଯୋଗ ଲାଗି ତାଙ୍କୁ କୁହାଯିବ।

## ୧୦ ଜିଲ୍ଲାକୁ...

ଏବଂ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି। ଏହା ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ମହାନଦୀ କୂଳରେ ଥିବା ତଳିଆ ଅଞ୍ଚଳ ଅର୍ଥାତ ୧୦ଟି ଜିଲ୍ଲା ଅନୁଗୁଳ, ବୌଦ୍ଧ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୋନପୁରକୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ହୀରାକୁଦ ଜଳଭଣ୍ଡାର ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତ ୨୪ ଘଣ୍ଟାରେ ୧୪ଟି ବ୍ଲକରେ ୧୦୦ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୪୨ଟି ବ୍ଲକରେ ୫୦ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଉପର ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗରେ ବହୁତ ବର୍ଷା ହୋଇଛି। କେବଳ ବୈତରଣୀରେ ଛୋଟ ବନ୍ୟା ଅଛି। ବିପଦ ସଙ୍କେତର ୦.୫ମି ଉପରେ ଆଖୁଆପଦାରେ ବୈତରଣୀ ପ୍ରବାହିତ ହେଉଥିବା ବେଳେ ହୀରାକୁଦର ୧୬ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଏହାସତ୍ତ୍ୱେ ମହାନଦୀରେ ଜଳସ୍ତର ବଢ଼ିବ; ହେଲେ ବନ୍ୟା ଆସିବନି ବୋଲି ଯନ୍ତ୍ରୀ କହିଛନ୍ତି।

## ଗୋଟାଏ ସ୍ଥାନକୁ...

ବିଭାଗ ୟେଲୋ ଚେତାବନୀ ଜାରି କରାଯାଇଥିଲା। ମାତ୍ର ସେହିଦିନ ଉତ୍ତର ଓଡ଼ିଶାର କେନ୍ଦୁଝର ଜିଲ୍ଲାର ହାଟଡିହିଠାରେ ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମି ରୁ ଅଧିକ) ୨୨୫.୧ ମିମି ରେକର୍ଡ ହେଲା। ଘସିପୁରାରେ ୧୩୦.୩ ମିମି, ଆନନ୍ଦପୁର ୧୦୩.୪ ମିମି, ସେହିପରି ବାଲେଶ୍ୱର ସହରରେ ୧୩୩.୮ ମିମି, ଗୋବିନ୍ଦପୁର ଠାରେ ୧୨୩.୨ ମିମି, ରେମୁଣା ୯୧ ମିମି, ଭଦ୍ରକ ଆଖୁଆପାଦ ଠାରେ ୭୦.୪ ମିମି ରେକର୍ଡ ହୋଇଥିବା ବେଳେ ଭାରି ବର୍ଷା ପାଇଁ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରୁ କେବଳ ମାଲକାନଗିରି ଠାରେ ସର୍ବାଧିକ ୪୮ ମିମି ବର୍ଷା ରେକର୍ଡ ହୋଇଥିଲା। ସେହିପରି ଦକ୍ଷିଣ ଓଡିଶାର ଅନ୍ୟ ଜିଲ୍ଲାଗୁଡିକରେ ବିକ୍ଷିପ୍ତ ବର୍ଷା ଅନୁଭୂତ ହୋଇଥିଲା।

୨ ତାରିଖ ଲଘୁଚାପ ସୃଷ୍ଟି ପରେ ପାଣିପାଗ କେନ୍ଦ୍ର ୪ ଜିଲ୍ଲାକୁ ଉତ୍ତର ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଏବଂ ଦେବଗଡ଼ ପାଇଁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା କରି ରେଡ୍ ଆଲର୍ଟ ଜାରି କରିଥିଲା। ମାତ୍ର ଏହି ଜିଲ୍ଲାମଧ୍ୟରୁ କେବଳ ସୁନ୍ଦରଗଡ଼ରେ ୩୮ ମିମି ବର୍ଷା ରେକଡର୍ ହୋଇଥିଲା ଓ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁଭାଁ ବର୍ଷା ହୋଇଥିଲା। ତେବେ ବର୍ଷା ସମ୍ଭାବନା ସୂଚନା ନ ଥିବା ବଲାଙ୍ଗୀରରେ ୧୨୯ ମିମି , ନୟାଗଡ଼ରେ ୭୫.୩ ମିମି ବର୍ଷା ରେକଡର୍ ହୋଇଥିଲା। ୩ ତାରିଖରେ ଲଘୁଚାପ ଘନୀଭୂତ ହୋଇ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ ସହ ଏହା ଉତ୍ତର ଓଡିଶା ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ ମୁହାଁ ହେବ ଆଶଙ୍କାରେ ପାଣିପାଗ ବିଜ୍ଞାନକେନ୍ଦ୍ର ଖୋର୍ଦ୍ଧା, କଟକ, ଜଗତସିଂହପୁର ଏବଂ ପୁରୀକୁ ଅତି ପ୍ରବଳ ବର୍ଷା ସହ ଅରେଞ୍ଜ ଆଲର୍ଟ ଏବଂ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୧୬ ଜିଲ୍ଲାକୁ କମ୍ ବର୍ଷା ଆଶଙ୍କା କରି ୟେଲୋ ଆଲର୍ଟ ଜାରି କରିଥିଲା। ହେଲେ ଅରେଞ୍ଜ ଆଲର୍ଟ ଜାରି କୌଣସି ଜିଲ୍ଲାରେ ବର୍ଷା ୩୦ ମିମି ଟପି ନ ଥିବାବେଳେ ୟେଲୋ ଆଲର୍ଟ ଜାରି ହୋଇଥିବା ଯାଜପୁର ଜିଲ୍ଲାର ଅଧିକାଂଶ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିଲା। ସେହିପରି ଚେତାବନୀ ଅନ୍ତର୍ଭୁକ୍ତ ନଥିବା ଝାରସୁଗୁଡା ଜିଲ୍ଲାର ଲାଇକିରା ଠାରେ ସର୍ବାଧିକ ୨୧୨.୨ ମିମି, କିର୍ମିରା ଠାରେ ୧୭୦.୪ ମିମି, କୋଲାବିରା ୧୬୩ ମିମି, ଲଖନପୁର ୧୪୩.୨ ମିମି , ଦେବଗଡ ସହରରେ ୧୪୫ ମିମି, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଠାରେ ୧୧୪ ମିମି ସହ ବର୍ଷା ରେକର୍ଡ ହୋଇଥିଲା।

ପାଣିପାଗ ବିଭାଗର ଏଭଳି ଆକଳନ ଫଳରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହାର କୌଣସି ଠିକ୍ ଠିକଣା ରହୁ ନଥିବା ବେଳେ ବନ୍ୟା ଜଳ ନିଷ୍କାସନରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଗତ ୨୪ ଘଣ୍ଟାରେ ମହନଦୀର ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ହୀରାକୁଦ ଡ୍ୟାମ୍‌ରୁ ବର୍ତ୍ତମାନ ୧୬ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମହାନଦୀ ତଳମୁଣ୍ଡ ପାଇଁ ବର୍ଷା ଆଶଙ୍କା କରାଯାଇ ନ ଥିବା ବେଳେ ସେଠାରେ ପ୍ରଚୁର ବର୍ଷା ହୋଇଥିବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା ହୋଇଛି। ସେହିପରି ଉତ୍ତର ଓଡ଼ିଶାରେ ବର୍ତ୍ତମାନ ବୈତରଣୀ ପୁଣି ଥରେ ବିପଦ ସଙ୍କେତ ଟପିବା ସହ ଜଳକା ମଧ୍ୟ ଫୁଲିବାରେ ଲାଗିଛି। ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଗୋଟିଏ ବର୍ଷରେ ଏଭଳି ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି।

## ସ୍ନେହାଙ୍ଗିନୀ ଛୁରିଆ...

ପଦ୍ମିନୀ ଦିଆନ୍, ଦୀପାଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆଙ୍କ ସାଧାରଣ ସମ୍ପାଦିକା ଭାବେ ନବୀନ ନିଯୁକ୍ତି ଦେଇଛନ୍ତି । ସେହିପରି ଦଳର ସଭାପତି ଶ୍ରୀ ପଟ୍ଟନାୟକ ଢେଙ୍କାନାଳ, କୋରାପୁଟ ଓ ରାୟଗଡା ଜିଲ୍ଲା ପାଇଁ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବରିଷ୍ଠ ନେତା ଡ. ନୃସିଂହ ଚରଣ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ସଭାପତି ଓ ସନ୍ଦୀପ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ମିଳିଛି। କୋରାପୁଟ ଜିଲ୍ଲା ସଭାପତି ଭାବେ ଝିନ ହିକକା ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଓ ପ୍ରସାଦ ବିଡିକାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ରାୟଗଡା ଜିଲ୍ଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଲାଓ ଓ ରଞ୍ଜିତ କୁମାର ପାଣିଗ୍ରାହୀ ପାଇଛନ୍ତି ।

## ନିରାଶ କରୁଛି...

ପରିମାଣରେ ହ୍ରାସ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆ ଔଷଧ ପାଇଁ ଟେଣ୍ଡର ପ୍ରକାଶ ପାଉନି। ପୂର୍ବରୁ ଯେଉଁମାନେ ଟେଣ୍ଡର ପାଇଛନ୍ତି, ଟଙ୍କା ମିଳିବାରେ ବିଳମ୍ବ ହେବାରୁ ସେମାନେ ଠିକ୍ ଭାବେ ଔଷଧ ଯୋଗାଉ ନାହାନ୍ତି। ନିରାମୟରେ ଡାକ୍ତରଙ୍କ ଚିଠା ଅନୁଯାୟୀ ଔଷଧ ମିଳୁନଥିବାରୁ ରୋଗୀମାନେ ବାଧହୋଇ ବାହାର ଦୋକାନରୁ ଔଷଧ କିଣୁଛନ୍ତି। ଏହି ଯୋଜନାରେ ରାଜ୍ୟ ବଜେଟ୍‌ର ୧୦ ପ୍ରତିଶତ ଅର୍ଥ ଜିଲ୍ଲାମାନଙ୍କୁ ଏବଂ ୩୦ ପ୍ରତିଶତ ମେଡିକାଲ କଲେଜକୁ ଯୋଗାଇ ଦିଆଯାଉଛି। ଏହି ଅର୍ଥରେ ସେମାନେ ଆବଶ୍ୟକ ଔଷଧ କିଣି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀମାନେ ସହଜରେ ଏହାର ସୁବିଧା ପାଇପାରୁନାହାନ୍ତି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସରକାରୀ ଡାକ୍ତର କହିଛନ୍ତି ଯେ ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ଲେଖିପାରିବେ ନାହିଁ। ଏଥିପାଇଁ ସରକାରୀ ଭାବେ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ରହିଛି। ଏମିତିକି ଯେଉଁ ଡାକ୍ତରମାନେ ବାହାରୁ ଔଷଧ ଲେଖିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ନିୟମ କରିଛନ୍ତି। ତେଣୁ ଡାକ୍ତରମାନେ କେବଳ ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଲେଖୁଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ପାଇଁ ରୋଗୀଙ୍କୁ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ହେଲେ ନିରାମୟ କେନ୍ଦ୍ରରେ ଔଷଧ ମିଳୁନଥିବାରୁ ରୋଗୀମାନେ ଫେରୁଛନ୍ତି। ଅପରପକ୍ଷେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀମାନେ ନିୟମିତ ଭାବେ ଔଷଧ ଆବଶ୍ୟକ କରୁଛନ୍ତି। ସେମାନଙ୍କୁ ବଟିକା ସହିତ ଇନ୍ସୁଲିନ୍ ବି ଦେବାକୁ ପଡୁଛି। ଗୋଟିଏ ଥରରେ ରୋଗୀମାନଙ୍କୁ ଅତି କମରେ ମାସକ ପାଇଁ ଔଷଧ ଦିଆଯାଉଥିବାବେଳେ କେତେକ ସ୍ଥଳରେ ବୟସ୍କ ରୋଗୀମାନେ ଦୁଇ ମାସର ଔଷଧ ଦେବାକୁ ଦାବି କରୁଛନ୍ତି। ହେଲେ ଔଷଧ ଯୋଗାଣ ହ୍ରାସ ପାଇଥିବାରୁ ସେମାନଙ୍କୁ ଔଷଧ ଦେବା ସମ୍ଭବପର ହେଉନି ବୋଲି ସେ କହିଛନ୍ତି।

## ଥାନାରେ କାମ କରୁନି...

କରୁଛି, ତାହାର ଫୁଟେଜ୍ କୋର୍ଟକୁ ଦିଆଯାଉ ନାହିଁ। ଅନେକ ଥାନାରେ ଦେଖାଯାଉଛି ଯେ ରିମାଣ୍ଡ ରୁମ୍ ବା ହାଜତ କୋଠରୀକୁ ସିସିଟିଭି କ୍ୟାମେରା ଠାରୁ ଦୂରେଇ ରଖାଯାଉଛି। ଏହାକୁ ନେଇ ଥାନା ଅଧିକାରୀ କୋର୍ଟରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି। ହାଜତମୃତ୍ୟୁ ମାମଲାରେ ପୁଲିସ ସିସିଟିଭି ଫୁଟେଜ୍ ଦାଖଲ ନକରିବା ଲାଗି ବିଭିନ୍ନ ବାହାନା ଦେଖାଉଛି।

ହାଜତମୃତ୍ୟୁକୁ ରୋକିବା ସହିତ ପାରଦର୍ଶିତା ଆଣିବା ଲାଗି ସମସ୍ତ ପୁଲିସ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ ସୁପ୍ରିମ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ମାନବାଧିକାର ଉଲ୍ଲଂଘନ ରୋକିବାକୁ ଏହା ଜରୁରି। ସିସିଟିଭି ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣା ନେଇ ସୁପ୍ରିମ କୋର୍ଟ ଏହାପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶ ଦେଇଛନ୍ତି। ସିସିଟିଭି ଡାଟା ଏବଂ ରେକର୍ଡିଂ ବ୍ୟାକଅପ୍ ସୁରକ୍ଷିତ ରଖିବା ସହିତ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ଦାୟିତ୍ୱ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କର ବୋଲି କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଛି। ଏକ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ଆଦେଶ ପାଳନ କରାଯାଉ ନଥିବାରୁ ୨୦୨୩ରେ ଜଷ୍ଟିସ ଗଭାଇ ବେଞ୍ଚ କ୍ଷୋଭ ପ୍ରକାଶ କରିଥିଲେ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୦୦ରୁ ୨୦୨୨ ମଧ୍ୟରେ ବର୍ଷକୁ ୯୨ ଜଣ ବ୍ୟକ୍ତି ପୁଲିସ ହାଜତରେ ପ୍ରାଣ ହରାଇଥିଲେ। ତେବେ ୨୦୦୫ରେ ସର୍ବାଧିକ ୧୨୮ ଟି ହାଜତମୃତ୍ୟୁ ହୋଇଥିବା ବେଳେ ୨୦୦୭ ରେ ୧୧୮ ଟି ହାଜତମୃତ୍ୟୁ ହୋଇଥିଲା।

## ହାଇକୋର୍ଟ ନିର୍ଦ୍ଦେଶ...

ପ୍ରକାଶ କରିବା ସହ ଏହା ପୁଲିସ ପ୍ରଶାସନର ଏକ ଚରମ ବିଫଳତା ବୋଲି ଉଲ୍ଲେଖ କରିଥିଲେ। ଥାନାରେ ସିସିଟିଭି ବ୍ୟବସ୍ଥା ହୋଇଥିବା ଏବଂ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଥାନା ଏବଂ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ବ୍ୟବସ୍ଥା କରାଯିବ। ଫାଣ୍ଡିରେ ଲାଗିଥିବା କ୍ୟାମେରା ଗୁଡିକ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମରେ ସେହି ସମାନ ସମୟ ସୁଦ୍ଧା ଯୋଡ଼ି ହୋଇଥିବ ବୋଲି ଦର୍ଶାଯାଇଥିଲା। ଏହି ଅବଧି ପୂରି ଯାଇଥିଲେ ମଧ୍ୟ ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ବ୍ୟବସ୍ଥା ହୋଇପାରିନାହିଁ। ଏବେ ବି ରାଜ୍ୟର ଆହୁରି ୩୦ଟି ଥାନାରେ ସିସିଟିଭି କ୍ୟାମେରା ଲାଗିପାରି ନ ଥିବା ଜନୈକ ପୁଲିସ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଫଳରେ ଥାନାକୁ ଅଭିଯୋଗ କରିବା ପାଇଁ ଯାଉଥିବା ଜନସାଧାରଣଙ୍କୁ କି ପ୍ରକାର ନ୍ୟାୟ ମିଳୁଛି ତାହା ନିଶ୍ଚିତ ହୋଇପାରିନାହିଁ।

୨୦୨୪ ସେପ୍ଟେମ୍ବର ୧୫ ତାରିଖ ବିଳମ୍ବିତ ରାତିରେ ଭରତପୁର ଥାନାରେ ଘଟିଥିବା ପୁଲିସ ନିର୍ଯାତନା ମାମଲାର ଶୁଣାଣି କରି ହାଇକୋର୍ଟ ଦର୍ଶାଇଥିଲେ ଯେ କୌଣସି ଆର୍ମି ଅଫିସର ଥାନାକୁ ଆସିଲେ କିପରି ବ୍ୟବହାର କରାଯିବ ସେ ନେଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ସବୁ ଥାନାକୁ ଏସଓପି ଜାରି କରିବେ ଏବଂ ରାଜ୍ୟର ପ୍ରତ୍ୟେକ ପୁଲିସ ଅଧିକାରୀ ଏହାକୁ ଅନୁସରଣ କରିବେ। ଏହି ଏସଓପିକୁ ଠିକ ଭାବେ ଚାରିଆଡେ ପ୍ରଚାର କରାଯିବ। ଏପରିକି ପୁଲିସ ଅଧିକାରୀମାନେ କିପରି ସଚେତନ ହେବେ ସେନେଇ ପଦକ୍ଷେପ ନିଆଯିବ। ଏସଓପିକୁ ଓଡ଼ିଆରେ ପ୍ରତ୍ୟେକ ଥାନା ଏବଂ ଫାଣ୍ଡିରେ ବଣ୍ଟାଯିବ ବୋଲି ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯିବା ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀ ଏତଲା ଦେବାକୁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ରୁଜୁ କରିବା ପରିବର୍ତ୍ତେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏପରିକି ଆର୍ମି ଅଫିସରଙ୍କ ବାନ୍ଧବୀଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଥିଲା। ଏହି ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ ଏନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ଲେଟର ପିଟିସନ ଲେଖିଥିଲେ। ଏହି ଲେଟର ପିଟିସନକୁ ମାମଲା ଭାବେ ଗ୍ରହଣ କରି ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ଭରତପୁର ଥାନା ସମେତ ରାଜ୍ୟର କେତେ ଥାନାରେ ସିସିଟିଭି କ୍ୟାମେରା ଲାଗିଛି ତାହାର ରିପୋର୍ଟ ତଲବ କରିଥିଲେ।

## ବଢୁଛି ଆମ୍ବହତ୍ୟା...

ମାନସିକ ଅବସାଦର ଶିକାର ହେଉଛନ୍ତି। ଏନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିବା ସହିତ ମାନସିକ ସ୍ୱାସ୍ଥ୍ୟ ନେଇ ସଚେତନତା ଅଭିଯାନ ଜୋରଦାର କରିବାକୁ ପରାମର୍ଶ ଦେଇଛି।

ରିପୋର୍ଟରେ ଆହୁରି କୁହାଯାଇଛି ଯେ ଅବସାଦ ଓ ଦୁଶ୍ଚିନ୍ତା ବିଶ୍ୱର ସବୁ ଦେଶରେ ଦେଖାଯାଉଛି। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏହାର ପ୍ରଭାବ ଅର୍ଥନୀତି ଉପରେ ମଧ୍ୟ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତା ଯୋଗୁଁ ପ୍ରତିବର୍ଷ ବିଶ୍ୱ ଅର୍ଥନୀତି ଉପରେ ଏକ ଲକ୍ଷ କୋଟି ଡଲାରର ବୋଝ ପଡୁଛି। ଅବସାଦ ଓ ଦୁଶ୍ଚିନ୍ତାର ମୁକାବିଲା ଲାଗି ବିଶ୍ୱବ୍ୟାପୀ ଅଭିଯାନକୁ ଜୋରଦାର କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୁରୁତ୍ୱ ଆରୋପ କରିଛି। ୨୦୩୦ ସୁଦ୍ଧା ଆମ୍ବହତ୍ୟା ହାର ଅତିକମରେ ୩୦ ଭାଗ ହ୍ରାସ କରିବାକୁ ଡବ୍ଲ୍ୟୁଏଚ୍‌ଓ ଲକ୍ଷ୍ୟ ଧାର୍ଯ୍ୟ କରିଛି। କିନ୍ତୁ ଯେଉଁ ହିସାବରେ ଅଭିଯାନ ଚାଲିଛି, ସେଥିରୁ ଜଣାପଡୁଛି ଯେ ଏହି ଲକ୍ଷ୍ୟ ହାସଲ ହେବାର ସମ୍ଭାବନା କମ୍। ଆମ୍ବହତ୍ୟା ହାର ମାତ୍ର ୧୨ ପ୍ରତିଶତ କମିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯୁବପିଢ଼ି କାହିଁକି ମାନସିକ ଅବସାଦର ଶିକାର ହେଉଛନ୍ତି, ତାହାର କାରଣ ଖୋଜି ବାହାର କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ନିମନ୍ତେ ଗାଇଡଲାଇନ୍ସ ଜାରି କରିଛି ସଂଗଠନ।


**AFFIDAVIT**

By virtue of an Affidavit before Notary Public, Malkangiri, I, **Mase Sodi**, aged about 55 years, W/o.: Pandu Sodi resident of Village: Singharajkhunta, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1469/2025, Dated: 02.09.2025 that I have changed my name from Mashe Sodi to **Mase Sodi**. Henceforth I shall be known as **Mase Sodi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Adama Madhi**, aged about 47 years, S/o.: Muka Madhi resident of Village: Chidipali, PO.: Tumusapalli, P.S./ Dist.: Malkangiri, Odisha, declare by this Affidavit No.: 1468/2025, Dated: 02.09.2025 that I have changed my & my father surname from Adama Madi, S/o.: Muka Madi to **Adama Madhi, S/o.: Muka Madhi**. Henceforth I shall be known as **Adama Madhi, S/o.: Muka Madhi** for all future purposes.

**AFFIDAVIT**

I, SURAJ DHAL S/O SUBASH CHANDRA DHALSULDHIAPADA, PO- EKATALI, WARD NO-07, JHARSUGUDA -768202, ODISHA Declare by this affidavit No.4671 dtd- 04/09/2025, that now onwards i shall be known as **SURAJ KUMAR DHAL** for all future purposes.

**AFFIDAVIT**

I, Madhujyotshna Samal, W/o- Bijay Kumar Nayak, resident of Karadamali, PO- Gadbandhagoda, PS- Ramachandrapur, District- Kendujhar, PIN-758043, Odisha declare by this affidavit No. A/39 dtd. 02.09.2025 that now onwards I shall be known as **Madhujyotsna Nayak** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Makar Burudi**, aged about 37 years, S/o.: Hari Burudi resident of Village: Gudumpadar, PO.: Biralakshmanpur, P.S./Dist.: Malkangiri, Odisha, declare by this Affidavit No.: 1470/2025, Dated: 02.09.2025 that I have changed my name from Makara Burudi to **Makar Burudi**. Henceforth I shall be known as **Makar Burudi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Gouda**, aged about 58 years, S/o.: Late Sambharu Gouda resident of Village: Bahalguda (Titang), PO.: Tandiki, P.S./ Dist.: Malkangiri, Odisha, declare by this Affidavit No.: 1503/2025, Dated: 04.09.2025 that I have changed my & my father surname from Gangaram Madhi, S/o.: Late Sambharu Madhi to **Gangaram Gouda, S/o.: Late Sambharu Gouda**. Henceforth I shall be known as **Gangaram Gouda, S/o.: Late Sambharu Gouda** for all future purposes.

**AFFIDAVIT**

I, Jeetindra Kumar Patro, S/o.- Lambodara Patro, resident of Vill- Sahasapur, Po.- Gothagam, Ps.- Jaradagada, Dist- Ganjam, Dist- Ganjam, Pin: 761037, Odisha declare by this affidavit No. 80, Dtd: 03.09.2025 that now onwards I shall be known **JITENDRA KUMAR PATRO** for all future purposes.

**ହଜିଯାଇଅଛି**

ଏହି ଶପଥ ପତ୍ର ନୋଟାରି ପବ୍ଲିକ, ନିମାପଡ଼ା, ପୁରୀଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଅଜୟ କୁମାର ବେହେରା, ପି- ମୃତ ଗଜେନ୍ଦ୍ର ବେହେରା, ଗ୍ରା/ପୋ- କୃପଦେଇପୁର, ଥାନା, ବଳଙ୍ଗା, ଜିଲ୍ଲା, ପୁରୀ, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋ ବାପାଙ୍କ ନାମରେ ଥିବା ସେଲ ଡିଡ୍ ନମ୍ବର ୧୨୧୩, ତା.୨୨.୦୭.୧୯୯୭ ଖିଶରେ ମୁଁ ମୋ ମଟରସାଇକେଲରେ କୃପଦେଇପୁରରୁ ବଳଙ୍ଗା ଯିବା ବାଟରେ ଓରିଜିନାଲ କବଲାଟି କେଉଁଠାରେ ହଜିଯାଇଅଛି। ମୁଁ ବଳଙ୍ଗା ଥାନା ଓ ଆଇସିଙ୍କ ମାଧ୍ୟମରେ ଏକ କେସ ଡାଏରୀ ମଧ୍ୟ ଏଣ୍ଟ୍ରି କରିଅଛି। ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛି ଉପରୋକ୍ତ ବିବରଣୀ ସତ୍ୟ ଅଟେ।

ସ୍ୱାକ୍ଷର/- ଅଜୟ କୁମାର ବେହେରା

**AFFIDAVIT**

By virtue of an affidavit sworn before The Executive Magistrate, Banpur, Dist.- Khordha vide no-3381, Dated- 3/9/2025, I Gurubari Nayak, aged about 40 yrs., W/O- Sukadeb Nayak, Address At- Halanda, Po.- Badasireipur, Ps.- Banpur, Dist.- Khordha, Pin- 752031, Odisha, declare that I have changed my minor Son's name from **Sambit Kumar Nayak** to **Sambit Nayak**. Henceforth, he shall be known as **Sambit Nayak** for all purpose.

**AFFIDAVIT**

I, Asha Tarai, aged about 38 years, W/o- Manas Patnaik, resident of At- Bharati Bhavan, Srivihar Colony, Tulasipur, Cuttack, PIN- 753008, Odisha declared by this affidavit No. 12/2025, dtd- 01/09/2025 that now onwards I shall be known as **ASHA RAY** for all future purposes.

**AFFIDAVIT**

By an affidavit CF No. 30 sworn before Executive Magistrate, Bhubaneswar on dtd- 03/09/2025. I, **Indramani Panigrahy**, Husband of Sarojanalini Panigrahy, father of Ipsita Panigrahy, resident of Plot No. 65/3331, Narayani Club, Old Town Mahatab Road, Bhubaneswar, Dist.- Khurda, Odisha has declared that in my daughter's school document, my wife's name is wrongly mentioned as Sarojanalini instead of Sarojanalini Panigrahy. Sarojanalini Panigrahy is the correct name. Both **Sarojanalini** and **Sarojanalini Panigrahy** is one and the same person who happens to be the mother of Ipsita Panigrahy.

**AFFIDAVIT**

I, Rena Dev, aged about 72 years, W/o- Late Samir Deb, resident of At- Gujurati Colony, Purunabasti, Po- Kalimandir Road, Ps/Dist- Jharsuguda, Odisha, PIN- 768201 declared by this affidavit C.F. No. 4657, dtd- 03/09/2025 that now onwards I shall be known as **RENA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 04/09/2025. I Bijay Behera, S/o- Late Sikhar Behera, resident of Village-Bansahi, Po- Bilasuni, PS- Niali, Dist- Cuttack, Odisha, Aadhar No- 9779 8796 8122, declare that, in my driving licence No. OR 05 20060020688 my name recorded as **Sudhir Kumar Behera** which is my nick name. My self **Bijay Behera** and **Sudhir Kumar Behera** same and one person. Henceforth, I shall be known as **Bijay Behera** for all purposes.

**Bijay Behera**

ଓଡ଼ିଶା ସରକାର
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
RR-12

**ବିଜ୍ଞାପନ**

**୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ,
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR-03029/11/0068/2526

# ଏସ୍‌ଏଚ୍‌ଜିଙ୍କୁ ଅଣଦେଖା

## ପୋଷାକ ବଣ୍ଟନ ବିଳମ୍ବକୁ ନେଇ ଅସନ୍ତୋଷ

ନିଶ୍ଚିନ୍ତକୋଇଲି,୪।୯ (ସମିସ):

ରାଜ୍ୟ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନାରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ମାଗଣା ପୋଷାକ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏହି ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ସଂପୃକ୍ତି କରିବା ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏସ୍‌ଏଚ୍‌ଜିଙ୍କୁ ଅଣଦେଖା କରାଯାଇ କେତେକ ବ୍ୟବସାୟୀଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମହିଳାମାନଙ୍କୁ ସ୍ୱରୋଜଗାରକ୍ଷମ କରାଇ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବ୍ୟବସ୍ଥା କରୁଥିଲା ବେଳେ ସରକାରୀ କର୍ମଚାରୀମାନେ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହି ବ୍ୟବସ୍ଥା ଫେଲ୍ ମାରିଥିବା ଦେଖାଯାଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧୯୭ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନ କରୁଥିବା ୧୩୪୮୩ ଜଣ ଛାତ୍ରଛାତ୍ରୀମାନଙ୍କୁ ୨୦୨୫-୨୬ ଶିକ୍ଷା ବର୍ଷର ପୋଷାକ ବଣ୍ଟନରେ ବିଳମ୍ବ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଗତ ଦିନ ଗୁଡିକରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖ ମଧ୍ୟରେ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥାଏ। ହେଲେ ଗତ ବର୍ଷ ନୂତନ ଶିକ୍ଷାଧିକାରିଣୀ ଯୋଗଦାନ କରିବା ପରେ ନଭେମ୍ବର ମାସ ପର୍ଯ୍ୟନ୍ତ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା। ଚଳିତ ବର୍ଷ ମଧ୍ୟ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଅଗଷ୍ଟ ୩୦ ତାରିଖ ମଧ୍ୟରେ ପୋଷାକ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଅଦାବଧି ଏହି ବ୍ଲକ ଅଞ୍ଚଳରେ ଗତ ୨ ତାରିଖ ଦିନ ମାତ୍ର ୩/୪ଟି ସ୍କୁଲରେ ପୋଷାକ ବଣ୍ଟନ କରାଯାଇଥିବା ଜଣାଯାଇଛି। ଚଳିତ ବର୍ଷ ଜିଲ୍ଲାସ୍ତରୀୟ କମିଟି ପକ୍ଷରୁ ପୋଷାକ ପ୍ରଦାନ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କେତେକ ପୋଷାକ ବ୍ୟବସାୟୀଙ୍କୁ ଟେଣ୍ଡର ଦିଆଯାଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ୧୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାତ୍ର ୪୦ଟି ବିଦ୍ୟାଳୟରେ ପୋଷାକ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ବହୁ ଗୋଷ୍ଠୀ ଏଥିରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ଏଥିରେ ସଂପୃକ୍ତି କରାଯାଇ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷରେ ୮ଟି ବ୍ୟବସାୟୀ ସଂଗଠନକୁ ୧୫୭ଟି ସ୍କୁଲରେ ପୋଷାକ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କାହା ସ୍ୱାର୍ଥରେ ୧୯୭ଟି ସ୍କୁଲ ମଧ୍ୟରୁ ୧୫ଟି ଏସ୍‌ଏଚ୍‌ଜିଙ୍କୁ ୪୦ଟି ବିଦ୍ୟାଳୟ ଦିଆଯାଇଥିଲା ବେଳେ ୮ଟି ବ୍ୟବସାୟୀ ସଂସ୍ଥାକୁ ୧୫୭ଟି ସ୍କୁଲରେ ପୋଷାକ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି। ଏହାଛଡା ସଂପୃକ୍ତ ଏସ୍‌ଏଚ୍‌ଜି ଓ ବ୍ୟବସାୟୀକ ସଂସ୍ଥା ପୋଷାକ ବଣ୍ଟନରେ ବିଳମ୍ବ କରୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଧ୍ୟ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ନିୟମାନୁଯାୟୀ ସ୍କୁଲରେ ପୋଷାକ ଦେବା ପୂର୍ବରୁ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କ ସହିତ ସଂପୃକ୍ତ ସଂସ୍ଥା ଏକ ପୋଷାକର ସାମ୍ପୁଲ ଦେଖାଇ ଚୁକ୍ତିନାମା କରିବା କଥା। ଅନେକ ବିଦ୍ୟାଳୟରେ ସଂପୃକ୍ତ ସଂସ୍ଥା ଗୁଡିକ ସାମ୍ପୁଲ ଦେଖାଉ ନାହାଁନ୍ତି କିମ୍ବା ଚୁକ୍ତି ମଧ୍ୟ କରୁନାହାଁନ୍ତି। ବିଭିନ୍ନ ରାଜନେତାଙ୍କ ନାମ ନେଇ ପୋଷକ ବିତରଣକାରୀ ସଂସ୍ଥା ଗୁଡିକ ବହୁ ବିଦ୍ୟାଳୟରେ ଅତ୍ୟନ୍ତ ନିମ୍ନମାନର ପୋଷାକ ପ୍ରଦାନ ପାଇଁ ବାଧ କରୁଥିବା ଜଣାଯାଇଛି। ପ୍ରତ୍ୟେକ ବିଦ୍ୟାର୍ଥୀ ପାଇଁ ପ୍ରଥମ ପର୍ଯ୍ୟାୟରେ ୬୦୦ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଥିଲା ବେଳେ ସେଥିରେ ଦୁଇ ହଳ ୟୁନିଫର୍ମ ପୋଷାକ, ଏକ ହଳ ଯୋତା ଓ ଏକହଳ ମୋଜା ଦେବାର ସରକାରୀ ବ୍ୟବସ୍ଥା ରହିଛି। ହେଲେ ପୋଷାକ ବଣ୍ଟନକାରୀ ସଂସ୍ଥା ଗୁଡିକ କମ ଦାମ୍‌ର ନିମ୍ନମାନର ପୋଷାକ ଦେଉଥିବା ଦେଖାଯାଇଛି। ଦ୍ୱିତୀୟପର୍ଯ୍ୟାୟରେ ମଧ୍ୟ ସରକାରଙ୍କ ପକ୍ଷରୁ ୪୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବା ପରେ ବିଦ୍ୟାର୍ଥୀମାନଙ୍କୁ ଟ୍ରାକ୍ ସୁଟ୍ ଓ ସାର୍ଟ ସହିତ ଟୋପି ଓ ପରିଚୟ ପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଏହି ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକୁ ତୁରନ୍ତ ପୋଷାକ ଯୋଗାଇଦେବା ପାଇଁ ଦାବି ହୋଇଛି।

### ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

# ଥାନା ସମ୍ମୁଖରେ ବିଷପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ, ୪।୯ (ସମିସ): ଅଭିଯୋଗ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଆଜି ବାଙ୍କୀ ଥାନା ସମ୍ମୁଖରେ ଜଣେ ଯୁବକ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ବିଷ ପିଇବା ପୂର୍ବରୁ ପୁଲିସ ପହଞ୍ଚି ଯୁବକଙ୍କୁ କାବୁ କରିବା ସହ ବିଷ ବୋତଲ ଜବତ କରିଛି। ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ଫାଣ୍ଡି ନିକଟସ୍ଥ କୁସୁନ୍ଦା ଗ୍ରାମରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ କୁନି ଭୋଇ ନାମକ ଜଣେ ମହିଳାଙ୍କୁ ଅପରଗୋଷ୍ଠୀର ଲୋକ ଆକ୍ରମଣ କରିବା ସହ ତାଙ୍କ ଗୋଡ଼ ଭାଙ୍ଗି ଦେଇଥିଲେ। ଆହତ ମହିଳା ଜଣକ ଏ ସମ୍ପର୍କରେ ୨୯ ତାରିଖ ଦିନ ତାଳବସ୍ତ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପୁଲିସ କୌଣସି ପଦକ୍ଷେପ ନ ନେବାରୁ ପରେ ୩୦ ତାରିଖ ଦିନ ବାଙ୍କୀ ଥାନାରେ ମଧ୍ୟ ଅଭିଯୋଗ କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତଙ୍କୁ ଧରୁ ନ ଥିବାରୁ ଆଜି ମହିଳା ତାଙ୍କ ପୁଅ ଯୁଗୋଳ ଭୋଇଙ୍କ ସହ ଥାନାକୁ ଆସିଥିଲେ। ହେଲେ ଥାନା ପକ୍ଷରୁ ତାଙ୍କୁ କୌଣସି ସହଯୋଗ ନ ମିଳିବାରୁ ସେ ବାଧ୍ୟ ହୋଇ ଥାନା ସମ୍ମୁଖରେ ଏକ ବିଷପିଇବା ପାଇଁ ଉଦ୍ୟମ କରିଥିଲେ। ନିକଟରେ ଥିବା ପୁଲିସ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ବିଷ ବୋତଲକୁ ଜବତ କରିଥିଲେ। ଏ ସମ୍ପର୍କରେ ବାଙ୍କୀ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ମହିଳା ଜଣକ ଆକ୍ରମଣ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## ଆତ୍ମଦାହ ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ

ସାଲେପୁର,୪।୯ (ସମିସ): ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ତିଳୋତ୍ତମା। ୨ ଦିନ ତଳେ ପାରିବାରିକ ଅଶାନ୍ତି କାରଣରୁ ଦେହରେ କିରୋସିନ୍ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନିଆଁରେ ଶତକଡ଼ା ୬୦ ଭାଗ ପୋଡ଼ି ହୋଇ ଗୁରୁତର ଆହତ ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ତିଳୋତ୍ତମାଙ୍କ ଗତକାଲି ରାତିରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ଖବର ପାଇ ସାଲେପୁର ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ଗତ ମଙ୍ଗଳବାର ସକାଳେ ସାଲେପୁର ଥାନା ଅନ୍ତର୍ଗତ ସିଢ଼ୋ ପଞ୍ଚାୟତ ଅଧୀନ କଙ୍କରାଇଲୋ ଗ୍ରାମର ତିଳୋତ୍ତମା ରାଉତ ନିଜ ଦେହରେ କିରୋସିନ୍ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ତିଳୋତ୍ତମାକୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପରେ ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗତକାଲି ରାତିରେ ତିଳୋତ୍ତମାଙ୍କ ମୃତ୍ୟୁ ହୋଇଛି। ଘଟଣାକୁ ଗୁରୁତର ସହ ନିରପେକ୍ଷତାରେ ତଦନ୍ତ କଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବିଦେଶୀ ମଦ ଜବତ; ଜଣେ ଗିରଫ



ତିଗିରିଆ,୪।୯ (ସମିସ): ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ଅଧୀନ ହରିଡାପଶି ଗ୍ରାମର ନିର୍ମଳ ରାଉତ ଓରଫ ତୋଫାନ (୩୮)କୁ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ତିଗିରିଆ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତ ତୋଫାନଠାରୁ ବେଆଇନ ବିଦେଶୀ ମଦ ୮୬.୯୦୦ ଲିଟର ଜବତ କରାଯିବା ସହ ମଦ ରଖାଯାଇଥିବା ଡିପ ଫ୍ରିଜରକୁ ଜବତ କରାଯାଇଛି। ଏଥିନେଇ ତିଗିରିଆ ପୁଲିସ କେସ ନମ୍ବର ୧୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି।

# ସାର କଳାବଜାରକୁ ନେଇ ବିକ୍ଷୋଭ




ଟାଙ୍ଗୀ,୪।୯ (ସମିସ): ସାର କଳାବଜାରୀଙ୍କୁ ଗିରଫ ଓ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଣ ଦାବିରେ ଓଡ଼ିଶା କୃଷକ ସଭା ଟାଙ୍ଗୀ-ଚୌଦ୍ୱାର ଶାଖା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୃଷକ ସଭା ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତଥା କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ କୃଷକ ସଭାର ଜିଲ୍ଲା କମିଟି ସମ୍ପାଦକ ଡମ୍ବରୁଧର ସାହୁ, ବରିଷ୍ଠ ସିପିଆଇ(ଏମ୍) ନେତା ବିଷ୍ଣୁ ବେହେରା ଓ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଓ ଷଡଯନ୍ତ୍ର ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ। ସାର କଳା ବଜାରି ରୋକିବା, ସମବାୟ ସମିତି ମାଧ୍ୟମରେ ତୁରନ୍ତ ସାର ଯୋଗାଣ ଓ ମଣ୍ଡିରେ ପଞ୍ଜିକରଣ ସମୟ ସୀମା ଏକ ମାସ ବୃଦ୍ଧି ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କୁ ସାକ୍ଷାତ ଆଲୋଚନାପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ମୁକ୍ତାନାଥ ମନ୍ଦିର ପ୍ରାଙ୍ଗଣରେ ହୋମଯଜ୍ଞ



ନରସିଂହପୁର,୪।୯ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବଲିସାହି ଗ୍ରାମପଞ୍ଚାୟତର ମାଳିସାହିସ୍ଥିତ ମୁକ୍ତାନାଥ ମନ୍ଦିର ପ୍ରାଙ୍ଗଣରେ ବାଇଶି ମୌଜା ମହାଯଜ୍ଞ ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ମହାଯଜ୍ଞ ସମାପନ ହୋଇଥିଲା। ଉକ୍ତ ମହାଯଜ୍ଞରେ ସରପଞ୍ଚ ସସ୍ମିତା ସେଠି, ସରଧାପୁର ସରପଞ୍ଚ ନିରଞ୍ଜନ ବରାଡ, ପୁରୋହିତ ଦଣ୍ଡଧର ମିଶ୍ର, ଯଜ୍ଞ ମିଶ୍ର, ପ୍ରଦୀପ ଅମାନ୍ତ ଓ ସହଯୋଗୀ ପରିଚାଳନା କରିଥିଲେ।

## ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଦିବସ



କଣ୍ଟାପଡ଼ା,୪।୯ (ସମିସ): କଟକ ଜିଲ୍ଲା କଣ୍ଟାପଡା ବ୍ଲକ ସୁନ୍ଦର ଗ୍ରାମସ୍ଥିତ ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ୨୧ତମ ପ୍ରତିଷ୍ଠା ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ କ୍ୟାନସର ସର୍ଜନ ତଥା ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଡାକ୍ତର ପ୍ରବୀଣ କୁମାର ତୋଗାଡିଆ କହିଥିଲେ, ସମସ୍ତଙ୍କ ଶିକ୍ଷା ସହିତ ଆର୍ଥିକ ବିକାଶ ହେଲେ ଦେଶକୁ ସମୃଦ୍ଧ ବୋଲି କୁହାଯାଇପାରିବ। ସମ୍ମାନିତ ଅତିଥିଭାବେ କଳିଙ୍ଗ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ତଥା ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ରାଜ୍ୟ କାର୍ଯ୍ୟକାରୀ ସଭାପତି ଡ. ବଦ୍ରି ପଟ୍ଟନାୟକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଇଂ. ମନୋଜ କୁମାର ଦାଶ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାର୍ମାସୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରଜତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମ୍ୟାନେଜିଙ୍ଗ ଟ୍ରଷ୍ଟି ବବିତା ଦାଶ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦଧୀଚିର ପ୍ରଶାସନିକ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା, ଅର୍ଥ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ପାତ୍ରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମରେ କର୍ମଚାରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଓ ନିଯୁକ୍ତି ବିଭାଗ ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବନଦୁର୍ଗା ପୂଜା ପାଇଁ ମୃତ୍ତିକା ଉତ୍ତୋଳନ



ନିଶ୍ଚିନ୍ତକୋଇଲି, ୪।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପାଟପୁରଠାରେ ଥିବା ମା’ ଅନନ୍ତ କୁମାରୀ ବନଦୁର୍ଗା ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଶାରଦୀୟ ବନଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ଗଠନ ଓ ପୂଜା ପାଇଁ ପବିତ୍ର ସୁନିଆଁ ତିଥିରେ ମୃତ୍ତିକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜା କମିଟିର ସଭାପତି ଗୌରହରି ସାହୁଙ୍କ ସଂଯୋଜନାରେ ପୂଜକ ମହେଶ୍ୱର ଶତପଥୀ ଓ ସହଯୋଗୀ ସରୋଜ ମିଶ୍ରଙ୍କ ସମେତ କର୍ତ୍ତା ଅନ୍ନଦା ପ୍ରସାଦ ନନ୍ଦଙ୍କ ସହ ବହୁ ଭକ୍ତ ମା’ ଅନନ୍ତ କୁମାରୀଙ୍କ ନିର୍ଦ୍ଦେଶ ନେଇ ପୂଜା ମଣ୍ଡପରୁ ବାହାରି ପ୍ରଭୁ ଶଙ୍କରେଶ୍ୱର ମହାଦେବଙ୍କ ପବିତ୍ର ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ସେଠାରେ ଯଥାରୀତି ମାଟି ଉଠାଯାଇ ପଟୁଆରରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜା ମଣ୍ଡପରେ ବନ୍ଦାପନା କରାଯାଇ ମୃତ୍ତିକାକୁ ସ୍ୱାଗତ ପୂଜାର୍ଚ୍ଚନା କରାଯିବା ପରେ ମୂର୍ତ୍ତି କାରିଗର ଚକ୍ରଧର ବେହେରାଙ୍କ ଦ୍ୱାରା ମା’ଙ୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କମିଟିର ସଂପାଦକ ପ୍ରକାଶଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ଗିରିଶଚନ୍ଦ୍ର ଦାସ, ଉପସଭାପତି ରବିନାରାୟଣ ଦାସ, ସହସଂପାଦକ ସୋମନାଥ ବିଶ୍ୱାଳ, ନିରଞ୍ଜନ ପଣ୍ଡା, କୁନିଆ ପଣ୍ଡା, ଲକ୍ଷ୍ମୀକାନ୍ତ ରାଉଳ, ଜଳଧର ବାରିକ, ବିଜୟ ବେଉରିଆ, ସତ୍ୟରଞ୍ଜନ ମଳିକ, ସୁକୁମାର ଦାସ, ଆଶିଷ ନନ୍ଦ, ଶିବପ୍ରସାଦ ନନ୍ଦ, ବଳରାମ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

## ବିପୁଳ ଦେଶୀ ମଦ ଜବତ

ଆଠଗଡ,୪।୯ (ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତୀଙ୍କ ତତ୍ତ୍ୱବଧାନରେ ଖୁଣ୍ଟୁଣୀ ଥାନା ଢ଼ାଲୁଅ ଏବଂ ଖଣ୍ଡୁଆଳି ଜଙ୍ଗଲରେ ଆଠଗଡ ଓ ବାଙ୍କୀ ଅବକାରୀ ଥାନା ଓ ସଦର ଅବକାରୀ ବିଭାଗ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ, ବନ ବିଭାଗ ପକ୍ଷରୁ ଗୁରୁବାର ଏକ ମିଳିତ ଚଢ଼ଉ କରାଯାଇଛି। ୧୯୯୫ ଲିଟର ଦେଶୀ ମଦ ସହ ୨୧୦୩୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ୬ଟି ମାମଲା ରୁଜୁ କରାଯାଇଛି।



## ବ୍ଲକସ୍ତରୀୟ ବ୍ୟାଙ୍କର୍ସ ସମନ୍ୱୟ ବୈଠକ



ଟାଙ୍ଗୀ,୪।୯ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ବ୍ୟାଙ୍କକୁ ନେଇ ଏକ ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ପୌରହିତ୍ୟରେ ତଥା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ଓ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ମିଶନ ଶକ୍ତି ବ୍ଲକ ମହାସଂଘ ସଭାନେତ୍ରୀ ଅନୁରାଧା ନାୟକଙ୍କ ସମେତ ୨୪ଟି ପଞ୍ଚାୟତର ସଂଘ ସଭାନେତ୍ରୀ, ସମ୍ପାଦିକା, ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ବୈଠକରେ ଯୋଗଦାନ କରିଥିଲେ। ଏଲଡ଼ିଏମ୍ ସତ୍ୟନାରାୟଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ବ୍ଲକ ସଂଯୋଜିକା ଗଙ୍ଗୋତ୍ରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# ‘ସବୁଜ ଚାଦର’ ଘୋଡ଼ିହେଲାଣି ୫୪୬୭ ହେକ୍ଟର ଚାଷଜମି

ତିଗିରିଆ, ୪।୯ (ସମିସ):

କଟକ ଜିଲ୍ଲାର କୃଷି ପ୍ରଧାନ ବ୍ଲକ ରୂପେ ପରିଚିତ ତିଗିରିଆ ବ୍ଲକରେ ଚଳିତ ବର୍ଷ ଆଶାଠାରୁ ଢେର ଅଧିକ ବର୍ଷା ହେବା ସହ ତିଗିରିଆ ଦେଇ ଯାଇଥିବା ରେଙ୍ଗାଲି ଦକ୍ଷିଣ ପାଶ୍ୱର୍ କେନାଲରେ ନିୟମିତ ପାଣି ପ୍ରବାହିତ ହୋଇଥିବାରୁ ତିଗିରିଆ ବ୍ଲକର ସମୁଦାୟ ୪୯ଟି ରାଜସ୍ୱ ଗ୍ରାମରେ ଖରିଫ ଫସଲ ବିଶେଷ କରି ଧାନ ଫସଲ ଅତି ଭଲ ହୋଇଛି ଯାହାକି ଅମଳରେ ବିଶେଷ ପ୍ରଭାବ ପକାଇବ। ସେଥିନେଇ ତିଗିରିଆର କୃଷକଙ୍କ ମଧ୍ୟରେ ଆନନ୍ଦମୟ ପରିବେଷ ସୃଷ୍ଟି କରିଛି। ଚଳିତ ବର୍ଷ ତିଗିରିଆ ଅଞ୍ଚଳରେ ୩୪୦ରୁ ଊର୍ଦ୍ଧ୍ୱ ମିଲିମିଟର ବର୍ଷାର ରେକର୍ଡ ହୋଇଛି।



ଚଳିତ ବର୍ଷ ସ୍ୱାଭାବିକ ବର୍ଷା ଓ ରେଙ୍ଗାଲି କେନାଲ ଜଳ ପାଇଁ ସଂପ୍ରତି ୫୪୬୭ ହେକ୍ଟର ଚାଷଜମିରେ ହୋଇଥିବା ଧାନଚାଷ ହେକ୍ଟର ହେକ୍ଟର ଚାଷଜମି ଉପରେ ସବୁଜ ଚାଦର ଘୋଡେଇ ହେବା ପରି ଦୃଶ୍ୟମାନ ହୋଇଛି। ସୂଚନା ମୁତାବକ ଗତ ଅଗଷ୍ଟ ମାସରେ କୃଷି ପ୍ରଧାନ ତିଗିରିଆ ବ୍ଲକରେ ଉତ୍ତମ ପରିମାଣର ବର୍ଷା ହୋଇଛି। ଖରିଫ ଋତୁ ଆରମ୍ଭରୁ ଅନିୟମିତ ବର୍ଷା ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା ମାତ୍ର ଅଗଷ୍ଟ ମାସରେ ଲଘୁଚାପ ଜନିତ ବର୍ଷା ଚାଷୀମାନଙ୍କ ସମସ୍ତ ଅଭିମାନ ଭଞ୍ଜନ କରିଥିଲା। ଫଳରେ

### ଚଳିତ ଖରିଫରେ ଭଲ ବର୍ଷା

ବ୍ଲକର ସମସ୍ତ ଅଞ୍ଚଳରେ ଭଲ ଧାନଚାଷ ହୋଇଛି। ଅନ୍ୟପକ୍ଷରେ ତିଗିରିଆ ବ୍ଲକର ଅଚଳକୋଟ, ଭିରୁଡା, ନିଜିଗଡ, ପାଞ୍ଚଗାଁ, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ଜେମଦେଇପୁର, ଭୋଗଡା, ଗଦାଧରପୁର, ହାଟମାଳ, ବଡନାଉପୁଟ, ସୋମପଡା ପଞ୍ଚାୟତମାନଙ୍କରେ ଥିବା ରାଜସ୍ୱ ମୌଜାଗୁଡିକରେ ନିୟମିତ ତଥା ସ୍ୱାଭାବିକ ବୃଷ୍ଟିପାତ ଯୋଗୁଁ ସଂପୃକ୍ତ ଅଞ୍ଚଳମାନଙ୍କରେ ଭଲ ଧାନ ଚାଷ ହୋଇଛି। ତିଗିରିଆ ବ୍ଲକର ୫୪୬୭ ହେକ୍ଟର ଚାଷଜମିରେ ହୋଇଥିବା ଧାନ ଫସଲ ଧାନ ସବୁଜ ଚାଦର ପରି ଦୃଶ୍ୟମାନ ହେଉଛି। ତିଗିରିଆ ବ୍ଲକ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତ ବର୍ଷ ତିଗିରିଆ ତହସିଲ ଅଧୀନ ୪୯ଟିର ରାଜସ୍ୱ ମୌଜାରେ ମୋଟ ୫୪୬୭ ହେକ୍ଟର ଚାଷଜମି ଧାନ ଚାଷ ହୋଇଛି। ନିୟମିତ ତଥା ସ୍ୱାଭାବିକ ବର୍ଷା ସହିତ ରେଙ୍ଗାଲି କେନାଲ ବିଭିନ୍ନ ଜଳ ଉତ୍ସରୁ ଚାଷୀମାନେ ନିୟମିତ ବ୍ୟବଧାନରେ ନିଜ ନିଜର ବିଲବାଡିକୁ ପାଣି ମଡାଇ ନିଜ ପରିଶ୍ରମ ବଳରେ କୃଷି କାର୍ଯ୍ୟରେ ଲିପ୍ତ ଅଛନ୍ତି। ଫଳରେ ଚଳିତବର୍ଷ କୃଷି କ୍ଷେତ୍ରରୁ ଭଲ ଅମଳ ହେବାର ସମ୍ଭାବନା ରହିଛି।

# ଠିକାଦାରଙ୍କ ମର୍ଜିରେ ଚାଲିଛି ସେତୁ ନିର୍ମାଣ

ଭଦ୍ରେଶ୍ୱର, ୪।୯ (ସମିସ)



## ଗମନାଗମନରେ ଲୋକେ ହଟହଟା

ମାହାଙ୍ଗା ବ୍ଲକ ଅଞ୍ଚଳରେ ଏକ ସେତୁ ନିର୍ମାଣ ଠିକାଦାରଙ୍କ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବା କାରଣରୁ ସେତୁର ପୂର୍ଣ୍ଣାଙ୍ଗ ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ହେତୁ ଗମନାଗମନ ନିମନ୍ତେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ମାହାଙ୍ଗା ବ୍ଲକ ଖନ୍ଦୋଳଠାରୁ ଝାଡେଶ୍ୱରପୁର ଭାୟା ଉମର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଚିଙ୍ଗୁଡିଆ ମୁହଁ ପାଟନାଳି ଉପରେ ଏକ ସେତୁ ନିର୍ମାଣ କରାଯିବା ନିମନ୍ତେ ବିଗତ ସରକାର ୨ କୋଟି ୬୧ ଲକ୍ଷ ୫୧ ହଜାର ଟଙ୍କା ଅର୍ଥ ମଞ୍ଜୁର କରିଥିଲେ। ଏହି ସେତୁ ନିର୍ମାଣ ନିମନ୍ତେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପ ଜେନା ଗତ ଜାନୁଆରୀ ୬ ତାରିଖ ଦିନ ଏହି ସେତୁର ଶିଳାନ୍ୟାସ କରିଥିଲେ। ଠିକାଦାର ଗତ ନଭେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କଲେଣି। ୨୦୨୪ ନଭେମ୍ବର ମାସ ସୁଦ୍ଧା ଏହି ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା କଥା। ଇତି ମଧ୍ୟରେ ୪ ମାସ ଅତିକ୍ରମ ହୋଇସାରିଛି। ଠିକାଦାର ମନ୍ଥର ଗତିରେ ଓ ନିଜ ମର୍ଜିରେ ଏହି ସେତୁ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି। ତେବେ ଏହି ପାଟନାଳୀ ଉପରେ ସେତୁ ନିର୍ମାଣ ନିମନ୍ତେ ଠିକାଦାର ଖନନ କରିଥିଲେ ମଧ୍ୟ ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଏହି ସେତୁ ଖନନ ସ୍ଥାନରୁ ଠିକାଦାର ବେଆଇନଭାବେ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ମାଟି ଚାଲାଣ କରୁଥିଲା ବେଳେ ଗତ ଏପ୍ରିଲ ୮ ତାରିଖ ଦିନ ଝାଡେଶ୍ୱର ଗ୍ରାମର ପ୍ରଦୀପ୍ତ କୁମାର ବେହେରାଙ୍କ ଅଢେଇ ବର୍ଷର ପୁତ୍ର ପିୟୁଷ ଉପରେ ଟ୍ରାକ୍ଟର ଚଢି ଯାଇଥିଲା। ଫଳରେ ପିୟୁଷର ଅକାଳ ବିୟୋଗ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଭଦ୍ରେଶ୍ୱର ଥାନା ଘେରଉ କରିବା ସହ ରାସ୍ତା ଅବରୋଧ କରିଥିଲେ। ତେବେ ଏହି ସେତୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଓ ବିପଦସଂକୁଳ ଅବସ୍ଥାରେ ପଡ଼ି ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ସେତୁ ନିର୍ମାଣ କରାଯାଉ ନ ଥିବାରୁ ମାହାଙ୍ଗା ବ୍ଲକ ସହ ନିଶ୍ଚିନ୍ତକୋଇଲି ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅପରପକ୍ଷରେ ସେତୁ ନିର୍ମାଣ ଅବଧି ଶେଷ ହୋଇ ସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରୁ ନ ଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡ଼ିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସି ପାରୁନାହିଁ। ଏପରିକି ରୋଗାଗ୍ରସ୍ତ ଲୋକମାନେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନ ପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ଏହି ସେତୁ ପୂର୍ଣ୍ଣାଙ୍ଗ ହେଲେ ଏହାଦ୍ୱାରା ସ୍ଥାନୀୟ ଭଦ୍ରେଶ୍ୱର, ଗୋପାଳପୁର, ଉମର, ନାହାଙ୍ଗ, ନିଶ୍ଚିନ୍ତକୋଇଲି ବ୍ଲକର ସୁକରପଡ଼ା, କଟିକଟା, ଅସୁରେଶ୍ୱର, କଟରପଡ଼ା ପ୍ରଭୃତି ଅଞ୍ଚଳର ଲୋକେ ଗମନାଗମନ କ୍ଷେତ୍ରରେ ବହୁ ସୁବିଧା ସୁଯୋଗ ପାଇପାରିବେ। ତେବେ ଠିକାଦାର ଏହି ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନିମନ୍ତେ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବା କାରଣରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ଏହି ସେତୁ ପୂର୍ଣାଙ୍ଗ ନିମନ୍ତେ ବିଭାଗୀୟ ଯନ୍ତ୍ରୀ ମଧ୍ୟ କୌଣସି ଦୃଢ ପଦକ୍ଷେପ ଗ୍ରହଣ କରୁ ନ ଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି। ଅପରପକ୍ଷରେଏହି ସେତୁ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

# ଦେବୀଙ୍କ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ

ଚୌଦ୍ୱାର, ୪।୯ (ସମିସ): ମା ଦୁର୍ଗା ଓ ମହାଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ ପାଇଁ ପବିତ୍ର ସୁନିଆ ତିଥିରେ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଇଛି। କଳିଙ୍ଗ ଛକସ୍ଥିତ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ପାଇଁ କଳିଙ୍ଗ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର



ସାହୁଙ୍କ ପରିଚାଳନାରେ ସ୍ଥାନୀୟ ବିରୂପା ନଦୀକୂଳରୁ ନୂଆ ମାଟି ଅନୁକୂଳ କରାଯାଇଥିଲା। ପୂଜକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବିମଳ କୁମାର ବେଉରା, ରମେଶ ନାୟକ, ସଞ୍ଜୀବ ରାୟ, ହରିହର ବେହେରା, ସ୍ମୃତି ରଞ୍ଜନ ମହାପାତ୍ର, ସୁକାନ୍ତ ସାହୁ, ସରୋଜ ସ୍ୱାଇଁ, ସନ୍ତୋଷ ବାରିକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ମା' ଧୁମାବତୀ ଲକ୍ଷ୍ମୀପୂଜା କମିଟି ତରଫରୁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରବୀର ଜେନା, ରମେଶ ସାହୁ, ଚିତ୍ତରଞ୍ଜନ ସାହୁ, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ କର୍ମକର୍ତ୍ତା ବିରୂପା ନଦୀକୂଳରେ ମାଟି ଅନୁକୂଳ କରିଥିଲେ। ଅନୁରୂପ ଭାବେ ଓଟିଏମ୍ ଦୁର୍ଗାବଜାର ସମେତ ଚୌଦ୍ୱାରର ସମସ୍ତ ମେଢ଼ ମଣ୍ଡପ ତରଫରୁ ମାଟି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଛି।

# ପ୍ରତାପନଗରୀ ଦୁର୍ଗାପୂଜା ମାଟି ଅନୁକୂଳ

ଫୁଲନଖରା, ୪।୮ (ସମିସ): କଟକ ସଦର ଥାନା ଅଧୀନ ମନ୍ଦିର ମାଳିନୀ ଗ୍ରାମ ପ୍ରତାପନଗରୀ ଗ୍ରାମରେ ଥିବା ପ୍ରତାପନଗରୀ ଦୂର୍ଗା ପୂଜା କମିଟି ପକ୍ଷରୁ ଆଜି ମାଟି ଅନୁକୂଳ କରାଯାଇଛି। ପବିତ୍ର ବାମନ ଜନ୍ମ ଦ୍ୱାଦଶୀ ତିଥି ତଥା ଗଜପତି ମହାରାଜାଙ୍କ ନୂତନ ଅଙ୍କ ପ୍ରବେଶ ତିଥିରେ କମିଟି ପକ୍ଷରୁ ପ୍ରଥମେ ପୂଜାମଣ୍ଡପରେ ହୋମ ଯଜ୍ଞ ପରେ ମା'ଧାକୁଲେଇ ମନ୍ଦିର ନିକଟ କୁଆଖାଇ ନଦୀ ପଠାରୁ ପୂଜା କରାଯିବା ପରେ ମାଟି ଅନୁକୂଳ ହୋଇ ଏକ ବିରାଟ ଶୋଭାଯାତ୍ରାରେ ମଣ୍ଡପ ନିକଟରେ ପହଞ୍ଚିଥିଲେ। ମୁଖ୍ୟ କର୍ତ୍ତା ଭାବେ ମରୁତ ସ୍ୱାଇଁ ଓ ବ୍ରଜ କିଶୋର ଜେନା କାର୍ଯ୍ୟ ତୁଲାଇଥିବାବେଳେ ମୁଖ୍ୟପୂଜକ ଭାବେ ଦେବେନ୍ଦ୍ର ପାଢ଼ୀ, ରବି ନାରାୟଣ ଦାଶ, କୃଷ୍ଣପ୍ରସାଦ ପାଢ଼ୀ, ଧ୍ରୁବଚରଣ ପତି ପ୍ରମୁଖ ପୂଜା ପାଠ କରିଥିବାବେଳେ ମା'ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ସହସମ୍ପାଦକ ବାଦଲ ଜେନା, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ଦୁର୍ଗାପୂଜା କମିଟି ସଭାପତି ନାରାୟଣ ରାଉତ, ଉପସଭାପତି ବିକ୍ରମ ରାଉତ, ସମ୍ପାଦକ ରଞ୍ଜିତ ସ୍ୱାଇଁ (କୁନୁ), ସହସମ୍ପାଦକ ଶିବୁନ ସେନାପତି, କୋଷାଧ୍ୟକ୍ଷ ସୋମନାଥ ଜେନା, ଅରୁଣ ରାଉତ, ନୁର ରାଉତ, ଆଶିଷ ଜେନା, ଶ୍ରୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ।



# ସଂଗଠନ ଶ୍ରୀଜନ ଅଭିଯାନରେ କର୍ମୀଙ୍କ ସହ ଆଲୋଚନା

କଟକ, ୪।୯ (ସମିସ): କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ଆଜି ଦ୍ୱିତୀୟ ଦିନରେ ମଧ୍ୟ ସଂଗଠନ ଶ୍ରୀଜନ ଅଭିଯାନ



ଜରିଆରେ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ ତୃଣମୂଳସ୍ତରରୁ ମତାମତ ସଂଗ୍ରହ କରିଛନ୍ତି। ଆଜି କଟକ ନଗର କଂଗ୍ରେସର ବ୍ଲକ-୧, ବ୍ଲକ-୨ ଓ ବ୍ଲକ-୩ ଅନ୍ତର୍ଗତ ୨୦ଟି ୱାର୍ଡର ସମସ୍ତ ବରିଷ୍ଠ କଂଗ୍ରେସ ନେତା, କର୍ପୋରେଟର, ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ୱାର୍ଡ ସଭାପତି, ପୂର୍ବତନ ୱାର୍ଡ ସଭାପତି, ୱାର୍ଡ ମହିଳା କଂଗ୍ରେସ ସଭାନେତ୍ରୀ, ୱାର୍ଡ ଯୁବ କଂଗ୍ରେସ ସଭାପତି, ୱାର୍ଡ ଛାତ୍ର ସଭାପତି, କଂଗ୍ରେସ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କ ସହ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଭେଟି ଆଲୋଚନା ଓ ମତାମତ ଗ୍ରହଣ କରିଛନ୍ତି। ଆସନ୍ତାକାଲି ମଧ୍ୟ ବ୍ଲକ ୭, ବ୍ଲକ ୮ ଓ ବ୍ଲକ ୯ କଂଗ୍ରେସ ଅନ୍ତର୍ଗତ ସମସ୍ତ ୱାର୍ଡ ଲୋକଙ୍କ ସହିତ ଭେଟି ଆଲୋଚନା କରିବେ। ଏଥିରେ ପିସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅଟଳ ଫେଷ୍ଟ ପ୍ରସ୍ତୁତି

କଟକ, ୪।୯ (ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ଏକ ଅନନ୍ୟ କାର୍ଯ୍ୟକ୍ରମ 'ଅଟଳ ଫେଷ୍ଟ ଓ ଅଟଳ ଓଡ଼ିଶା ଆଇକନ୍ ଆୱାର୍ଡ-୨୫' ଆୟୋଜନ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୬ରୁ ଆରମ୍ଭ ହୋଇ ସାରିଥିବା ବେଳେ ଅକ୍ଟୋବର ୨୬ ତାରିଖରେ ଶେଷ ହେବ ବୋଲି ପୂର୍ବତନ କର୍ପୋରେଟର ବିଜେପି ନେତା ତଥା ଅଟଳ ସ୍ମୃତି କମିଟିର ପ୍ରତିଷ୍ଠାତା ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ହେବ। ୫ ତାରିଖ ମହିଳା ସମାବେଶ (ଏସଏଚଜି) ଓ ପ୍ରତିଯୋଗିତା, ୬ରେ ଆଶା ଦିଦି ସମାବେଶ ଓ ପ୍ରତିଯୋଗିତା, ୭ରେ ଅଙ୍ଗନବାଡି ଦିଦି, ସ୍ୱଚ୍ଛ ସାଥୀ ସମାବେଶ ଓ ପ୍ରତିଯୋଗିତା, ୧୪ରେ ରକ୍ତଦାନ ଶିବିର, ୨୧ରେ ଚାରାରୋପଣ କାର୍ଯ୍ୟକ୍ରମ, ୧୨ ଅକ୍ଟୋବରରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଅଟଳ ଓଡ଼ିଶା ଆଇକନ୍ ଆୱାର୍ଡ ସମାରୋହରେ ପୁରସ୍କୃତ କରାଯିବ। ସେହିପରି ଉପରୋକ୍ତ ସମାରୋହରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୮ ଜଣ ଶ୍ରେଷ୍ଠ ଓଡିଆ ଓ ୨ ଜଣ ଶ୍ରେଷ୍ଠ ଭାରତୀୟ ପ୍ରତିଭାଙ୍କୁ ଅଟଳ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯିବ। ପ୍ରତିଭାଙ୍କୁ ସାହିତ୍ୟ, କ୍ରୀଡା, ସମାଜସେବା ବାଣିଜ୍ୟ, କଳା, ସଂସ୍କୃତି, ସ୍ୱାସ୍ଥ୍ୟସେବା ଓ କୃଷି ଆଦି କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ଅନୁଷ୍ଠାର ଅଟଳ ସ୍ମୃତି କମିଟିର ସଭାପତି ପ୍ରହଲ୍ଲାଦ ଖଣ୍ଡେଲୱାଲ, ସାଧାରଣ ସମ୍ପାଦକ କିଶୋର ମହାନ୍ତି, ରଶ୍ମିତା ମିଶ୍ର, ଗୀତା ଦାଶ, ଗୀତାଞ୍ଜଳି ବେହୁରା, ଚନ୍ଦ୍ରଶେଖର ବିଶ୍ୱାଳ, ସ୍କନ୍ଦନ ମହାନ୍ତି, ବିଜୟ ମହାରଣା, ସୁମନ୍ତ ସାହୁ, ପୁଷିତା ମହାପାତ୍ର, ସଦାନନ୍ଦ ବିଶ୍ୱାଳ, ଜଗଦାନନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ।

# ସ୍ୱର୍ଣ୍ଣ ପଦକ ବିଜେତା ରଶ୍ମିତାଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

ଚୌଦ୍ୱାର, ୪।୯ (ସମିସ): ଜଗତପୁରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ)ର ଜଳକ୍ରୀଡ଼ା ଛାତ୍ରୀ ଚୌଦ୍ୱାରର ରଶ୍ମିତା ସାହୁ ଜାତୀୟସ୍ତର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ସ୍ଥାନୀୟ



ବିଧାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ବିଧାୟକ ସୌଭିକ୍ ବିଶ୍ୱାଳ ଜଗତପୁର ଆଇବି ରୋଡସ୍ଥିତ ସାଇ ଛାତ୍ରୀ ନିବାସରେ ପହଞ୍ଚି ରଶ୍ମିତାଙ୍କୁ ଭେଟି ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମ ଅର୍ଜନ କରିବା ପାଇଁ ସେ ରଶ୍ମିତାଙ୍କୁ ପ୍ରେରଣା ଦେଇଥିଲେ। ଶ୍ରୀନଗରର ଡାଲ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡଆ ନୌକା ମହୋତ୍ସବର ୧୦୦ ଓ ୨୦୦ ମିଟର କାନୋଇଙ୍ଗ-୧ ଜଳକ୍ରୀଡା ପ୍ରତିଯୋଗିତାରେ ରଶ୍ମିତା ୨ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, ୱାର୍ଡ ସଭାପତି ନବକିଶୋର ସ୍ୱାଇଁ, କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ଛାତ୍ର ସଭାପତି ଭରତ ସାହୁ, ବିଷ୍ଣୁଚରଣ ସାହୁଙ୍କ ସମେତ ସାଇ ହଷ୍ଟେଲର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

● ଗଣେଶ ଭସାଣରେ ଅଘଟଣ

# ବିଦ୍ୟୁତ କରେଣ୍ଟ ଲାଗି ବାଦ୍ୟକାର ଆହତ

ଆଠଗଡ଼, ୪।୯ (ସମିସ): ଆଠଗଡ଼ ଏନଏସି ଅଞ୍ଚଳ କନ୍ତୋଲରେ ଗଣେଶ ମୂର୍ତ୍ତି ଭସାଣୀ ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଦ୍ୟକାର ଆହତ ହୋଇଥିବା ଜଣାପଡ଼ିଛି। ଗଣେଶ ଭସାଣୀରେ ତାଙ୍କୁ ବାଦ୍ୟ ପରିବେଶିତ ହେଉଥିଲା। ଟ୍ରଲି ଉପରେ ବାଦ୍ୟକାର ବାଦ୍ୟ ପରିବେଷଣ କରୁଥିବା ସମୟରେ କରେଣ୍ଟ ଲାଗି ଢେଙ୍କାନାଳ ଅଞ୍ଚଳର ମାନସ ବେହେରା (୨୭) ତଳେ ପଡ଼ି କ୍ଷତାକ୍ତ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାନସଙ୍କ ବ୍ୟତିତ ଅନ୍ୟ ୨ଜଣ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ।

# କଲେଜରେ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର



ସାଲେପୁର, ୪।୯ (ସମିସ): ସାଲେପୁର ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି ଅନୁଷ୍ଠାନ ପରିସରରେ ଆଜି ଏକ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଅଗ୍ନିଶମ ବିଭାଗର ଅଫିସର କର୍ମକର୍ତ୍ତାମାନେ ଯୋଗଦାନ କରି ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ବିପଦ ସମୟରେ କିପରି ଭାବରେ ଅଗ୍ନି ବିଭୀଷିକାକୁ ନିୟନ୍ତ୍ରଣ କରି ସୁରକ୍ଷିତ ବ୍ୟବସ୍ଥା ଗ୍ରହଣ କରି ହୁଏ ସେ ସମ୍ପର୍କରେ ଏକ ଆଲୋଚନା ଚକ୍ର ସହିତ ନିଆଁ ଲିଭାଇବା ଯନ୍ତ୍ର ଓ ପ୍ରଣାଳୀକୁ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡ. ସୁକାନ୍ତ ବେହେରା, ଡ. ସୁଜିତ ଦାଶ, ମନୋରଞ୍ଜନ ଶତପଥି, ନରେନ୍ଦ୍ର ମିଶ୍ର, ମହେନ୍ଦ୍ର ପାତ୍ର, ଅକ୍ଷୟ ମୋହନ ନାୟକ, ସୂର୍ଯ୍ୟନାରାୟଣ ଭୂୟାଁ, ରୁଦ୍ରସାଗର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା

ଟାଙ୍ଗୀ, ୪।୯ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ କନ୍ଦରକଣାସ୍ଥିତ ଆଦର୍ଶ ବିଦ୍ୟାଳୟ ଆନୁକୂଲ୍ୟରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି।



ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ମିନି ଫିଲିପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ବିଚାରପତି ଭାବେ ଟାଙ୍ଗୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ବିଭୂତି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ୪୩ଟି ବିଜ୍ଞାନ ପ୍ରକଳ୍ପ ଓ ୧୧ଟି ଗଣିତ ପ୍ରକଳ୍ପ ପରିଦର୍ଶନ କରି ବରିଷ୍ଠ ଓ କନିଷ୍ଠ ବିଭାଗର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ସୁନିଆଁ ଅବସରରେ ମାଟି ଅନୁକୂଳ

ସାଲେପୁର, ୪।୯ (ସମିସ): ଆଜି ପବିତ୍ର ସୁନିଆଁ ତିଥି ଅବସରରେ ବିଭିନ୍ନ ଦୁର୍ଗାପୂଜା



କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ମା'ଦଶଭୂଜାଙ୍କର ମାଟି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଧପୁର ଶାରଳା ପୂଜା କମିଟି, ମାଛୁଆଟି ଦୁର୍ଗାପୂଜା କମିଟି, ଲୁଣାହାର ହାଟଦୁର୍ଗା ପୂଜା କମିଟି, ବେଲହୁଡ଼ା ଦୁର୍ଗାପୂଜା କମିଟି, ଜପକୁଦ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇ ପବିତ୍ର ସୁନିଆଁ ତିଥି ପ୍ରଭୁ ବାମନଙ୍କ ଜନ୍ମତିଥି ଅବସରରେ ମା'ଙ୍କର ମାଟିଉଠା ରୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ନିଷ୍ଠାର ସହ ଉପସ୍ଥିତ ରହି ଏହି ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ପ୍ରଦାନ



କଟକ, ୪।୯ (ସମିସ): ଆଜି କଟକ ମହାନଗର ନିଗମ ୨୪ ନମ୍ବର ୱାର୍ଡ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ଉଦ୍ୟମରେ ହରିପୁର ସାହିର ଦିବ୍ୟାଙ୍ଗ ନାରାୟଣ ବେହେରାଙ୍କୁ କଟକ ମହାନଗର ନିଗମ ତରଫରୁ ଟ୍ରାଇ ସାଇକଲ ଓ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହି ଅବସରରେ ଏସଆଇଓ ସ୍ୱାତି ମିଶ୍ର, ସିଇଓ ଅଳକା ସିଂ ଓ ଶୁଭ୍ରା ପ୍ରିୟଦର୍ଶିନୀ ମିଶ୍ରଙ୍କ ଉପସ୍ଥିତି ରହିଥିଲେ। କର୍ପୋରେଟରଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହିତ ଦିବ୍ୟାଙ୍ଗ ନିରାୟଣ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଗଣେଶ ଭସାଣି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ

ଭଦ୍ରେଶ୍ୱର, ୪।୯ (ସମିସ): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କୋଠପଡ଼ାସ୍ଥିତ ପ୍ରସିଦ୍ଧ ରଘୁନାଥଜୀୟୁ ମଠ ପରିସରରେ ହୋଇଥିବା ପ୍ରଭୁ ଗଣେଶଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି। ଗ୍ରାମର ଉତ୍ସାହୀ ଯୁବକମାନେ ଏକତ୍ରିତ ହୋଇ ଏହି ପୂଜା କରିଥିଲେ। ପୂଜା ପରେ ଭସାଣୀ ଉତ୍ସବ ଆୟୋଜନ କରାଯାଇଥିଲା। କୋଠପଦା ମଠ ସାହିରୁ ପ୍ରଭୁ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ବଜାର ବନଗୁରିଆ ବାନାବଟଙ୍କ ପୀଠ ଦେଇ ବଢେଇ ସାହି ପର୍ଯ୍ୟନ୍ତ ଏକ ବିରାଟ ସୁସଜ୍ଜିତ ଶୋଭାଯାତ୍ରାରେ ନିଆଯାଇଥିଲା। ନାଚଗୀତ ଓ ବାଜାବାଣର ତାଳେ ତାଳେ ଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସ୍ଥାନୀୟ କେନାଲରେ ପ୍ରତିମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ସ୍ଥାନୀୟ ରଘୁନାଥଜୀଉ ମଠ ପରିସରରେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ମାହାଙ୍ଗା ଥାନା ପୁଲିସ ଓ ସ୍ଥାନୀୟ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

## ଭରସା ହରାଉଛି ଚୌଦ୍ୱାର ଥାନା

# ସ୍ୱଷ୍ଟ ଦିବାଲୋକରେ ବଢୁଛି ଚୋରି

ଚୌଦ୍ୱାର, ୪।୯ (ସମିସ)




ଚୌଦ୍ୱାର ଅଞ୍ଚଳରେ ଚୋରି ରାହାଜାନି, ଡକାୟତି ଆଦି ବଢ଼ିବାରେ ଲାଗିଛି। ଏପରିକି ସ୍ୱଷ୍ଟ ଦିବାଲୋକରେ ଘରୁ କଳାକନା ବୁଲାଉଥିଲେ ମଧ୍ୟ ପୁଲିସ ସେମାନଙ୍କୁ ରୋକିବାରେ ବିଫଳ ହୋଇଛି। ସ୍ଥାନୀୟ ପୁଲିସର ଅପାରଗତା ଯୋଗୁଁ ଦିନକୁ ଦିନ ଏହି ଅଞ୍ଚଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଚୌଦ୍ୱାର ଥାନା ଅନ୍ତର୍ଗତ ବକ୍ରକୋଟ ଗ୍ରାମର ପ୍ରତାପ ଦାସଙ୍କ ଘରୁ ଗଡ଼ରେଜରେ ଥିବା ୫୨ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପ୍ରତିଦିନ ଭଳି ଆଜି ସକାଳେ ପ୍ରାୟ ୭ଟା୩୦ମିନିଟ ସମୟରେ ଶ୍ରୀ ଦାସ ଘରୁ ପାଖ ଚଣ୍ଡୀ ବଜାରକୁ ଚା ପିଇବାକୁ ଯାଇ ଘରକୁ ଫେରି ଦେଖିବା ବେଳକୁ ଘର ଗଡ଼ରେଜ ଖୋଲା ଅଛି। ସେ ଗଡ଼ରେଜରେ ରଖିଥିବା ୫୨ ହଜାର ଟଙ୍କା ଉଭାନ ହୋଇଯାଇଥିବା ଜାଣିଥିଲେ। ଏହାପରେ ଚୌଦ୍ୱାର ଥାନାରେ ଶ୍ରୀ ଦାସ ଅଭିଯୋଗ କରିଥିଲେ। ଏହି ଟଙ୍କାକୁ ଶ୍ରୀ ଦାସ ଜମି ବିକ୍ରି କରି ରଖିଥିବା କହିଛନ୍ତି। ପୁଲିସ ତଦନ୍ତ କରି ଜାଣିଥିଲା ଯେ କିଛି ଲୋକ ଭିକ୍ଷା ମାଗିବା ପାଇଁ ଯାଇ ତାଙ୍କ ଘରୁ ଚୋରି କରି ଗାଁରେ ଥିବା ଏକ ଅଟୋ ଭଡ଼ା କରି କଟକ ଷ୍ଟେସନ ଅଭିମୁଖେ ଯାଇଥିଲେ। ତେବେ ଉକ୍ତ ଅଟୋବାଲାକୁ ପୁଲିସ ନେଇ କଟକ ଷ୍ଟେସନ ଯାଇ ସେଠାରେ ଜଣେ ପୁରୁଷ ଓ ୨ଜଣ ମହିଳାଙ୍କୁ ଧରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯିବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ମାତ୍ର ଏନେଇ ପୁଲିସ କୌଣସି ସ୍ୱଷ୍ଟ ସୂଚନା ଦେଇନାହିଁ। ତେବେ ଚୌଦ୍ୱାର ଅଞ୍ଚଳରେ ଏଭଳି ବାରମ୍ବାର ଅପରାଧିକ ଘଟଣା ଘଟୁଥିବାବେଳେ ପୁଲିସର ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତିରେ ପିସିଆର ଭ୍ୟାନ ଓ ଥାନାଗାଡ଼ିରେ କିଛି ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଦୋକାନ ବଜାର ତଥା ରାଜପଥରେ ଯାଉଥିବା ଯାନବାହନରୁ ନାଲି ଆଖି ଦେଖାଇ ଅର୍ଥ ଆଦାୟ କରିବା ଓ ଚୋରା ଚାଲାଣକୁ ଅଣଦେଖା କରୁଥିବାବେଳେ ଚୋରି ଡକାୟତି ବଢ଼ିବାରେ ଲାଗିଛି। ବିଶେଷ କରି ଏହି ଅଞ୍ଚଳରେ କିଛି ଅଜଣା ଲୋକ ଆସି ଅସ୍ଥାୟୀ ଭାବେ ବସବାସ କରୁଥିବାବେଳେ ଚୋରି ଆଦି ବିଭିନ୍ନ ଅପରାଧ ଘଟାଉଛନ୍ତି। ତେବେ ପୁଲିସ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଗତ ୧ତାରିଖ ଦିନ ଦ୍ୱିପ୍ରହରରେ ଚାରବାଟିଆ ବଜାରୁ ଗୁରୁଡ଼ିଝାଟିଆ ଅଞ୍ଚଳର ବୈକୁଣ୍ଠ ରାଉତଙ୍କ ସ୍କୁଟି ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଚୋରି ହୋଇଥିବାବେଳେ ଆଜି ଏଭଳି ଘଟଣାର ପୁନରାବୃତ୍ତି ଘଟିବା ଚୌଦ୍ୱାର ଥାନା ଉପରେ ଲୋକଙ୍କ ଭରସା ତୁଟୁଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ ● ପାଉଣ୍ଡ ୧୧୮.୫୪
- ୟୁରୋ ୧୦୨.୭୧ ● ୟେନ୍ ୦.୫୯



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୮,୦୫୦ (ନୂଆଦିଲ୍ଲୀ)
- ରୁପା : ୧,୨୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୮.୦୦
- ନିଫ୍ଟି ୨୪,୭୩୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଜିଏସ୍‌ଟି 'ଡେଟ୍-ଲାଇନ୍' ଡ୍ରାମା

ନୂଆଦିଲ୍ଲୀ,୪।୯ (ଏଜେନ୍ସି)



ବୁଧବାର ଜିଏସ୍‌ଟି ପରିଷଦ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କିଛି ବଡ଼ ଘୋଷଣା କରିଥିଲେ। ଜିଏସ୍‌ଟିର ୪ ସ୍ଲାବ୍‌କୁ ଉଚ୍ଛେଦ କରି ୨ ସ୍ଲାବ୍ ର ଏକ ନୂତନ ବ୍ୟବସ୍ଥା ଲାଗୁ କରାଯିବ। ନିଷ୍ପତ୍ତି ଅନୁଯାୟୀ, ନୂତନ ଜିଏସ୍‌ଟି ହାର ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ। ଏପରି ପରିସ୍ଥିତିରେ, ଅନେକ ଲୋକଙ୍କ ମନରେ ଏକ ପ୍ରଶ୍ନ ଯେ ଦୋକାନରେ ପୂର୍ବରୁ ରଖାଯାଇଥିବା ସାମଗ୍ରୀ ଉପରେ ନୂତନ ହାର ଅନୁସାରେ ଗ୍ରାହକ ରିହାତି ପାଇବେ କି ନାହିଁ? ଏହାର ଉତ୍ତର ହେଉଛି ଯେ ସରକାରଙ୍କ ନିଷ୍ପତ୍ତିର ଅର୍ଥ ହେଉଛି ଦୋକାନରେ ପୂର୍ବରୁ ରଖାଯାଇଥିବା ସାମଗ୍ରୀ ଉପରେ ମଧ୍ୟ ନୂତନ ହାର ଲାଗୁ ହେବ। ସାମଗ୍ରୀ ପୁରୁଣା ହେଉ କି ନୂତନ, ସମସ୍ତ ଉପରେ ନୂତନ ହାର ଲାଗୁ ହେବ।

ସରକାର ୧୨ ଏବଂ ୨୮ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରିଛନ୍ତି। ଏବେ ଅଧିକାଂଶ ଜିନିଷ ୫ଏବଂ ୧୮ ପ୍ରତିଶତ ସ୍ଲାବ୍ ରେ ଆସିବ। କିଛି ବିଶେଷ ଜିନିଷ ଉପରେ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ସ୍ଲାବ୍ ଲାଗୁ ହେବ। ଏହା ଦୋକାନରୁ ପୁରୁଣା ଷ୍ଟକ୍ ହଟାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବ। ସେପ୍ଟେମ୍ବର ୨୨ ରୁ ଦୋକାନୀମାନଙ୍କୁ ନୂତନ ଟିକସ ହାର ଅନୁସାରେ ସେମାନଙ୍କର ବିଲ୍ କରିବାକୁ ପଡିବ। ଏବେ ଧରାଯାଉ ଏପରି କିଛି ଏକ ଦୋକାନ ରହିଛି ଯେଉଁଠାରେ ଫ୍ରିଜ୍, ଟିଭି ଏବଂ କୁଲର୍ ଭଳି ସାମଗ୍ରୀ ବିକ୍ରି ହୁଏ। ସେପ୍ଟେମ୍ବର ୨୨ରୁ, ଏହି ସମସ୍ତ ସାମଗ୍ରୀ ଉପରେ ବିକ୍ରେତାଙ୍କୁ ନୂତନ ଜିଏସ୍‌ଟି ହାର ଲାଗୁ କରିବାକୁ ପଡିବ।

ଗୋଦରେଜ୍ ଆପ୍ଲାଏନ୍ସର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ କମଲ ନନ୍ଦୀ କହିଛନ୍ତି, ସେପ୍ଟେମ୍ବର ୨୨ରୁ ନୂତନ ଜିଏସ୍‌ଟି ହାର ଅନୁଯାୟୀ ବିଲିଂ କରାଯିବ। ଦୋକାନୀ କିମ୍ବା ଡିଲରଙ୍କ ଦ୍ୱାରା ହୋଇଥିବା କ୍ଷତିକୁ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ମାଧ୍ୟମରେ ପୂରଣ କରାଯାଇପାରିବ। ଏହାର ଅର୍ଥ ହେଉଛି ଯେ ଦୋକାନୀମାନେ ଆଇଟିସି ମାଧ୍ୟମରେ କିଛି ଆଶ୍ୱସ୍ତି ପାଇପାରିବେ। ଆଇଟିସି ହେଉଛି ଏକ ପ୍ରକାରର କ୍ରେଡିଟ୍ ଯାହା ସେମାନଙ୍କୁ ଟିକସ ଦେବାରେ ସାହାଯ୍ୟ କରେ।

ଏହାବାଦ୍ ଜିଏସ୍‌ଟି ପରିଷଦ ବୁଧବାର ସର୍ବସମ୍ମତିକ୍ରମେ ଟିକସ ହାରରେ ବ୍ୟାପକ ସଂସ୍କାରକୁ ମଞ୍ଜୁର କରିଛି। ଏବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମାଶୁଳ୍କ ବୋର୍ଡ (ସିବିଆଇସି) ଏବେ ସଫ୍ଟୱେର୍ ଅପ୍‌ଗ୍ରେଡ୍ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏ ସମ୍ପର୍କରେ ଗୁରୁବାର ସିବିଆଇସି ଅଧ୍ୟକ୍ଷ ସଞ୍ଜୟ କୁମାର ଅଗ୍ରୱାଲ କହିଛନ୍ତି ଯେ, ଆମ ପାଖରେ ଉପଲବ୍ଧ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ନୂତନ ଟିକସ ଏବଂ ନୂତନ ଆରମ୍ଭ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବାକୁ ପଡିବ। ଜିଏସ୍‌ଟି ବିଭାଗ ପୂର୍ବରୁ ଶିଳ୍ପ ସହିତ ଯୋଗାଯୋଗ କରିସାରିଛି ଏବଂ ସେମାନଙ୍କୁ ସୂଚିତ କରିଛି ଯାହା ଦ୍ୱାରା ସେମାନେ ସେମାନଙ୍କର ଟିକସ ସମ୍ବନ୍ଧୀୟ ବ୍ୟବସ୍ଥାକୁ ମଧ୍ୟ ଆଗକୁ ନେଇପାରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ଯେଉଁ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରାଯାଇଛି ସେମାନଙ୍କ ଉପରେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ସଂଗ୍ରହ ବିଷୟରେ ଚିନ୍ତା କରିବା ଆବଶ୍ୟକ ନାହିଁ। ସେମାନେ ଏହି ସଂଗୃହିତ ଆଇଟିସି ବ୍ୟବହାର କରି ଟିକସ ଦେଇପାରିବେ।

- ସେପ୍ଟେମ୍ବର ୨୨ରୁ ନୂତନ ଟିକସ ହାର
- ପୁରୁଣା ସାମଗ୍ରୀ ଉପରେ ରିହାତିକୁ ନେଇ ଦ୍ୱନ୍ଦ
- ସଫ୍ଟୱେର୍ ଅପ୍‌ଗ୍ରେଡ୍ କରୁଛି ସିବିଆଇସି

**ଅଜବ ଜିଏସ୍‌ଟି ବ୍ୟବସ୍ଥା**

# ସୁନା କିଣାରେ ୩%, ଗଢ଼ା ମଜୁରୀରେ ୫%

ନୂଆଦିଲ୍ଲୀ,୪।୯ (ଏଜେନ୍ସି)

ଜିଏସ୍‌ଟି ସଂସ୍କାର ଅଧୀନରେ କେନ୍ଦ୍ର ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଏହି ଅନୁଯାୟୀ, ଅତ୍ୟାବଶ୍ୟକୀୟ ଘରୋଇ ସାମଗ୍ରୀଗୁଡ଼ିକୁ ୫% ଟିକସ ପରିସରକୁ ଅଣାଯାଇଛି କିମ୍ବା ସେଗୁଡ଼ିକୁ ଜିଏସ୍‌ଟି ମୁକ୍ତ କରାଯାଇଛି। କିନ୍ତୁ ଏପରି ଉତ୍ପାଦ ମଧ୍ୟ ଅଛି, ଯାହା ଉପରେ ଜିଏସ୍‌ଟି ୫%ରୁ କମ୍ କିନ୍ତୁ ଶୂନ୍ୟରୁ ଅଧିକ ରଖାଯାଇଛି। ସୁନାର ମୂଲ୍ୟ ଉପରେ ଜିଏସ୍‌ଟି ୩% ରଖାଯାଇଥିବାବେଳେ ମେକିଂ ଚାର୍ଜ ବା ଗଢ଼ା ମଜୁରୀ ଉପରେ ପୂର୍ବରୁ ୫% ଜିଏସ୍‌ଟି ଲାଗୁ ବ୍ୟବସ୍ଥା ରହିଛି। ବଜାର ବିଶେଷଜ୍ଞମାନେ ଆଶଙ୍କା କରୁଥିଲେ ଯେ, ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ଜିଏସ୍‌ଟି ବୃଦ୍ଧି ପାଇବ,କିନ୍ତୁ ସେମିତି କିଛି ହୋଇନାହିଁ। ଯାହା ଫଳରେ ନୂତନ ସ୍ଲାବ୍ ଘୋଷଣା ପରେ ସୁନାର ମୂଲ୍ୟ ହ୍ରାସ ପାଇଛି। ବିଶେଷଜ୍ଞଙ୍କ ମତରେ ସୁନା ମୂଲ୍ୟ ଉପରେ ଜିଏସ୍‌ଟି ପୃଥକ ଭାବରେ ଲାଗୁ ହୁଏ। କାରଣ ଏହା ଆମଦାନୀ ହୋଇଥାଏ। ସୁନାର ଉଚ୍ଚ ମୂଲ୍ୟ ଯୋଗୁଁ ଏହା ଉପରେ ଜିଏସ୍‌ଟି କମ୍ ରଖାଯାଇଛି। କିନ୍ତୁ ସୁନା ଅଳଙ୍କାର ତିଆରି ଆମ ଦେଶରେ ହିଁ କରାଯାଏ। ତେଣୁ ତାହାର ଗଢ଼ା ମଜୁରୀ ଉପରେ ଜିଏସ୍‌ଟି ପୃଥକ ଭାବରେ ଲାଗୁ ହୁଏ।

# ୧୫ରେ ଡ୍ରିମ୍ସରେ ପୂଜ୍ୟପୂଜା ସମାରୋହ

କଟକ, ୪।୯ (ସମିସ): ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭାସମ୍ପନ୍ନଙ୍କୁ ' ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ ଲାଗି ମନୋନୀତ କରାଯାଇଛି । ସେମାନେ ହେଲେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶିଷ୍ଟ ସଂସ୍କୃତ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗବେଷଣାରେ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, କଳା-ସଂସ୍କୃତିରେ ବିଶିଷ୍ଟ ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା କୁନା ତ୍ରିପାଠୀ, ସେବା କ୍ଷେତ୍ରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ କ୍ରୀଡା କ୍ଷେତ୍ରରେ ବିଶିଷ୍ଟ ହକି ଖେଳାଳୀ ତଥା ଅଲମ୍ପିଆନ୍ ସୁଶ୍ରୀ ଲିଲିମା ମିଞ୍ଜ୍ । ସେମାନଙ୍କୁ ପୁରସ୍କାର ସ୍ୱରୂପ ଉପଢୌକନ, ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଚଳିତମାସ ୧୫ ତାରିଖ ସୋମବାର ପୂର୍ବାହ୍ନ ୧୧ଟାରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟ ତିଥି ଅବସରରେ ଟାଙ୍ଗୀ (କଟକ) ସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ 'ପୂଜ୍ୟ ପୂଜା ସମାରୋହ-୨୦୨୫'ରେ ଏହି ସମ୍ମାନ ପ୍ରଦାନ କରାଯିବ। ଚିନ୍ମୟ ମିଶନର ବିଶିଷ୍ଟ ସନ୍ଥ ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି ।

**୫ ପ୍ରତିଭାଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ**

# ବେଦାନ୍ତ ଆଲୁମିନିୟମ୍‌ର ଭେଦକ୍ଷତା ତାଲିମ୍ କେନ୍ଦ୍ର



ଭୁବନେଶ୍ୱର, ୪।୯ (ସମିସ)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ସୁନ୍ଦରଗଡ଼ର ବିଲେଇମୁଣ୍ଡା ଗ୍ରାମରେ ଏହାର ପ୍ରମୁଖ ଭେଦକ୍ଷତା ତାଲିମ କେନ୍ଦ୍ର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ୮୭ ଜଣ ଯୁବପିଢ଼ି ଭାରତର ବିଭିନ୍ନ ପ୍ରତିଷ୍ଠିତ ସଂଗଠନରେ ନିଯୁକ୍ତି ପାଇଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ ଜନିତ ଦକ୍ଷତା ସହିତ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ୨୦୨୪ ଡିସେମ୍ବରରେ ଆରମ୍ଭ ହୋଇଥିବା ଭେଦକ୍ଷତା ଅଭିଯାନ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍, ଜାତୀୟ ଦକ୍ଷତା ବିକାଶ ନିଗମ ଏବଂ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡର ମିଳିତ ଉଦ୍ୟମରେ କାର୍ଯ୍ୟର୍ଯ୍ୟକାରୀ ହୋଇଛି।

ଏହି କେନ୍ଦ୍ର ୩ଟି ବୃତ୍ତି ନିମନ୍ତେ ମାଗଣା ତାଲିମ ପ୍ରଦାନ କରେ। ଆଗାମୀ ୩ ବର୍ଷ ମଧ୍ୟରେ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଘୋଘରପାଲି, ଜାମଖାନି ଏବଂ କୁରାଲୋଇରେ ଏହାର କୋଇଲା ଖଣି ପ୍ରକଳ୍ପ ପାଖରେ ଥିବା ସମ୍ପ୍ରଦାୟର ୭୦୦ରୁ ଅଧିକ ଗ୍ରାମୀଣ ଯୁବପିଢ଼ିଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏ ପର୍ଯ୍ୟନ୍ତ, ୩୬ଜଣ ସହାୟକ ବିଦ୍ୟୁତ କର୍ମଚାରୀ, ୩୧ଜଣ ସିଲେଇ ମେସିନ୍ ଅପରେଟର ଏବଂ ୨୦ଜଣ ଖାଦ୍ୟ ଏବଂ ପାନୀୟ ସେବା ପରିଚାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ନିଯୁକ୍ତି ଦିଆଯାଇଛି।

# ଉଚ୍ଚ ଜିଏସ୍‌ଟି ସତ୍ତ୍ୱେ ଶସ୍ତା ହେବ ସୌଖିନ୍ କାର

ନୂଆଦିଲ୍ଲୀ,୪।୯ (ଏଜେନ୍ସି)

ଜିଏସ୍‌ଟି ପରିଷଦର ନିଷ୍ପତ୍ତି ଅନୁଯାୟୀ, ଲକ୍ଜ୍ୟୁରୀ ବା ସୌଖିନୀ କାର ଉପରେ ଜିଏସ୍‌ଟି ୨୮%ରୁ ୪୦% କୁ ବୃଦ୍ଧି କରାଯାଇଛି। ହେଲେ ଏହାପରେ ଗ୍ରାହକଙ୍କ ପାଇଁ ମର୍ସିଡିଜ୍-ବେଞ୍ଜ, ବିଏମ୍‌ଡବ୍ଲ୍ୟୁ ଏବଂ ଅଡି ଭଳି ସୌଖିନୀ କାର ବଜାରରେ ଶସ୍ତା ହେବ। କାରଣ ନୂତନ ଟିକସ ସ୍ଲାବ୍‌ରେ ଜିଏସ୍‌ଟି ପୂର୍ବରୁ ଲାଗୁ ହୋଇଥିବା କ୍ଷତିପୂରଣ ସେସ୍ ଉଚ୍ଛେଦ କରାଯାଇଛି।

ପୂର୍ବରୁ, ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ୨୮% ଜିଏସ୍‌ଟି ସହିତ୧୭-୨୨% ପର୍ଯ୍ୟନ୍ତ ସେସ୍ ଆଦାୟ କରାଯାଉଥିଲା, ଯାହା ମୋଟ ଟିକସକୁ ୫୦% ପର୍ଯ୍ୟନ୍ତ ପହଞ୍ଚାଉଥିଲା। ଏହି ଟିକସ ବିଳାସପୂର୍ଣ୍ଣ କାରଗୁଡ଼ିକୁ ବହୁତ ମହଙ୍ଗା କରିଦେଇଥିଲା। ଉଦାହରଣ ସ୍ୱରୂପ, ଯଦି ପୂର୍ବରୁ ଏକ ମର୍ସିଡିଜ୍ କାରର ମୂଲ୍ୟ ୧ କୋଟି ଟଙ୍କା ଥିଲା, ତେବେ ଏହା ଉପରେ ପ୍ରାୟ ୫୦ ଲକ୍ଷ ଟଙ୍କା ଟିକସ ଦେବାକୁ ପଡୁଥିଲା। ଏବେ ଏହା ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୀମିତ ହୋଇଯିବ। ଏବେ ସରକାର ୪୦୦୦ ଏମ୍‌ଏମ୍‌ରୁ ଅଧିକ ଲମ୍ବା କିମ୍ବା ୧୫୦୦ ସିସି ରୁ ଅଧିକ କ୍ଷମତା ଥିବା ଯାନଗୁଡ଼ିକ ଉପରେ ଜିଏସ୍‌ଟି ୨୮%ରୁ ୪୦% କୁ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଟିକସ ବୃଦ୍ଧି କରାଯାଇଛି, କିନ୍ତୁ ସେସ୍ ହଟାଇ ଦିଆଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସେସ୍ ହଟାଇବା ଯୋଗୁଁ ପୂର୍ବ ଏବଂ ବର୍ତ୍ତମାନ ମଧ୍ୟରେ ବହୁତ ପାର୍ଥକ୍ୟ ରହିବ ନାହିଁ। ସାମଗ୍ରିକ ଭାବରେ, ଏହି ଯାନଗୁଡ଼ିକ ଟିକେ ଶସ୍ତା ହୋଇପାରେ, କିନ୍ତୁ ପାର୍ଥକ୍ୟ ବହୁତ ଅଧିକ ହେବ ନାହିଁ। ନିଷ୍ପତ୍ତି ଅନୁଯାୟୀ, ୧୨୦୦ ସିସି ପର୍ଯ୍ୟନ୍ତ ପେଟ୍ରୋଲ ଗାଡ଼ି କିମ୍ବା ୧୫୦୦ ସିସି ପର୍ଯ୍ୟନ୍ତ ଡିଜେଲ ଗାଡ଼ି ଉପରେ ଜିଏସ୍‌ଟି ୨୮%ରୁ ୧୮% କୁ ହ୍ରାସ କରାଯାଇଛି। ଏଥିଯୋଗୁଁ ମାରୁତି ସ୍ୱିଫ୍ଟ, ଅଲ୍ଟୋ ଏବଂ ନେକ୍ସନ ଭଳି ଛୋଟ କାର ପ୍ରାୟ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇପାରେ। ଏହା ବ୍ୟତୀତ, ହୋଣ୍ଡା ସାଇନ୍, ଆକ୍ଟିଭା ଭଳି ୩୫୦ ସିସି ପର୍ଯ୍ୟନ୍ତ ବାଇକ୍ ଓ ସ୍କୁଟର ମଧ୍ୟ ଶସ୍ତା ହେବ। ବସ୍, ଟ୍ରକ୍ ଏବଂ ଆମ୍ବୁଲାନ୍ସ ଭଳି ବାଣିଜ୍ୟିକ ଯାନ ମଧ୍ୟ ଜିଏସ୍‌ଟି ପରିସରକୁ ଆସିଛି। ଏହା ଉପରେ ଜିଏସ୍‌ଟି ୨୮%ରୁ ୧୮%କୁ ହ୍ରାସ କରାଯାଇଛି।

ସୂଚନାଯୋଗ୍ୟ ଯେ, ସେସ୍ ଏକ ପ୍ରକାରର ଅତିରିକ୍ତ ଟିକସ ଯାହାକୁ ସରକାର କିଛି ସାମଗ୍ରୀ ଉପରେ ଲାଗୁ କରିଥାନ୍ତି। ଏହାଦ୍ୱାରା ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦିଆଯାଇଥାଏ। ୨୦୧୭ରେ ଯେତେବେଳେ ଜିଏସ୍‌ଟି (ସାମଗ୍ରୀ ଏବଂ ସେବା କର) ଲାଗୁ ହୋଇଥିଲା, ଅନେକ ରାଜ୍ୟ ଅନୁଭବ କରିଥିଲେ ଯେ ସେମାନଙ୍କର ଟିକସ ରାଜସ୍ୱ ହ୍ରାସ ପାଇବ। ଏହାର କ୍ଷତିପୂରଣ ପାଇଁ, କେନ୍ଦ୍ର ସରକାର କ୍ଷତିପୂରଣ ସେସ୍ ଆରମ୍ଭ କରିଥିଲେ, ଯାହା ମହଙ୍ଗା କାର, ସିଗାରେଟ୍, ମଦ୍ୟପାନ ଭଳି ବିଳାସପୂର୍ଣ୍ଣ କିମ୍ବା କ୍ଷତିକାରକ ସାମଗ୍ରୀ ଉପରେ ଲାଗୁ କରାଯାଇଥିଲା। ଏହି ଟିକସ ଜିଏସ୍‌ଟି ସହିତ ଅତିରିକ୍ତ ଏବଂ ଏଥିରୁ ସଂଗୃହିତ ଟଙ୍କା ରାଜ୍ୟଗୁଡ଼ିକୁ ସେମାନଙ୍କର କ୍ଷତି ପୂରଣ ପାଇଁ ଦିଆଯାଇଥିଲା।



**ଟିକସ ୫୦%ରୁ ୪୦%କୁ ହ୍ରାସ**

**ଉଚ୍ଛେଦ ହେଲା ସେସ୍**

# ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା

ଭୁବନେଶ୍ୱର,୪।୯ (ସମିସ): ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ପାଖାପାଖି ୩୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଏବଂ ବ୍ୟାଙ୍କ ଅଧିକାରୀମାନେ ମିଳିତ ଭାବେ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ବିଜେତାମାନଙ୍କୁ ପୁରସ୍କୃତ କରିବା ପାଇଁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ୟାଙ୍କର କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ସମସ୍ତ ବିଜେତାଙ୍କୁ ଟ୍ରଫି ଏବଂ ପ୍ରମାଣ ପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ୍ / ଡିଜିଟାଲ ଠକେଇ ବିରୁଦ୍ଧରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିବା ସହ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହିତ ସମସ୍ତଙ୍କୁ ବ୍ୟାଙ୍କିଙ୍ଗ୍ ସେବାରେ ଯୋଗଦାନ କରିବାକୁ ମଧ୍ୟ ପ୍ରୋତ୍ସାହିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଚଳିତ ବର୍ଷ ଏହାର ୧୨୦ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି।



ଆମେରିକା ସୁପ୍ରିମକୋର୍ଟରେ ଟ୍ରମ୍ପ୍ ପ୍ରଶାସନର ଯୁକ୍ତି

# ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ଭାରତ ଉପରେ ଟାରିଫ୍

ୱାଶିଂଟନ, ୪।୯ (ଏଜେନ୍ସି): ଭାରତ ଉପରେ ଲାଗୁ କରାଯାଇଥିବା ଶୁଳ୍କକୁ ଅବୈଧ ଘୋଷଣା କରିବା ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଦାୟର କରାଯାଇଥିବା ଏକ ଆବେଦନରେ ଟ୍ରମ୍ପ୍ ପ୍ରଶାସନ ଶୁଳ୍କକୁ ବେଶ ଜରୁରୀ ବୋଲି ଯୁକ୍ତି ବାଢ଼ିଛନ୍ତି। କୋର୍ଟଙ୍କୁ ଅବଗତ କରାଯାଇଛି ଯେ, ଏହାଦ୍ୱାରା ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ହେବ। ସଲିସିଟର ଜେନେରାଲ ଜନ୍ ସାଉର ସୁପ୍ରିମକୋର୍ଟକୁ ଶୁଳ୍କ ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଆମେରିକାର ଟ୍ରମ୍ପ ପ୍ରଶାସନ ଭାରତ ସମେତ ବିଶ୍ୱର ଅନ୍ୟ ଦେଶମାନଙ୍କ ଉପରେ ଶୁଳ୍କ ହ୍ରାସ କରିବା ଆମେରିକାକୁ ଆଗାମୀ ଦିନରେ ବାଣିଜ୍ୟ ପ୍ରତିଶୋଧର ମୁହାଁମୁହିଁ ହେବାକୁ ପଡିପାରେ ବୋଲି ଚେତାବନୀ ଦେଇଛି। ସୁପ୍ରିମକୋର୍ଟରେ ଦାୟର କରାଯାଇଥିବା ଆବେଦନରେ କୁହାଯାଇଛି ଯେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ଭାରତ ଉପରେ ଟାରିଫ୍ ଲାଗୁ କରାଯାଇଛି। ଶୁଳ୍କକୁ ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଆର୍ଥିକ ବିନାଶ ବିରୁଦ୍ଧରେ ଏକ ଢାଲ ଭାବରେ ବର୍ଣ୍ଣନା କରାଯାଇଛି। କୋର୍ଟ ଡକ୍ୟୁମେଣ୍ଟରେ ଟ୍ରମ୍ପ ପ୍ରଶାସନ ଲେଖିଛନ୍ତି, ୟୁକ୍ରେନରେ ରୁଷର ଯୁଦ୍ଧ ସହିତ ଜଡିତ ଥିବା ଯୋଗୁ ଆମେ ଭାରତ ବିରୁଦ୍ଧରେ ଶୁଳ୍କକୁ ଅନୁମୋଦନ ଦେଇଛୁ। ଏଥିରେ କୁହାଯାଇଛି ଯେ ଶୁଳ୍କ ହଟାଇବା ଦ୍ୱାରା ଆମେରିକା ଆର୍ଥିକ ବିନାଶର ଦ୍ୱାର ଦେଶରେ ପହଞ୍ଚିବ। ଟ୍ରମ୍ପ ପ୍ରଶାସନ ସମ୍ପ୍ରତି ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି। ଏଥିମଧ୍ୟରୁ ବାଣିଜ୍ୟ ନିଅଣ୍ଟ ଦର୍ଶାଇ ୨୫% ଶୁଳ୍କ ଲାଗୁ କରାଯାଇଥିବାବେଳେ ରୁଷରୁ ଅଶୋଧିତ ତେଲ କିଣିବା ପାଇଁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଶୁଳ୍କ ଲାଗୁ କରାଯାଇଛି।

# ମସ୍କୋ ପୁସ୍ତକମେଳାରେ 'ବୀର ସୁରେନ୍ଦ୍ର ସାଏ' ଲୋକାର୍ପିତ



ସମ୍ବଲପୁର, ୪।୯ (ସମିସ): ମସ୍କୋ ଆନ୍ତର୍ଜାତିକ ପୁସ୍ତକ ମେଳାର ୩୮ତମ ସଂସ୍କରଣର ଉଦ୍‌ଘାଟନୀ ଦିବସରେ ଭାରତୀୟ ପାଭିଲିଅନ୍‌ରେ ଦୀପକ କୁମାର ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରଚିତ "ବୀର ସୁରେନ୍ଦ୍ର ସାଏ" ପୁସ୍ତକ ଉନ୍ମୋଚିତ ହୋଇଛି। ପତଞ୍ଜଳି ଆୟୁର୍ବେଦର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ, ବୈଜ୍ଞାନିକ ପଦ୍ମଶ୍ରୀ ଅଜୟ କୁମାର ସୋନକର, ପ୍ରଖ୍ୟାତ ଲେଖକ ଅକ୍ଷତ ଗୁପ୍ତା, କାଶ୍ମିରୀ ବିଦ୍ୱାନ ଡଃ ଏସ୍.ଏନ୍ ପଣ୍ଡିତ, ବିଶିଷ୍ଟ ଚଳଚ୍ଚିତ୍ର ସମାଲୋଚକ, ଐତିହାସିକ ତଥା ଫିଲ୍ମନିର୍ମାତା ଅନୀଲ ଜଙ୍କାର, ବିଶିଷ୍ଟ ଗ୍ରାଫିକ୍ସ ଡିଜାଇନର ତଥା ଚିତ୍ରଶିଳ୍ପୀ ମୋହିତ ସୁନେଜା, ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷା ତଥା ମହାତ୍ମାଗାନ୍ଧୀ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ, ୱାର୍ଦ୍ଧାର କୁଳପତି ପ୍ରଫେସର କୁମୁଦ ଶର୍ମା, କବି, ଲେଖିକା ତଥା ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଜୟା ମେହେଟ୍ଟା ପ୍ରମୁଖ ପୁସ୍ତକର ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ନିଜ ଅଭିଭାଷଣରେ ଲେଖକ ଶ୍ରୀ ପଣ୍ଡା କହିଲେ ଯେ ଅନେକ ବିଶେଷଜ୍ଞଙ୍କୁ ନେଇ ସମ୍ବଲପୁର ସଶସ୍ତ୍ର ସଂଗ୍ରାମ ମହୀୟାନ। ବ୍ରିଟିଶ ବିରୋଧରେ ଏହା ସର୍ବାଧିକ ସମୟ ଧରି ଚାଲିଥିବା ସଶସ୍ତ୍ର ସଂଗ୍ରାମ। ସଂଗ୍ରାମକୁ ରୋକିବାରେ ବିଫଳ ହୋଇ ବ୍ରିଟିଶ ଶାସନ ଶାନ୍ତିପୂର୍ଣ୍ଣ ବୁଝାମଣାର ମାର୍ଗ ଆପଣେଇଥିଲେ। ମାତ୍ର ବିଶ୍ୱାସଘାତକତା ଓ ଷଡ଼ଯନ୍ତ୍ର କରି ବିନା ଦଣ୍ଡାଦେଶରେ ସଂଗ୍ରାମୀଙ୍କୁ ବନ୍ଦୀ କରିଥିଲେ। ଏହି ସଂଗ୍ରାମର ନେତା ବୀର ସୁରେନ୍ଦ୍ର ସାଏ ନିଜ ଜୀବନର ୩୭ବର୍ଷ କାଳ ତଥା ତାଙ୍କ ଭାଇ ଉଦନ୍ତ ସାଏ ୪୭ ବର୍ଷ କାରାବରଣ କରି ମୃତ୍ୟୁବରଣ କରିଥିଲେ। ଏହି ସଂଗ୍ରାମରେ ଅନେକ ପରିବାରର ଦୁଇ ଓ ତିନି ପିଢ଼ିର ବହୁ ସଦସ୍ୟ ବା ସମସ୍ତ ପୁରୁଷ ସଦସ୍ୟ ନିଜ ପ୍ରାଣ ଆହୁତି ଦେଇଥିଲେ। ଏହିଭଳି ଅନେକ ବିଶେଷତ୍ୱ ରହିଥିବା ସଂଗ୍ରାମ ବାବଦରେ ପାଠକଙ୍କୁ ସଂକ୍ଷେପରେ ସୂଚନା ଦେବା ଏହି ପୁସ୍ତକର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ମସ୍କୋ ପୁସ୍ତକ ମେଳାର ଭାରତୀୟ ପାଭିଲିଅନରେ ନବଉନ୍ମୋଚିତ ବୀର ସୁରେନ୍ଦ୍ର ସାଏ ପୁସ୍ତକ ସହ ଦୀପକ କୁମାର ପଣ୍ଡାଙ୍କ ଇଂରାଜୀ ପୁସ୍ତକ "ସମ୍ବଲପୁରୀ ଲାଙ୍ଗୁଏଜ୍, କଲଚର୍ ଆଣ୍ଡ ଟ୍ରାଡିସନ୍' ମଧ୍ୟ ପ୍ରଦର୍ଶିତ ହୋଇଛି। ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବାବଦରେ ଜାଣିବାକୁ ଅନେକ ଲେଖକ, ଲେଖିକା ଆଗ୍ରହ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଲେଖକଙ୍କ ପ୍ରତିନିଧି ଦଳର ଜଣେ ସଦସ୍ୟ ଭାବରେ ଦୀପକ କୁମାର ପଣ୍ଡା ମସ୍କୋ ଯାଇଛନ୍ତି। ଭାରତୀୟ ପାଭିଲିଅନରେ ପ୍ରତିନିଧି ଦଳ ସଦସ୍ୟଙ୍କ ରେଖାଙ୍କିତ ଚିତ୍ର ସ୍ଥାନିତ ହେବା ସହିତ ଲେଖକଙ୍କ ପରିଚୟ ପୁସ୍ତିକା ଉପଲବ୍ଧ କରାଯାଇଛି।

# ପ୍ର. ପ୍ରମୋଦ ଶତପଥୀ ଏମ୍‌ଏସ୍‌ସିବି କୁଳପତି

ବାରିପଦା, ୪।୯ (ସମିସ):

ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର୍ ପ୍ରମୋଦ କୁମାର ଶତପଥୀଙ୍କୁ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି ନିଯୁକ୍ତି ଦେଇଛନ୍ତି। ଡ. ଶତପଥୀ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ସହ କିଛି ମାସ କୁଳପତି ଭାବେ କାର୍ଯ୍ୟ କରିଥିଲେ। ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ସେ ଦାୟିତ୍ୱ ଗ୍ରହଣ କରିବେ। ଜଣେ ସ୍ଥାୟୀ କୁଳପତି ନିଯୁକ୍ତି ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅପରପକ୍ଷେ, ୬ ମାସ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ଅବ୍ୟାହତି ଦିଆଯାଇଛି।



୨୦୨୨ ଡିସେମ୍ବର ୭ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଏକ ବର୍ଷ ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପରନ୍ତୁ ୨ ବର୍ଷ ୮ ମାସ ପରେ ବି ସ୍ଥାୟୀ କୁଳପତି ନିଯୁକ୍ତି ନ ହେବାରୁ ସେ ଦାୟିତ୍ୱ ତୁଲାଉଥିଲେ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବାରୁ ଏହାକୁ ନେଇ ବିବାଦ ଉପୁଜିଥିଲା। ଫଳରେ ଗତ ଜୁଲାଇରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ବିଧୁଭୂଷଣ ମିଶ୍ରଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ । କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିପାରେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ବନ୍ଧୁ ମିଳନ ଯୋଗ ରହିଛି ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହିତ ହସଖୁସିର ସମୟ ବିତାଇବେ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହୋଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ଦାନ ଧର୍ମ କରନ୍ତୁ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଉଧାର ଟଙ୍କା ଫେରି ପାଇବେ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଉଧାର ଟଙ୍କା ଫେରି ପାଇବେ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

## ଆଜିର ଐତିହ୍ୟ

- ୧୯୨୦- ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ ।
- ୧୯୬୧- ଆମେରିକା ପରମାଣୁ ପରୀକ୍ଷା କଲା ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ ।
- ୧୯୯୭- ମଦର ଟେରେସାଙ୍କ ପରଲୋକ ।
- ୨୦୦୨- ଆଫଗାନିସ୍ତାନ ରାଷ୍ଟ୍ରପତି ହମିଦ୍ କାରଜାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ ।
- ୨୦୦୯-ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଦଶୋଟି କମ୍ପାନିକୁ ସେୟାର୍ ବଜାରରେ କାରବାର କରିବା ଉପରେ ପ୍ରତିବନ୍ଧକ ଲଗାଇଲା ।

# ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ଦିନ



ଆଜି ପବିତ୍ର ଗୁରୁଦିବସ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ 'ଗୁରୁ ଦିବସ' ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରୁଥିବା ଗୁରୁଙ୍କ ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ । ଗୁରୁ ହେଉଛନ୍ତି ସାକ୍ଷାତ୍ ପରମ୍ବ୍ରହ୍ମ । ଗୁରୁ ହେଉଛନ୍ତି ମଣିଷ ତିଆରି କାରଖାନାର ବିନ୍ଧାଣି । କେତେବେଳେ ଗୁରୁଙ୍କ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ଯୋଗୁ ଜଣେ ଛାତ୍ର ଜୀବନରେ ଆଗକୁ ବଢ଼ିଥାଏ । ସେଥିପାଇଁ ସର୍ବ ପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ । ଗୁରୁଙ୍କ ଜ୍ଞାନ ଓ କର୍ମ ଆଗରେ ଆଜି ନତମସ୍ତକ ସମସ୍ତେ । ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ । ଗୁରୁଙ୍କ ବେତ ପାହାର ପିଲାର ଉତ୍ତମ ଜୀବନ ଗଠନରେ ସହାୟକ ହୁଏ । କଞ୍ଚାମାଟିର ପିତୁଳାକୁ ଉଜ୍ଜ୍ୱଳ ତାରକା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ । ବାପାମା'ଙ୍କ ପରେ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ସଠିକ୍ ମାର୍ଗ ଦେଖାଇଥାନ୍ତି । ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପାଠପଢ଼ାଠାରୁ ଖେଳକୁଦ ପୁଣି ନୃତ୍ୟ ସଙ୍ଗୀତ ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଅବଦାନ ଲୋଡ଼ାଥାଏ । ତେଣୁ ଭାଗବତରେ ଅଛି "ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ ।" ଗୁରୁଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ । ଗୁରୁ ଶିଷ୍ୟର ପରମ୍ପରା ଆଜିର ନୁହେଁ ପୁରାଣ କାଳରୁ ଏହି ପରମ୍ପରା ରହି ଆସିଛି । ବେଦବ୍ୟାସଙ୍କଠାରୁ ଆରମ୍ଭ କରି ଦ୍ରୋଣାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଗୁରୁଙ୍କ ପ୍ରତି ଥିବା ଶିଷ୍ୟର ଭକ୍ତି ଭାବକୁ । ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ । ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଶେଷ କରି ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ଓ ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା । ବିନା ଗୁରୁରେ ଜୀବନରେ ଗତି, ମୁକ୍ତି, ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ । ଯେଉଁ ସମାଜରେ ଗୁରୁଙ୍କୁ ଉଚ୍ଚ ଆସନ ମିଳିଛି, ସେ ସମାଜ ସେତେ ସମୃଦ୍ଧ । କାରଣ ବିକଶିତ ମାନବ ସମ୍ବଳ ତିଆରିରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ । ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ । ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ । ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ । ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ । ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ । ସେବେଠୁ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ ହୋଇ ଆସୁଛି । ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା । ଶିକ୍ଷାର ମହତ୍ତ୍ୱ ଉପରେ ସଚେତନ କରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ତା'ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଅନ୍ୟତମ ଲକ୍ଷ୍ୟ । ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ । ବେଦ ଉପନିଷଦକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ ।

# 'ଚାଲବାଜ୍' ରିମେକ୍‌ରେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ଏକାଧିକ ଫିଲ୍ମରେ କାମ କରୁଛନ୍ତି । ତାଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି । ନିକଟରେ ଜାହ୍ନବୀଙ୍କ 'ପରମ ସୁନ୍ଦରୀ' ଫିଲ୍ମ ରିଲିଜ୍ ହୋଇଛି । ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜନେସ୍ କରିଛି । ଏହି ଫିଲ୍ମ ପରେ ଜାହ୍ନବୀ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ' ଫିଲ୍ମରେ ନଜର ଆସିବେ । ଇତିମଧ୍ୟରେ ଜାହ୍ନବୀଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି । ଜାହ୍ନବୀଙ୍କ ହାତକୁ ଏବେ ତାଙ୍କ ମା' ଶ୍ରୀଦେବୀଙ୍କ ଅଭିନୀତ ଫିଲ୍ମ 'ଚାଲ୍‌ବାଜ୍'ର ରିମେକ୍ ପାଇଁ ଅଫର୍ ଆସିଛି । ଜାହ୍ନବୀଙ୍କୁ ଏହି ଅଫର୍ ଆସିବା ପରେ ସେ ଏଥିରେ କାମ କରିବା ପାଇଁ ତୁରନ୍ତ ରାଜି ହୋଇଯାଇଛନ୍ତି । ଯଦିଓ ଏହି ପ୍ରୋଜେକ୍ଟକୁ ନେଇ ଜାହ୍ନବୀ ବେଶ୍ ଉତ୍ସାହିତ ଅଛନ୍ତି କିନ୍ତୁ ଏଥିରେ ତାଙ୍କୁ ତାଙ୍କ ମା'ଙ୍କ ସହ ତୁଳନା କରାଯିବା ନେଇ ସେ ବେଶ୍ ଚିନ୍ତିତ ଅଛନ୍ତି । ତେବେ ସେ ଏଥିରେ କାମ କରିବେ କି ନାହିଁ ସେପ୍ଟେମ୍ବର ଶେଷ ସୁଦ୍ଧା ଫାଇନାଲ କରିବେ ବୋଲି କହିଛନ୍ତି । ଏଠାରେ ପ୍ରକାଶ ଥାଉ କି, ୩୬ ବର୍ଷ ପୂର୍ବରୁ ରିଲିଜ୍ ହୋଇଥିବା 'ଚାଲବାଜ୍' ଶ୍ରୀଦେବୀଙ୍କର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ । ଏଥିରେ ସେ ଅଞ୍ଜୁ ଓ ମଞ୍ଜୁ ଦୁଇଟି ଭୂମିକାରେ ନଜର ଆସିଥିଲେ । 'ଚାଲବାଜ୍'ରେ ଶ୍ରୀଦେବୀଙ୍କ ସହ ସନ୍ନି ଦେଓ୍ୱଲ ଓ ରଜନୀକାନ୍ତ ଲିଡ୍ ରୋଲରେ ଦେଖାଯାଇଥିଲେ ।


## ଏମିତି ଏକ ଚାକିରି

# ୬ ଘଣ୍ଟା ଚଲାଇବାକୁ ହେବ ଇନ୍‌ଷ୍ଟାଗ୍ରାମ୍

ମୁମ୍ବାଇସ୍ଥିତ ମଙ୍କ ଏଣ୍ଟରଟେନମେଣ୍ଟ ନାମକ ଏକ କମ୍ପାନି ଏମିତି ଏକ ଚାକିରି ବାହାର କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି । କମ୍ପାନିର ସିଇଓ ବିରାଟ ସେଠ କହିଛନ୍ତି, ତାଙ୍କ ଟିମ୍‌ରେ ସେ ଡୁମ୍ ସ୍କ୍ରୋଲର୍‌କୁ ଚାହୁଁଛନ୍ତି । ଯେଉଁମାନେ ନିତିଦିନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଥାଆନ୍ତି ବିଶେଷକରି ଇଣ୍ଟରନେଟ୍‌ରେ ନକାରାତ୍ମକ ସମ୍ବାଦ ତଲାସ କରୁଥାନ୍ତି ସେମାନଙ୍କୁ ଡୁମ୍ ସ୍କ୍ରୋଲର୍ କୁହାଯାଏ । ଧୀରେ ଧୀରେ ଏହି ଶବ୍ଦ ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଟ୍ୱିଟର ଆଦିରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରୁଥିବା ଲୋକଙ୍କ ପାଇଁ ମଧ୍ୟ ବ୍ୟବହାର କରାଗଲାଣି । ମୁଖ୍ୟତଃ ଏହି ଚାକିରି ଲାଗି ଆବେଦନ କରିବାକୁ ଥିବା ଆବେଦନକାରୀଙ୍କୁ ନିତିଦିନ ୬ ଘଣ୍ଟା ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍‌ରେ ଅତିବାହିତ କରିବାକୁ ହେବ । ଏ ଲାଗି ସେମାନଙ୍କୁ ସ୍କ୍ରିନସଟ୍ ମଧ୍ୟ ଦେଖାଇବାକୁ ପଡ଼ିବ । ସବୁଠୁ ବଡ଼ କଥା ହେଲା ଆବେଦନକାରୀ ନୂଆ ନୂଆ ଡିଜିଟାଲ କ୍ରିଏଟରଙ୍କୁ ଜାଣିଥିବା ଦରକାର । ଏହାବାଦ୍ ଇଂରାଜୀ ଏବଂ ହିନ୍ଦୀ ଭାଷାର ଜ୍ଞାନ ରହିବା ଜରୁରି । ଏହି ଚାକିରି ମୁମ୍ବାଇ ପାଇଁ ଉଦ୍ଦିଷ୍ଟ ଏବଂ ଏହା ଏକ ପୂର୍ଣ୍ଣକାଳୀନ ଚାକିରି ବୋଲି ସ୍ପଷ୍ଟ କରାଯାଇଛି । ତେବେ ଏ ଲାଗି ପାରିଶ୍ରମିକ କେତେ ମିଳିବ, ସେକଥା କିଛି କୁହାଯାଇ ନାହିଁ । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି ।




# ସଞ୍ଜୀବନୀ



# ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ



**ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶ ମା'ର ଗର୍ଭରୁ ପ୍ରାରମ୍ଭ କରି ତା'ର ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ପରିବେଶ ଉପରେ ନିର୍ଭର କରିଥାଏ । ତେଣୁ ମା'ମାନେ ନିଜ ଶିଶୁର ସନ୍ତୁଳିତ ଖାଦ୍ୟପେୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାଆନ୍ତି । ହେଲେ ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ ଜୀବାଣୁ, ଭୂତାଣୁ ଓ ପରିବେଶ ଜନିତ ରୋଗ ଶୀଘ୍ର ସଂକ୍ରମିତ କରିଥାଏ । ଅସୁସ୍ଥତା ଅନୁଭବ କଲେ ବି ସେମାନେ କହିପାରନ୍ତି ନାହିଁ । ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ପିତାମାତା ମଧ୍ୟ ସହଜରେ ଜାଣି ପାରନ୍ତିନି । ତେଣୁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି ।**

**୧ ବର୍ଷରୁ ପାଞ୍ଚ ବର୍ଷ:**

ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜନ୍ମ ପରେ ଏକରୁ ଦୁଇବର୍ଷ ମଧ୍ୟରେ ସମସ୍ତ ପ୍ରକାର ଟିକା ଓ ପରେ ବୁଷ୍ଟର ଡୋଜ୍ ଦିଆଯାଏ । ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେତେକ ଶିଶୁଙ୍କର ହିୟରିଂ ଟେଷ୍ଟ ମଧ୍ୟ କରାଯାଇଥାଏ । ତେବେ ଟିକାରୁ ବଞ୍ଚିତ ହେଲେ ବର୍ଷେରୁ ପାଞ୍ଚ ବର୍ଷର ଶିଶୁଙ୍କୁ ଟିକା- ନିବାରକ ରୋଗ (ଭିପିଡିଏସ୍) ଯଥା- ଡିପ୍‌ଥେରିଆ, ଟିଟାନସ୍, ପୋଲିଓ, ଟିବି, ଟାଇଫଏଡ୍, ଜଣ୍ଡିସ ଆଦି ହେବାର ଆଶଙ୍କା ଥାଏ । ତେଣୁ ଟିକାକରଣ କରିବାକୁ ଭୁଲନ୍ତୁନି । ସେହିପରି ଶିଶୁଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ଶ୍ୱାସକ୍ରିୟା ଜନିତ, ଭୂତାଣୁଜନିତ ସଂକ୍ରମଣ, କୃମି, ଝାଡ଼ାବାନ୍ତି, ଅଧିକ ଦେଖାଯାଏ । ଜ୍ୱର ଲାଗି ରହି ଅକ୍ସିଜେନ୍‌ସ୍ତର କମିଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସରେ ଆଦି କରାଇ ଆବଶ୍ୟକୀୟ ଟିକା ଓ ଚିକିତ୍ସା କରାଯାଏ । ଡେଙ୍ଗୁ, ସ୍କ୍ରବ୍ ଟାଇଫସ୍ ଆଦି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ରହିଛି । ଶିଶୁର ଉଚ୍ଚତା, ଓଜନ, ବିଏମ୍‌ଆଇ, ରକ୍ତ ପରୀକ୍ଷା, ହୃଦ୍‌ପିଣ୍ଡ, ଫୁସ୍‌ଫୁସ୍‌ର ଯାଞ୍ଚ ନିୟମିତ ବ୍ୟବଧାନରେ କରିବା ଦ୍ୱାରା ସେମାନଙ୍କ ସୁସ୍ଥତା ବିଷୟରେ ଜାଣିହୁଏ । ବର୍ଷକରୁ ଊର୍ଦ୍ଧ୍ୱ ପିଲାଙ୍କ ଖାଦ୍ୟ ଅରୁଚି ହେଲେ ସେମାନେ ଖାଇବା କମାଇ ଦୁର୍ବଳ ହୋଇପଡ଼ନ୍ତି । ଡାକ୍ତର ବାହୁର ଗୋଲେଇକୁ ଦେଖି ଅପପୁଷ୍ଟିର ଆକଳନ କଲେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଏ । ଅନ୍ୟପଟେ ଅଟିଜିମ୍ ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ । ଦୁଇରୁ ଅଢ଼େଇ ବର୍ଷର ପିଲା ଅନ୍ୟ ପିଲାଙ୍କ ତୁଳନାରେ କଥା ଶୀଘ୍ର ଧରୁ ନ ଥିଲେ କିମ୍ବା ଯୋଗାଯୋଗ କରି ପାରୁ ନ ଥିଲେ ପିଲା ଅଟିଜିମ୍ କି ନାହିଁ ପରୀକ୍ଷା କରାଇବା ଆବଶ୍ୟକ ।

**ଦାନ୍ତ ଓ ଚକ୍ଷୁ ପରୀକ୍ଷା:** ଜନ୍ମରୁ ଛଅ ମାସ ପରେ ଦାନ୍ତ ଉଠିଥାଏ । କ୍ୟାଲ୍‌ସିୟମ ଅଭାବରୁ ବହୁ ଶିଶୁଙ୍କର ଦାନ୍ତ ଉଠିବା ବିଳମ୍ବ ହୁଏ । ଭଲ କରି ଦାନ୍ତ ନ ଘଷିବା ଦ୍ୱାରା ପିଲାଙ୍କ ଦାନ୍ତଜନିତ ସମସ୍ୟା ଦେଖାଯାଏ । ତେଣୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ପିଲା ଛଅ ମାସକୁ ଥରେ ଦାନ୍ତ ପରୀକ୍ଷା କରାଇବା ସହ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ ।

**୫ରୁ ୧୦ ବର୍ଷ:**

ଆଜିକାଲି ପିଲାମାନେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି । ଅନିୟମିତ ଜୀବନଶୈଳୀ, ଖାଦ୍ୟପେୟ ତଥା ଶାରୀରିକ କ୍ରିୟାରେ ଅଭାବ ହେତୁ ମେଦବହୁଳତା, ଚିଡ଼ିଚିଡ଼ାପଣ, କୋଲେଷ୍ଟ୍ରଲସ୍ତର ବୃଦ୍ଧି ପାଉଛି । ତେଣୁ ଶିଶୁଙ୍କର ରକ୍ତ ପରୀକ୍ଷା, ଲିପିଡି ପ୍ରୋଫାଇଲ ଟେଷ୍ଟ, ବେଳେ ବେଳେ ହରମୋନ୍ ଟେଷ୍ଟ ଆଦି ପରୀକ୍ଷା ନିୟମିତ ବ୍ୟବଧାନରେ କରିବା ଉଚିତ । ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାଇ ପାରିବେ ।

**୧୦ରୁ ୧୪ ବର୍ଷ:**

ଏହି ବୟସରେ ମୁଖ୍ୟତଃ ରକ୍ତହୀନତା ଦେଖାଯାଏ । ଏହାଦ୍ୱାରା ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସମସ୍ୟା ହୁଏ । ତେଣୁ ହିମୋଗ୍ଲୋମିନ୍, ସିବିସି, ମଳ, ରକ୍ତର ଲୌହସାର ମାତ୍ରା, ଭିଟାମିନ୍ ଡି ଏବଂ ବି -୧୨ର ପରୀକ୍ଷା, ନିୟମିତ ବ୍ୟବଧାନରେ କରିବା ଆବଶ୍ୟକ ।

**ଥାଇରଏଡ୍ ଓ କିଡ୍‌ନୀ ଫଙ୍କସନ ଟେଷ୍ଟ:** ଜନ୍ମରୁ ସାତ ଦିନ ଭିତରେ ସମୟ ପୂର୍ବରୁ ଏବଂ କମ୍ ଓଜନର ଶିଶୁଙ୍କପାଇଁ ଥାଇରଏଡ୍ ପରୀକ୍ଷା କରାଯାଏ । ସାଧାରଣ ଶିଶୁଙ୍କର ଓଜନ ବଢୁ ନ ଥିଲେ, ଝାଡ଼ା ଠିକ୍ ନ ହେଲେ, ଥାଇରଏଡ ପରୀକ୍ଷା ମଧ୍ୟ କରାଯାଏ । ସ୍ୱାସ୍ଥ୍ୟ ପରୀକ୍ଷା ସମୟେ ଯେଉଁ ଶିଶୁଙ୍କର ମୁହଁ, ଗୋଡ, ହାତ ଫୁଲିଥାଏ ସେମାନଙ୍କର କିଡନୀ ଫଙ୍କସନ ଟେଷ୍ଟ କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଏ । ପରିବାରରେ କାହାକୁ ଶ୍ୱାସ ସମସ୍ୟା ଥିଲେ ସେହି ପରିବାରର ଶିଶୁଙ୍କର ଶ୍ୱାସ ତଥା ଅନ୍ୟାନ୍ୟ ରୋଗ ଚିହ୍ନଟ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିହାତି ଆବଶ୍ୟକ ।





# ସ୍ତନ କର୍କଟ ଚିକିତ୍ସାରେ ନୂତନ ସମ୍ଭାବନା

ସ୍ତନ କର୍କଟରେ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ୨୫% ମହିଳାଙ୍କର ମୃତ୍ୟୁ ହୋଇଥାଏ । ସ୍ତନକର୍କଟର ଚିକିତ୍ସା ପାଇଁ ଔଷଧ, କେମୋଥେରାପି, ରାଡିଏସନ୍ ଥେରାପି ଏବଂ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରାଯିବା ସାଧାରଣ କଥା । ହେଲେ ଏବେ ଏହି ଚିକିତ୍ସା ପଦ୍ଧତିରେ ବିଛାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବ୍ରାଜିଲ, ୟୁନିଭର୍ସିଟି ଅଫ୍ ସାଓ ପାଉଲୋର ବୈଜ୍ଞାନିକମାନେ ଆମାଜନର ଏକ ଦୁର୍ଲଭ ବିଛା ପ୍ରୋଥେସ୍ ଆମାଜୋନିକସ୍ ବିଛା ବିଷରୁ ସ୍ୱତନ୍ତ୍ର ଅଣୁର ସନ୍ଧାନ କରିଛନ୍ତି । ଏହି ଅଣୁର ନାଁ ରହିଛି BamazScplp1 । କର୍କଟ କୋଷକୁ ନଷ୍ଟ କରିବାରେ ବେଶ୍ ପ୍ରଭାବୀ । ଏହି ଅଣୁ କର୍କଟ କୋଷ ଉପରେ ପ୍ରଭାବ ପକାଉଥିବାବେଳେ ଶରୀରର ସାଧାରଣ କୋଷ ଉପରେ କିଛି ପ୍ରଭାବ ପକାଇବନି । ସ୍ତନ କର୍କଟରେ ଦିଆଯାଉଥିବା କେମୋଥେରାପି ଔଷଧ ପାକ୍ଲିଟ୍ୟାକ୍ସେଲ ଯେପରି କର୍କଟ କୋଷକୁ ନଷ୍ଟ କରିଥାଏ, ବିଛା ବିଷର ଅଣୁ ମଧ୍ୟ ସ୍ତନକର୍କଟ କୋଷକୁ ନଷ୍ଟ କରିବାକୁ ପ୍ରଭାବୀ ବୋଲି ବୈଜ୍ଞାନିକ ପ୍ରାରମ୍ଭିକ ପରୀକ୍ଷଣରୁ ଜାଣିଥିଲେ । BamazScplp1 ଶରୀରରେ ଥିବା ଏଞ୍ଜାଇମ୍ ଗ୍ରୁପ୍ ସିରିନ୍ ପ୍ରୋଟେସେସ ସହିତ ସମ୍ବନ୍ଧିତ । ଏହା କର୍କଟ କୋଷଗୁଡିକର ଜୀବନଚକ୍ରକୁ ମଧ୍ୟ ବ୍ୟାହତ କରେ । ଏହି ପ୍ରୋଜେକ୍ଟର ଗବେଷକ ତଥା ପ୍ରଫେସର ଏଲିଏନ୍ ଅରନ୍ତେସଙ୍କ କହିବାନୁସଯାୟୀ ପିସିଆ ପାଷ୍ଟୋରିସ୍ ନାମକ ଇଷ୍ଟ ପ୍ରୟୋଗ କରିଥିଲୁ । ଏହି କୌଶଳକୁ ଉପଯୋଗ କରି କୌଣସି ପ୍ରାଣୀଙ୍କୁ କ୍ଷତି ନ ପହଞ୍ଚାଇ ବହୁ ପରିମାଣରେ ଅଣୁ ଉତ୍ପାଦନ କରାଯାଇପାରିବ । ଏପର୍ଯ୍ୟନ୍ତ BamazScplp1 ଉପରେ କେବଳ ପ୍ରାରମ୍ଭିକ ପରୀକ୍ଷା କରାଯାଇଥିଲେ ହେଁ, ଏହାର ପ୍ରଭାବକୁ ଦେଖି ବୈଜ୍ଞାନିକମାନେ ବେଶ୍ ଉତ୍ସାହିତ ରହିଛନ୍ତି । ଆଗାମୀ ପରୀକ୍ଷଣରେ ଯଦି ଏହା ନିରାପଦ ପ୍ରମାଣିତ ହୁଏ, ତେବେ ସ୍ତନ କର୍କଟ ଚିକିତ୍ସା କ୍ଷେତ୍ରରେ ଏହା ନୂତନ ଦିଗ୍‌ଦର୍ଶନ ଦେବ ।

# କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ମ୍ୟାଜିକ୍ ଚା'

**ବର୍ତ୍ତମାନର ଜୀବନ ଏବଂ ଖାଦ୍ୟପେୟ ଶୈଳୀ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ତନ୍ମଧ୍ୟରୁ ମେଦବହୁଳତା ଏକ ପ୍ରମୁଖ ସମସ୍ୟା । ମେଦବହୁଳତା ହେଲେ କୋଲେଷ୍ଟ୍ରଲ ମଧ୍ୟ ବୃଦ୍ଧି ପାଏ । ଏହା ହୃଦ୍‌ଘାତ, ରକ୍ତଚାପ ଏବଂ ମୋଟାପା ପରି ଗମ୍ଭୀର ରୋଗର କାରଣ ସାଜିପାରେ । ତେଣୁ ଉଚ୍ଚ କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଖାଦ୍ୟ ବିଶେଷଜ୍ଞ ମନପ୍ରୀତ କାଲରା ମ୍ୟାଜିକ ଚା' ଉପଯୋଗୀ ବୋଲି ମତ ରଖିଛନ୍ତି ।**

ମ୍ୟାଜିକ୍ ଚା' ଶରୀରରୁ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥ ବାହାର କରିପାରେ । ଏଥିପାଇଁ ଏକ ଗ୍ଲାସ ପାଣିରେ ଅଧା ଚାମଚ ହଳଦୀ, ଅଧା ଚାମଚ ଡାଲଚିନି, ଏକ ଚୁଟ୍‌କି ଗୋଲ ମରିଚ ପକାଇ ଏହାକୁ ୨ରୁ ୩ ମିନିଟ୍ ଫୁଟାନ୍ତୁ । ଚା' ହାଲୁକା ଥଣ୍ଡା ହୋଇଗଲେ, ଏଥିରେ ଏକ ଚାମଚ ମହୁ, ଅଧ ଚାମଚ ଲେମ୍ବୁ ରସ ମିଶାଇ ସକାଳୁ ଖାଲି ପେଟରେ ପିଇବା ହିତକର । ଚିକିତ୍ସକଙ୍କ ପରାମର୍ଶକ୍ରମେ ଗୋଟେ ମାସ ଧରି ଏହି ଚା' ପିଇବା ଦ୍ୱାରା କୋଲେଷ୍ଟ୍ରଲ ନିୟନ୍ତ୍ରଣ ହୋଇପାରେ । ରକ୍ତସଞ୍ଚାଳନ ହେବା ସହିତ ଶରୀର ଶୁଦ୍ଧି କରଣ ହୋଇଥାଏ । ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ମଧ୍ୟ ବହୁତ ଭଲ । ଚର୍ବି ହ୍ରାସ କରିବାରେ ଏହି ଚା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଔଷଧ ସେବନ କରୁଥିଲେ, କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ପିଇପାରିବେ ।



# ଧାୱନଙ୍କୁ ଇଡିର ଜେରା

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଗୁରୁବାର ଇଡି ଅଫିସରେ ହାଜର ହୋଇଛନ୍ତି। ପୂର୍ବରୁ ଇଡି ପକ୍ଷରୁ ତାଙ୍କୁ



ମୁଖ୍ୟାଳୟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ଲାଗି ନୋଟିସ କରାଯାଇଥିଲା। ତେଣୁ ୩୯ ବର୍ଷୀୟ ଧାୱନ ଗୁରୁବାର ଇଡି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଏହି ବେଟିଂ ଆପ୍‌ର ନାମ ହେଉଛି '୧ x ବେଟ୍'। ଏହି ମାମଲାରେ ଇଡିର ତଦନ୍ତର ସମ୍ମୁଖୀନ ହେବାରେ ଧାୱନ ୪ର୍ଥ ଭାରତୀୟ କ୍ରିକେଟର୍। ତାଙ୍କ ପୂର୍ବରୁ ସୁରେଶ ରାଇନା, ହରଭଜନ ସିଂହ ଓ ଯୁବରାଜ ସିଂହଙ୍କୁ ମଧ୍ୟ ଇଡି ପକ୍ଷରୁ ଜେରା ହୋଇସାରିଛି। 'କାହାର ପରାମର୍ଶରେ ଏହି ଆପ୍‌ର ପ୍ରଚାର କରୁଥିଲେ? ଏଥିଲାଗି କେତେ ଟଙ୍କା ଦିଆଯାଇଥିଲା? ଏହି ଆପ୍ ଭାରତରେ ବେଆଇନ ବୋଲି ଜାଣିଥିଲେ କି ନାହିଁ' ଭଳି ପ୍ରଶ୍ନ ଇଡି ଅଧିକାରୀମାନେ ଧାୱନଙ୍କୁ ପଚାରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତରେ ବେଟିଂକୁ ବେଆଇନ ବୋଲି ବିବେଚନା କରାଯାଏ। ଏହାସତ୍ତ୍ୱେ ଅନେକ ଭାରତୀୟ କ୍ରିକେଟର୍ ଏହି ଆପ୍‌ର ପ୍ରଚାର ଓ ପ୍ରସାର କରିଥିବା ଅଭିଯୋଗ ହୋଇଥିଲା।

# ୧୦୦ ଟଙ୍କାରେ ମିଳିବ ମହିଳା ଦିନିକିଆ ବିଶ୍ୱକପ୍ ଟିକଟ୍

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବ ମହିଳା ଦିନିକିଆ ବିଶ୍ୱକପ୍। ଏହି ମେଗା ଇଭେଣ୍ଟ ଲାଗି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଗୁରୁବାର ଲିଗ୍ ପର୍ଯ୍ୟାୟ ମ୍ୟାଚର ଟିକଟ୍ ଦର ଘୋଷଣା କରାଯାଇଛି। ଲିଗ୍ ପର୍ଯ୍ୟାୟ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୪ ଡଲାର ତଥା ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ରଖାଯାଇଛି। ଆଇସିସିର ଯେକୌଣସି ଇଭେଣ୍ଟରେ ଏହା ସର୍ବନିମ୍ନ ଟିକଟ୍ ମୂଲ୍ୟ ହେବାର ରେକର୍ଡ ହୋଇଛି। ଅଧିକରୁ ଅଧିକ ମାତ୍ରାରେ ଦର୍ଶକଙ୍କୁ ଷ୍ଟାଡିୟମକୁ ଆଣିବା ଲାଗି ଏଭଳି କମ୍ ମୂଲ୍ୟରେ ଟିକଟ୍ ଉପଲବ୍ଧ କରାଯାଉଥିବା ଆଇସିସି ପକ୍ଷରୁ କୁହାଯାଇଛି। ସେହିଭଳି ଗୌହାଟୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଉଦ୍‌ଘାଟନୀ ସମାରୋହରେ ବଲିଉଡ୍‌ର ମହାନ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଟୁର୍ଣ୍ଣାମେଣ୍ଟର ଅଫିସିଆଲ୍ ସଙ୍ଗୀତ 'ବ୍ରିଙ୍ଗ୍ ଇଟ୍ ହୋମ୍' ଗାନ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବିଶ୍ୱକପ୍ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରୁ ଇନଫର୍ମ ୱିକେଟକିପର ଯଷ୍ଟିକା ଭାଟିଆ ଆଘାତ ଲାଗି ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଉମା ଛେତ୍ରୀ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

**ଭାରତୀୟ ଦଳରୁ ଯଷ୍ଟିକା ବାଦ୍**

■ ଫିଫା ବିଶ୍ୱକପ୍

# ଫାଇନାଲ ମ୍ୟାଚ୍‌ର ଟିକଟ୍ ମୂଲ୍ୟ ୫.୯ ଲକ୍ଷ ଟଙ୍କା

ଜୁରିକ, ୪।୯ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତା ବର୍ଷ ଜୁନ ୧୧ରୁ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ଆସନ୍ତା ୧୧ ତାରିଖରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଆରମ୍ଭ ହେବ। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଗାମୀ ବିଶ୍ୱକପ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫,୨୯୦ ଟଙ୍କା) ରଖାଯାଇଛି। ସେହିଭଳି ସର୍ବାଧିକ ଟିକଟ୍‌ର ମୂଲ୍ୟ ୬,୭୧୦ ଡଲାର ରହିଛି। ଯାହାକି ଭାରତୀୟ ମୂଲ୍ୟରେ ୫ ଲକ୍ଷ ୯୧ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜଣେ ବ୍ୟକ୍ତି ଗୋଟିଏ ମ୍ୟାଚରେ ସର୍ବାଧିକ ୪ଟି ଓ ସାରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୦ଟି ଟିକଟ୍ କିଣିପାରିବେ। ୧୯୯୪ରେ ଆମେରିକାରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସର୍ବନିମ୍ନ ଓ ସର୍ବାଧିକ ଟିକଟ୍‌ର ମୂଲ୍ୟ ଯଥାକ୍ରମେ ୨୫ ଡଲାର ଓ ୪୭୫ ଡଲାର ରହିଥିଲା। ସେହିଭଳି ୨୦୨୨ରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗତ ସଂସ୍କରଣରେ ସର୍ବନିମ୍ନ ଟିକଟ୍ ମୂଲ୍ୟ ୬୯ ଡଲାର ଓ ସର୍ବାଧିକ ମୂଲ୍ୟ ୧୬୦୭ ଡଲାର ରଖାଯାଇଥିଲା। ପ୍ରକାଶଯୋଗ୍ୟ, ଏଥର ଫିଫା ବିଶ୍ୱକପ୍‌ରେ ରେକର୍ଡ ୪୮ଟି ଦେଶ ଅଂଶଗ୍ରହଣ କରିବେ।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପୁରୁଷ ଯୁଗଳ ସେମିରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୪।୯ (ଏଜେନ୍ସି):



ଭାରତର ଯୁକି ଭାମ୍ବ୍ରୀ ଓ ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କ ଯୋଡି ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଯୁଗଳ ବିଭାଗ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମୁକାବିଲାରେ ୧୪ତମ ସିଡ୍ ଭାମ୍ବ୍ରୀ-ଭେନସଙ୍କ ଯୋଡି ୧୧ଶ ସିଡ୍ କ୍ରୋଏସିଆର ନିକୋଲ ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ୬-୩, ୬-୭, ୬-୩ ସେଟ୍‌ରେ ହରାଇ ପ୍ରଥମଥର କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମୁକାବିଲାଟି ଦୀର୍ଘ ୨ ଘଣ୍ଟା ୩୯ ମିନିଟ୍ ଧରି ଚାଲିଥିଲା। ମେକ୍‌ଟିକ ଓ ରାମ ପୂର୍ବରୁ ଭିନ୍ନ ଭିନ୍ନ ପାର୍ଟନରଙ୍କ ସହ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ସେମାନେ ଭାରତ-ନ୍ୟୁଜିଲାଣ୍ଡ ଯୋଡିକୁ ହରାଇବାରେ ସମର୍ଥ ହୋଇନାହାନ୍ତି।

ଭାରତର ଶୀର୍ଷମାନ୍ୟତାପ୍ରାପ୍ତ ଯୁଗଳ ଖେଳାଳି ଯୁକି ଭାମ୍ବ୍ରୀଙ୍କୁ ବିଶ୍ୱଟେନିସ୍‌ରେ ମାନ୍ୟତା ହେଉଛି ୩୨। ଭାମ୍ବ୍ରୀ ଓ ଭେନସଙ୍କ ଯୋଡି ଚତୁରତାର ସହ ଖେଳି ଏଠାରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଥିଲେ। ପ୍ରଥମ ସେଟ୍‌ରେ ଭାମ୍ବ୍ରି-ଭେନସ ଚତୁର୍ଥ ଗେମ୍‌ରେ ସର୍ଭିସ ବ୍ରେକ୍ କରି ଖେଳକୁ ନିଜ ନିୟନ୍ତ୍ରଣକୁ ନେଇଆସିଥିଲେ। ଏହି ସେଟ୍ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ମୁକାବିଲା ଜୋରଦାର ହୋଇଥିଲା। ଉଭୟ ପ୍ରତିଦ୍ୱନ୍ଦ୍ୱୀ ସମାନ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ସେଟ୍ ଟାଇବ୍ରେକ୍‌କୁ ଯାଇଥିଲା। ଭାମ୍ବ୍ରୀ-ଭେନସ ୬-୫ରେ ଆଗୁଆ ଥିଲେ ମଧ୍ୟ ମ୍ୟାଚ୍ ପଏଣ୍ଟ ହାସଲ କରିପାରି ନ ଥିଲେ। ଏହା ପରେ ତୃତୀୟ ସେଟ୍‌ରେ ଲଢ଼େଇ ଜୋରଦାର ହୋଇଥିଲା। ୯ମ ଗେମ୍‌ରେ ଭାମ୍ବ୍ରୀ-ଭେନସ ବ୍ରେକ୍‌ପଏଣ୍ଟ ହାସଲ କରି ମ୍ୟାଚ୍ ଜିତିବାର ସୁଯୋଗ ସୃଷ୍ଟି କରିଥିଲେ। ଏହାପରେ ୭ଟି ବ୍ରେକ୍ ପଏଣ୍ଟକୁ ଅଟକାଇବା ପରେ ମ୍ୟାଚ୍ ପଏଣ୍ଟ ସଂଗ୍ରହ କରି ମୁକାବିଲାକୁ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ।

ଭାମ୍ବ୍ରୀଙ୍କ ୟୁଏସ୍ ଓପନ ସେମିଫାଇନାଲ ପ୍ରବେଶ କରିବା ସହ ଏକ ନୂଆଯୁଗର ଆରମ୍ଭ ହୋଇଛି। ଏହା ଫଳରେ ଭାରତର ଏହି ଖେଳାଳିଙ୍କର ଗ୍ରାଣ୍ଡସ୍ଲାମ୍ କ୍ୟାରିୟର ନୂଆ ମୋଡରେ ପହଞ୍ଚିଛି। ଗୁରୁବାର ରାତିରେ ଖେଳାଯିବାକୁ ଥିବା ସେମିଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡିକୁ ଭେଟିବେ। ଏଠାରେ ସାଲିସବରୀ ୨୦୨୧, ୨୦୨୨ ଓ ୨୦୨୩ରେ ପୁରୁଷ ଯୁଗଳ ଟାଇଟଲ ଜିତିଛନ୍ତି। ସ୍କୁପସ୍କି ୨୦୨୨ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସେମିଫାଇନାଲ ମୁକାବିଲା ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ।

ଏହି ବିଜୟ ଫଳରେ ଯୁକି ଭାମ୍ବ୍ରୀ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ଗତକାଲି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ବିଜୟ ସୁନ୍ଦର ପ୍ରଶାନ୍ତଙ୍କ ଯୋଡି ବ୍ରାଜିଲୀୟ ଯୋଡିଠାରୁ ପରାଜିତ ହୋଇଥିଲେ। ପୂର୍ବରୁ ଭାରତର ଭେଟେରାନ ଖେଳାଳି ରୋହନ ବୋପନ୍ନା, ଅର୍ଜୁନ ଖାଡେ ସେମାନଙ୍କ ପାର୍ଟନର ସହ ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ। ଭାମ୍ବ୍ରି ଏକମାତ୍ର ଭାରତର ଆଶା ଭାବେ ତିଷ୍ଠି ରହିଛନ୍ତି।

**ସେମିଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଜୋକୋଭିଚ୍ | ସାବାଲେଙ୍କା-ପେଗୁଲା |
| ସିନ୍ନର-ଫେଲିକ୍ସ | ଓସାକା-ଆନିସିମୋଭା |

## ପୁରୁଷ ଏକକ ସେମିରେ ସିନ୍ନର

ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସିନ୍ନର ୩-୦ ସେଟ୍‌ରେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମ୍ୟାଚ୍‌କୁ ସେ ୬-୧, ୬-୪, ୬-୨ସେଟ୍‌ରେ ଜିତିଥିଲେ। ସେମିଫାଇନାଲରେ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କ ସହ ସିନ୍ନରଙ୍କ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ନଂ-୭ ସିଡ ତଥା ରେକର୍ଡ ୨୫ତମ ଟାଇଟଲ ଜିତିବାକୁ ଆଶାୟୀ ଥିବା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଲଢ଼େଇ ହେବ। ଗତକାଲି ରାତିରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୮ତମ ସିଡ୍ ଫେଲିକ୍ସ କଡ଼ା ସଂଘର୍ଷ କରି ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଥିଲେ। ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ମ୍ୟାଚ୍‌କୁ ଫେଲିକ୍ସ ୪-୬, ୭-୬, ୭-୫, ୭-୬ ସେଟ୍‌ରେ ଜିତିନେଇଥିଲେ।

## ସ୍ୱିଆଟେକ୍ ବିଦା, ସେମିରେ ଓସାକା

୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭା ଏକତରଫା କ୍ୱାର୍ଟରଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପୂର୍ବ ଚାମ୍ପିଅନ ତଥା ଟାଇଟଲ ଆଶାୟୀ ସ୍ୱିଆଟେକ କ୍ୱାର୍ଟରଫାଇନାଲରୁ ବିଦା ହୋଇଛନ୍ତି। ତାଙ୍କୁ ବିଦା କରିଥିବା ଆନିସିମୋଭା ସେମିଫାଇନାଲରେ ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ଭେଟିବେ। ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓସାକା ଲଢୁଆ ଖେଳ ପ୍ରଦର୍ଶନ କରି ୬-୪, ୭-୬ ସେଟ୍‌ରେ ଏକାଦଶ ସିଡ୍ କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯିବ।

ଦୁଲୀପ ଟ୍ରଫି ସେମିଫାଇନାଲ

## ଜଗଦୀଶନଙ୍କ ଅପରାଜିତ ଶତକ



ବେଙ୍ଗାଲୁରୁ,୪।୯ (ଏଜେନ୍ସି): ସ୍ଥାନୀୟ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଦୁଲୀପ ଟ୍ରଫି ସେମିଫାଇନାଲ। ଏହି ସେମିଫାଇନାଲର ଉତ୍ତରାଞ୍ଚଳ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ୱିକେଟରକ୍ଷକ ଏନ୍ ଜଗଦୀଶନ ଅପରାଜିତ ଶତକ ହାସଲ କରିଛନ୍ତି। ସେ ୨୬୦ ବଲ ଖେଳି ୧୪୮ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୯୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜଗଦୀଶନଙ୍କ ସହ କାମଚଳା ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଦେବଦତ୍ତ ପଡିକାଲ ୫୭, ଓପନର ତନ୍ମୟ ଅଗରୱାଲ ୪୩ ଓ ମୋହିତ କାଲେ ୧୫ ରନ୍ କରିଛନ୍ତି। ଉତ୍ତରାଞ୍ଚଳ ପକ୍ଷରୁ ନିଶାନ୍ତ ସିନ୍ଧୁ ୨ଟି ଓ ଅଂଶୁଲ କାମ୍ବୋଜ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

## ଚମକ ଦେଖାଇଲେ ଋତୁରାଜ



ଋତୁରାଜ ଗାଏକ୍ୱାଡଙ୍କ ବିଶାଳ ୧୮୪ ରନ୍‌ର ବିରାଟ ଶତକ ବଳରେ ଏଠାରେ କେନ୍ଦ୍ରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥବେ ବ୍ୟାଟିଂ କରି ପଶ୍ଚିମାଞ୍ଚଳ ୬ ୱିକେଟରେ ୩୬୩ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ତନୁସ କୋଟିଆନ ୬୫ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁର ୨୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ତାରକା ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ ବଲ୍‌ରେ ୪ ରନ୍ ଓ ଶ୍ରେୟସ ଆୟର ୨୮ ବଲ୍ ଖେଳି ୨୫ ରନ୍ କରିପାରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଖଲୀଲ ଅହମ୍ମଦ୍ ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏସିଆ କପ୍ ଦଳରେ ଶ୍ରେୟସ ଆୟର ସ୍ଥାନ ପାଇ ନ ଥିବାରୁ ଅନେକ ସମାଲୋଚନା କରାଯାଇଥିଲା। ଗାଏକ୍ୱାଡ୍ ୨୦୬ ବଲ୍‌ରୁ ୨୫ ଚୌକା ଓ ୧ ଛକା ସହାୟତାରେ ୧୮୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।

# ସମସ୍ତ ଫର୍ମାଟ୍‌ରୁ ଅମିତ ମିଶ୍ରାଙ୍କ ସନ୍ନ୍ୟାସ

| ଫର୍ମାଟ | ମ୍ୟାଚ୍ | ୱିକେଟ୍ | ଇକୋନୋମୀ |
|---|---|---|---|
| ଟେଷ୍ଟ | ୨୨ | ୭୬ | ୩.୧୯ |
| ଦିନିକିଆ | ୩୬ | ୬୪ | ୪.୭୨ |
| ଟି-୨୦ | ୧୦ | ୧୬ | ୬.୩୧ |
| ପ୍ରଥମ ଶ୍ରେଣୀ | ୧୫୨ | ୫୩୫ | ୩.୦୩ |
| ଆଇପିଏଲ୍ | ୧୬୨ | ୧୭୪ | ୭.୩୭ |



ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଭେଟେରାନ ଭାରତୀୟ ରିଷ୍ଟ ସ୍ପିନର ଅମିତ୍ ମିଶ୍ରା ଗୁରୁବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଅମିତ୍ ଶେଷଥର ଲାଗି ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଥିଲେ। ଏହାପରେ ସେ ଘରୋଇ ଘରୋଇ ଓ ଆଇପିଏଲ୍‌ରେ ସକ୍ରିୟ ଥିଲେ। ୪୨ ବର୍ଷୀୟ ଅମିତ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ଆଜି ୨୫ ବର୍ଷ ପରେ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରୁଛି। ଏହି ଖେଳ ମୋର ପ୍ରଥମ ପ୍ରେମ, ମୋର ପ୍ରଥମ ଶିକ୍ଷକ ଓ ଖୁସିର ସବୁଠୁ ବଡ଼ ଉତ୍ସ ଥିଲା। ଏହି ଲମ୍ବା ଯାତ୍ରାରେ ମୋତେ ସମର୍ଥନ ଜଣାଇଥିବା ବିସିସିଆଇ, ହରିୟାଣା କ୍ରିକେଟ୍ ସଂଘ, ସାଥୀ ଖେଳାଳି, ପ୍ରଶିକ୍ଷକ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଉଛି।'

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ କେରଳ ବିପକ୍ଷରେ ଖେଳି ଅମିତ ହରିୟାଣା ପକ୍ଷରୁ ଘରୋଇ କ୍ରିକେଟ୍‌ରେ ପାଦ ଥାପିଥିଲେ। ସେହି ସମୟରେ ଅନିଲ କୁମ୍ବଲେ ଓ ହରଭଜନ ସିଂଙ୍କ ଭଳି ମହାନ ସ୍ପିନର ଥିବାରୁ ସେ ଭାରତ ପାଇଁ ବିଶେଷ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଟିମ୍ ଇଣ୍ଡିଆ ପାଇଁ ସେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୧୫୬ଟି ୱିକେଟ୍ ନେଇଛନ୍ତି। ଏକମାତ୍ର ବୋଲର ଭାବେ ଆଇପିଏଲ୍‌ରେ ୩ଟି ହ୍ୟାଟ୍ରିକ ନେଇଥିବା ଅମିତଙ୍କ ନାମରେ ଏହି ଲିଗରେ ୧୭୪ଟି ୱିକେଟ୍ ଲିପିବଦ୍ଧ ରହିଛି।

ଏସିଆ କପ୍ ପୁରୁଷ ହକି

# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

ରାଜଗିର,୪।୯ (ଏଜେନ୍ସି):

ଶକ୍ତିଶାଳୀ ମାଲେସିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଶୀର୍ଷରେ ରହିଛି। ଗତକାଲି ଦକ୍ଷିଣ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତ ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ସଂଗ୍ରହ କରି ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍‌କୁ ଶନିବାର ଭେଟିବ। ଏହି ଦିନ ସୁପର-୪ ମୁକାବିଲା ପରେ କେଉଁ ଦୁଇ ଦଳ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ଚୂଡାନ୍ତ ହେବ। ୨ ରାଉଣ୍ଡ ଶେଷରେ ଚୀନ୍ ଓ ମାଲେସିଆ ଗୋଟିଏ ଲେଖାଏଁ ବିଜୟ ସହ ସୁପର-୪ ପଏଣ୍ଟ ଟେବଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମାଲେସିଆ ପକ୍ଷରୁ ଖେଳର ଦ୍ୱିତୀୟ ମିନିଟ୍‌ରେ ସଫିକ ହାସନ ଫିଲ୍ଡ ଗୋଲ କରି ଭାରତକୁ ଚମକାଇଦେଇଥିଲେ। ଏହି ଗୋଲ ଖାଇବା ପରେ ଭାରତ ରଣନୀତି ବଦଳାଇଥିଲା। ଦ୍ୱିତୀୟ କ୍ୱାର୍ଟରର ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ମନପ୍ରୀତ୍ ସିଂହ, ୧୯ତମ ଓ ୨୪ତମ ମିନିଟ୍‌ରେ ସୁଖଜିତ ସିଂହ ଓ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ ଦଳ ୩-୧ରେ ଆଗୁଆ ରହିଥିଲା। ବିବେକ ସାଗର ଭାରତ ପକ୍ଷରୁ ଶେଷ ଗୋଲଟି ଦେଇଥିଲେ।



## ହରମନପ୍ରୀତ୍‌ଙ୍କ ୨୫୦ତମ ମ୍ୟାଚ୍

ମାଲେସିଆ ବିପକ୍ଷରେ ଭାରତର ନେତୃତ୍ୱ ନେଉଥିବା ହରମନପ୍ରୀତ୍ ସିଂହ ଏଠାରେ ଦେଶ ପକ୍ଷରୁ ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ମ୍ୟାଚ୍ ଆରମ୍ଭ ପୂର୍ବରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ସଫଳତାରେ ହରମନପ୍ରୀତ୍‌ଙ୍କ ଯୋଗଦାନ ଅତୁଳନୀୟ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## କୋରିଆକୁ ହରାଇଲା ଚୀନ୍

ଆଜି ଖେଳାଯାଇଥିବା ଅନ୍ୟ ଏକ ସୁପର-୪ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଦଳକୁ ଦ୍ୱିତୀୟ ମୁକାବିଲାରେ ପୂରା ପଏଣ୍ଟ ମିଳିଛି। ଗତକାଲି ଚୀନ୍ ପ୍ରଥମ ସୁପର-୪ ମ୍ୟାଚ୍‌ରେ ମାଲେସିଆଠାରୁ ୨-୦ ଗୋଲରେ ହାରିଯାଇଥିଲା।

## ଆଜିଠୁ ମହିଳା ଏସିଆ କପ୍ ହକି

ବେଜିଂ, ୪।୯ (ଏଜେନ୍ସି): ମହିଳା ଏସିଆ କପ୍ ହକିର ୧୧ତମ ସଂସ୍କରଣ ଶୁକ୍ରବାରଠାରୁ ଚାଇନାରେ ଆରମ୍ଭ ହେବ। ଭାରତୀୟ ମହିଳା ଦଳ ପୁଲ୍-ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏଥିରେ ଚାମ୍ପିଅନ ଦଳ ୨୦୨୬ ମହିଳା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍‌ରେ ଜାପାନ ଓ ଦକ୍ଷିଣ କୋରିଆ ସର୍ବାଧିକ ୩ଥର ଲେଖାଏ ଏବଂ ଭାରତ ଓ ଚାଇନା ୨ଥର ଲେଖାଏ ଚାମ୍ପିଅନ ହୋଇଛନ୍ତି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS